# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୭/୨୦୨୨ (୨୦ ପୃଷ୍ଠା) | Bhubaneswar, Wednesday, September 7/2022 | Page 20 | ₹ 7.00 | ★★★★★★

୪୮ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 283 | ମୂଲ୍ୟ ₹୭/-







# ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ

## ରାଜ୍ୟବାସୀଙ୍କୁ ସମ୍ମାନ ଉତ୍ସର୍ଗ କଲେ ନବୀନ

### ଜନସେବାରେ ୨୫ ବର୍ଷ

- ବିଜେଡିର ବ୍ୟାପକ ଆୟୋଜନ
- ପାରମ୍ପରିକ ନୃତ୍ୟଗୀତରେ କମ୍ପିଲା ବିମାନବନ୍ଦର

ଭୁବନେଶ୍ୱର,୬।୯(ବ୍ୟୁରୋ)

ଦୀର୍ଘ ୨୫ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ଆସିଛନ୍ତି। ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ନବୀନଙ୍କୁ କେବଳ ରାଜ୍ୟ ନୁହେଁ, ଜାତୀୟ ରାଜନୀତିରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଦୀର୍ଘ ଉତ୍ସର୍ଗୀକୃତ ସେବା ପାଇଁ ନବୀନଙ୍କୁ ନୂଆଦିଲ୍ଲୀଠାରେ ଚଳିତମାସ ୪ ତାରିଖରେ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ସମ୍ମାନରେ ସମ୍ମାନିତ ହେବା ପରେ ନବୀନ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୨୫ ମିନିଟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲେ। ପାରମ୍ପରିକ ନୃତ୍ୟଗୀତ ତଥା ଢୋଲ ବାଜା ଓ ନୃତ୍ୟର ତାଳେ ତାଳେ ☞ପୃଷ୍ଠା-୪





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନୂଆଦିଲ୍ଲୀରୁ ଫେରିବା ପରେ ତାଙ୍କୁ ସ୍ୱାଗତ କରିବା ପାଇଁ ଭୁବନେଶ୍ୱର ବିମାନବନ୍ଦର ନିକଟରେ ସମବେତ ବିଜେଡି ନେତା ଓ କର୍ମୀ। **(ଅଧିକ ଫଟୋ: ପୃଷ୍ଠା-୫)**

## ଭାରତର ପ୍ରଥମ ନାଜାଲ କୋଭିଡ୍ ଭାକ୍ସିନ୍‌କୁ ମଞ୍ଜୁରୀ

ନୂଆଦିଲ୍ଲୀ, ୬।୯(ପି.ଟି.)

ଭାରତ ବାୟୋଟେକ୍ ପ୍ରସ୍ତୁତ ନାଜାଲ କୋଭିଡ୍ ଟିକାକୁ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ମିଳିଛି। ଏହା କୋଭିଡ୍-୧୯ ବିରୋଧରେ ଭାରତର ଲଢ଼େଇକୁ ଆଉପାଦେ ଆଗେଇନେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ କହିଛନ୍ତି। ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଏହି ଟିକା ଦିଆଯାଇପାରିବ। ହାଇଦ୍ରାବାଦର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
କେବଳ ଚେରାପୁଞ୍ଜି ନୁହେଁ
















# ସୁସ୍ମିତାଙ୍କୁ ଭୁଲିଗଲେ ମୋଦି

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମ କମିଶନର ତଥା ପଳାତକ ବ୍ୟବସାୟୀ ଲଳିତ ମୋଦି ନିଜ ଇନ୍ଷ୍ଟାଗ୍ରାମ ବାୟୋରେ ପ୍ରୋଫାଇଲ ଫଟୋ ବଦଳାଇଛନ୍ତି। ପୂର୍ବରୁ ଏଥିରେ ସେ ପ୍ରାକ୍ତନ ମିସ୍ ୟୁନିଭର୍ସ ସୁସ୍ମିତା ସେନଙ୍କ ସହ ନିଜ ଫଟୋ ରଖିଥିଲେ, ଯହିଁରେ ଉଭୟେ ହସୁଥିବା ଦେଖିବାକୁ ମିଳିଥିଲା। ଗତ ଜୁଲାଇ ୧୪ରେ ପୋଷ୍ଟ କରିଥିବା ଉକ୍ତ ଫଟୋରେ ଲଳିତ ମୋଦି ଲେଖିଥିଲେ, ଯାହାବି ହେଉ ଶେଷରେ ମୁଁ ମୋ ପ୍ରେମିକା ସୁସ୍ମିତା ସେନଙ୍କ ସହ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛି। ଏହା ଉପରେ ସୁସ୍ମିତା ମଧ୍ୟ ନିଜ ପ୍ରତିକ୍ରିୟା ରଖିଥିଲେ। ସୋସିଆଲ ମିଡିଆରେ ଏହା ବହୁଳ ପ୍ରସାରିତ ହେବା ପରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି ବୋଲି ସୁସ୍ମିତାଙ୍କ ପ୍ରଶଂସକମାନେ ମନେକରିଥିଲେ। କିନ୍ତୁ ମୋଦି ଏବେ ସେହି ପ୍ରୋଫାଇଲ ଫଟୋକୁ ଚେଞ୍ଜ କରି କେବଳ ନିଜର ଏକ ଫଟୋ ରଖିଛନ୍ତି। ଟୁଇଟରରେ ୟୁଜର୍ସ ଲେଖିଛନ୍ତି, ମୋଦି କ'ଣ ତାଙ୍କ ବେଟର ହାଫ୍ ସୁସ୍ମିତାଙ୍କୁ ଭୁଲିଗଲେ ? ଦୁହିଁଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଗଲା କି? ଡେଟିଂର ଦେଢ଼ମାସ ପରେ ପ୍ରେମରେ ଭଙ୍ଗା ପଡ଼ିଗଲା କି? ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆଉ ଜଣେ ୟୁଜର ଲେଖିଛନ୍ତି, ଆରେ ହେ... ଅଭିନେତ୍ରୀ ସୁସ୍ମିତା ସେନ ପରା ଗତମାସରେ ତାଙ୍କ ଏକ୍ସ ବୟଫ୍ରେଣ୍ଡ ରହମାନ ଶଲ୍‌ଙ୍କ ସହ ବୁଲୁଥିଲେ। ଦୁହେଁ ମିଶି ମୁମ୍ବାଇରେ ଶପିଙ୍ଗ୍ କରୁଥିଲେ।

# ୧୭ରେ ଆସୁଛନ୍ତି ୬ ଆଫ୍ରିକୀୟ ଚିତା

୧୯୪୭ରେ ଭାରତର ଶେଷ ଚିତାର ମୃତ୍ୟୁ ଘଟିଥିଲା ଛତିଶଗଡ଼ର କୋରେଆ ଜିଲାରେ। ଏହା ପରେ ବିଶ୍ୱର ଦ୍ରୁତତମ ପ୍ରାଣୀକୁ ଦେଶରେ ବିଲୁପ୍ତ ଘୋଷଣା କରାଯାଇଥିଲା। ଏହାର ୭୫ ବର୍ଷ ପରେ ମଧ୍ୟପ୍ରଦେଶର କୁନୋ ନ୍ୟାଶନାଲ ପାର୍କକୁ ୬ ଆଫ୍ରିକୀୟ ଚିତା ଆସୁଛନ୍ତି। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମଙ୍ଗଳବାର ସୂଚନା ଦେଇଛନ୍ତି। ଚିତାଙ୍କୁ ନାମ୍ବିଆର ୱିଣ୍ଡହୋଏକ୍‌ରୁ ରାଜସ୍ଥାନର ଜୟପୁରକୁ ଅଣାଯିବ। ସେଠାରୁ ସ୍ୱତନ୍ତ୍ର ବିମାନରେ ପାଲପୁର ଦେଇ କୁନୋ ଜାତୀୟ ଉଦ୍ୟାନର ଏନ୍‌କ୍ଲୋଜରକୁ ନିଆଯିବ। ଏଥିପାଇଁ ଦୁଇଟି ହେଲିପ୍ୟାଡ୍ ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ଭିଭିଆଇପି ଅତିଥିମାନଙ୍କ ପାଇଁ ୫ ହେଲିପ୍ୟାଡ୍ ବ୍ୟବସ୍ଥା କରାଯାଇଛି। ୨୦୦୯ରେ ଆଫ୍ରିକାନ୍ ଚିତା ଇଣ୍ଟ୍ରୋଡକ୍ସନ ପ୍ରୋଜେକ୍ଟ ଇନ୍ ଇଣ୍ଡିଆର ପରିକଳ୍ପନା କରାଯାଇଥିଲା। କୋଭିଡ୍ ମହାମାରୀ ଯୋଗୁ ଏହି ପ୍ରକଳ୍ପ ଆଗେଇ ପାରି ନ ଥିଲା।



# ଆସାମରେ ୪ର୍ଥ ମଦ୍ରାସା ଭଙ୍ଗାଗଲା



**ଗୁଆହାଟୀ,୬।୯ :** ଆତଙ୍କବାଦୀ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିବା ଅଭିଯୋଗରେ ଆସାମ ଗୋଆଲପରା ଜିଲାର ଏକ ମଦ୍ରାସାକୁ ସ୍ଥାନୀୟ ଲୋକେ ଭାଙ୍ଗିଦେଇଛନ୍ତି। ଅଲ୍ କାଏଦା ସ୍ୱୀକୃତିପ୍ରାପ୍ତ ସଂଗଠନର ସଦସ୍ୟ ଥିବା ଦୁଇ ବାଂଲାଦେଶୀ ଉକ୍ତ ମଦ୍ରାସାକୁ ଆତଙ୍କବାଦୀ କାର୍ଯ୍ୟ ପାଇଁ ବ୍ୟବହାର କରୁଥିଲେ ବୋଲି ପୋଲିସ କହିଛି। ଅମିନୁଲ ଇସ୍‌ଲାମ ଏବଂ ଜାହାଙ୍ଗୀର ଆଲମ୍ ନାମକ ଦୁଇ ବାଂଲାଦେଶୀ ସେଠାରେ ୨୦୨୦ରୁ ଶିକ୍ଷାଦାନ କରିଆସୁଥିଲେ। ସେମାନେ ଫେରାର ହୋଇଯାଇଥିବାବେଳେ ପୋଲିସ ସେମାନଙ୍କୁ ଧରିବା ଲାଗି ତନାଘନା ଚଳାଇଛି। ମଦ୍ରାସା ଭଙ୍ଗାରୁଜାରେ ସରକାରୀ ଅଧିକାରୀ ସମ୍ପୃକ୍ତ ନ ଥିଲେ। ଏହାକୁ ମିଶାଇ ମାସକ ମଧ୍ୟରେ ୪ ମଦ୍ରାସା ଭଙ୍ଗାଗଲାଣି। ଆସାମ ଜିହାଦି କାର୍ଯ୍ୟକଳାପର ପେଣ୍ଠସ୍ଥଳ ପାଲଟିଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗତ ମାସରେ କହିଥିଲେ। ମସ୍‌ଜିଦ ଓ ମଦ୍ରାସାର ଧର୍ମଗୁରୁମାନେ ରାଜ୍ୟ ବାହାରୁ ଆସିଥିଲେ ନିଜକୁ ସରକାରୀ ପୋର୍ଟାଲରେ ପଞ୍ଜୀକୃତ କରାଇନେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

# ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୬।୯:** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ହିଜ୍‌ବୁଲ ମୁଜାହିଦ୍ଦିନର ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନାକୁ ଆଧାର କରି ସୁରକ୍ଷା ବଳ ଜିଲାର ପୋଶକ୍ରିରି ଅଞ୍ଚଳକୁ ଚାରିପଟୁ ଘେରି ତଲାସି ଅଭିଯାନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇବାରୁ ତାହା ଏନ୍‌କାଉଣ୍ଟରର ରୂପ ନେଇଥିଲା। ସୁରକ୍ଷା ବଳର ପାଲଟା ଗୁଳିମାଡ଼ରେ ୨ ଆତଙ୍କବାଦୀ ତାନିସ ଭଟ୍ଟ ଓରଫ କୋକବ ଦୁରୀ ଏବଂ ବଶରତ ନବୀ ନିହତ ହୋଇଛନ୍ତି। ଗତବର୍ଷ ଏପ୍ରିଲ ୯ରେ ଜଣେ ଟିଏ ଯବାନ ଏବଂ ମେ' ୨୯ରେ ଦୁଇଜଣ ସାଧାରଣ ନାଗରିକଙ୍କ ହତ୍ୟାରେ ଏହି ଆତଙ୍କବାଦୀମାନେ ସମ୍ପୃକ୍ତ ଥିଲେ ବୋଲି କଶ୍ମୀର ଜୋନ୍‌ର ଅତିରିକ୍ତ ପୋଲିସ ଡିଜି ବିଜୟ କୁମାର ଟୁଇଟ୍ କରିଛନ୍ତି।

# ୨୫ ବର୍ଷରେ ପ୍ରଥମ ଜଳ ଚୁକ୍ତି

## ଭାରତ ଓ ବାଂଲାଦେଶ ମଧ୍ୟରେ ୭ ରାଜିନାମା ସ୍ୱାକ୍ଷରିତ

**ନୂଆଦିଲ୍ଲୀ,୬।୯**

ଭାରତ-ବାଂଲାଦେଶ ମଙ୍ଗଳବାର ଏକ ଅନ୍ତରୀଣ ଜଳ ବଣ୍ଟନ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ୧୯୯୬ ଡିସେମ୍ବର ୧୨ରେ ସ୍ୱାକ୍ଷରିତ ଗଙ୍ଗା ଜଳ ଚୁକ୍ତି ପରେ କୁଶିୟାରା ନଦୀ ଜଳ ବଣ୍ଟନ ରାଜିନାମା ଉପରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ମୋହର ଦେଇଛନ୍ତି। ଦୁଇ ପଡ଼ୋଶୀ ରାଷ୍ଟ୍ରର ସୀମା ଦେଇ ପ୍ରବାହିତ ୫୪ଟି ନଦୀକୁ ତୀସ୍ତା ଜଳ ବଣ୍ଟନ ରାଜିନାମାରେ ସାମିଲ କରିବା ପାଇଁ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ଗୁରୁତ୍ୱାରୋପ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧ ଯୋଗୁ ଏହି ପ୍ରସଙ୍ଗ ଦୀର୍ଘ ୧ ଦଶନ୍ଧି ଧରି ଝୁଲି ରହିଥିଲା। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଓ ବାଂଲାଦେଶର ଜଳ ସମ୍ପଦ ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତି ଅନୁସାରେ ସୀମାନ୍ତ କୁଶିୟାରା ନଦୀରୁ ଉଭୟ ଦେଶ ପାଣି ନେବେ। ଏଥିରୁ ଆସାମର ଦକ୍ଷିଣାଞ୍ଚଳ ଓ ବାଂଲାଦେଶର ସିଲହେଟ୍ ଡିଭିଜନ୍ ଉପକୃତ ହେବା ଆଶା କରାଯାଉଛି। ନଦୀ ଓ ସେଗୁଡ଼ିକୁ ନେଇ ରହିଥିବା ଲୋକ କଥା ତଥା ଲୋକ ଗୀତ ଆମ ସାଂସ୍କୃତିକ ଐତିହ୍ୟର ସାକ୍ଷୀ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଭାରତ ଓ ବାଂଲାଦେଶ ମଧ୍ୟରେ ୭ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୪ ଦିନିଆ ଭାରତ ଗସ୍ତରେ ଆସିଥିବା ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା ଓ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଏହି ରାଜିନାମା ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ହାସିନା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଭାରତ ଓ ବାଂଲାଦେଶ ଆଇଟି, ମହାକାଶ, ଆଣବିକ ଶକ୍ତି ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ବୃଦ୍ଧି ଲାଗି ନିଷ୍ପତ୍ତି ନେଇଛନ୍ତି। ବାଂଲାଦେଶ ପ୍ରଧାନମନ୍ତ୍ରୀ ହାସିନା ଭାରତ ସହ ତୀସ୍ତା ନଦୀ ଜଳ ବଣ୍ଟନ ପ୍ରସଙ୍ଗର ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ସେ ଭାରତକୁ ବାଂଲାଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବନ୍ଧୁ ତଥା ଘନିଷ୍ଠ ପଡ଼ୋଶୀ ରୂପେ ଅଭିହିତ କରିଛନ୍ତି। ସ୍ୱାକ୍ଷରିତ ଚୁକ୍ତି ଅନୁସାରେ ବାଂଲାଦେଶର ରେଲୱେ କର୍ମଚାରୀମାନଙ୍କୁ ଭାରତରେ ପ୍ରଶିକ୍ଷଣ ଦେବା ପାଇଁ ଦୁଇ ଦେଶର ରେଳ ମନ୍ତ୍ରଣାଳୟ ମଧ୍ୟରେ ସହମତି ପ୍ରକାଶ ପାଇଛି। ସେହିପରି ରେଲୱେ ବୋର୍ଡ ଓ ବାଂଲାଦେଶ ସରକାରଙ୍କ ମିଳିତ ଆନୁକୂଲ୍ୟରେ ପଡ଼ୋଶୀ ଦେଶର ରେଳପଥ ପାଇଁ ଏଫ୍‌ଓଆଇଏସ୍ ଓ ଅନ୍ୟ ଆଇଟି ଆପ୍ଲିକେଶନ୍ ସମେତ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ବିକଶିତ କରାଯିବ। ଭାରତର ନ୍ୟାଶନାଲ ଜୁଡିସିଆଲ ଏକାଡେମୀ ଓ ବାଂଲାଦେଶର ସୁପ୍ରିମକୋର୍ଟ ମଧ୍ୟରେ ସ୍ୱାକ୍ଷରିତ ରାଜିନାମା ଅନୁସାରେ ବାଂଲାଦେଶର ବିଚାରପତିମାନଙ୍କୁ ତାଲିମ ଓ ସେମାନଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଭାରତରେ ଆୟୋଜନ କରାଯିବ। ଭାରତର କାଉନ୍ସିଲ ଫର୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍) ଏବଂ ବାଂଲାଦେଶ କାଉନ୍ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ବିସିଏସ୍‌ଆଇଆର୍) ମଧ୍ୟରେ ବୈଜ୍ଞାନିକ ତଥା କାରିଗରି ସହଯୋଗ ସକାଶେ ଏକ ଚୁକ୍ତି ସ୍ୱାକ୍ଷର କରାଯାଇଛି। ମହାକାଶ କାରିଗରି କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ନିମନ୍ତେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ହୋଇଛି। ପ୍ରସାର ଭାରତୀ ଓ ବାଂଲାଦେଶ ଟେଲିଭିଜନ ମଧ୍ୟରେ ପ୍ରସାରଣ କ୍ଷେତ୍ରରେ ସହଯୋଗ ନେଇ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି।



ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବାଂଲାଦେଶ ପ୍ରତିପକ୍ଷ ଶେଖ ହାସିନା।

**ଭାରତ ଓ ବାଂଲାଦେଶର ପାରସ୍ପରିକ ଆସ୍ଥାକୁ ଆକ୍ରମଣ କରୁଥିବା ମୌଳବାଦୀ ଶକ୍ତିଗୁଡ଼ିକର ମିଳିତ ମୁକାବିଲା ଜରୁରୀ। ୧୯୭୧ର ଆବେଗକୁ ଜୀବିତ ରଖିବା ପାଇଁ ବନ୍ଧୁତା ଓ ସହଯୋଗିତାକୁ ବଜାୟ ରଖାଯିବ। ତୀସ୍ତା ଜଳ ବଣ୍ଟନ ଚୁକ୍ତି ସମେତ ସମସ୍ତ ପ୍ରସଙ୍ଗର ସମାଧାନ ଯଥାଶୀଘ୍ର ସମ୍ଭବ କରାଯିବ। ଦୁଇ ଦେଶର ସୀମାରେ ୫୪ଟି ନଦୀ ପ୍ରବାହିତ ହେଉଛି, ଯାହାକି ଉଭୟ ପଡ଼ୋଶୀ ରାଷ୍ଟ୍ରର ଲୋକଙ୍କ ଜୀବିକା ସହ ଜଡ଼ିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।**

**୧୯୭୧ ବାଂଲାଦେଶ ମୁକ୍ତି ଯୁଦ୍ଧରେ ସାମିଲ ହୋଇ ଶହୀଦ ହୋଇଥିବା ଯବାନମାନଙ୍କ ପିଲାଙ୍କୁ ପଡ଼ୋଶୀ ଦେଶ ମୁଜିବୁର ସ୍କଲାରଶିପ୍ ପ୍ରଦାନ କରିବ। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ବାପା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ ନାମରେ ଏହି ପୁରସ୍କାରର ନାମକରଣ କରାଯାଇଛି। ଭାରତୀୟ ସେନାର ୨୦୦ ଶହୀଦଙ୍କ ପରିବାରକୁ ବୁଧବାର ସ୍କଲାରଶିପ୍ ଦିଆଯିବ। ମୁକ୍ତି ଯୁଦ୍ଧ ବେଳେ ବାଂଲାଦେଶକୁ ଦେଇଥିବା ବହୁମୂଲ୍ୟ ସମର୍ଥନ ପାଇଁ ଆମେ ଭାରତ ନିକଟରେ ଋଣୀ ବୋଲି ହାସିନା କହିଛନ୍ତି। ଏହି ଯୁଦ୍ଧରେ ଭାରତୀୟ ସେନାର ୧,୯୮୪ ଯବାନ ଶହୀଦ ହୋଇଥିଲେ।**

# ଘରୋଇ ହସ୍ପିଟାଲରେ ସୁରକ୍ଷା ଯୋଗାଇବାକୁ ସରକାରଙ୍କୁ କୁହାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୬।୯**

ପ୍ରାଇଭେଟ ହସ୍ପିଟାଲଗୁଡ଼ିକ ଘରୋଇ ଉଦ୍ୟୋଗ ହୋଇଥିବାରୁ ସେମାନଙ୍କୁ ନିଜସ୍ୱ ସୁରକ୍ଷା ବ୍ୟବସ୍ଥା କରିବାକୁ ହେବ। ସୁରକ୍ଷା ଯୋଗାଇବାକୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସରକାରୀ ହସ୍ପିଟାଲ ପାଇଁ ସୁରକ୍ଷା ବ୍ୟବସ୍ଥା ରହିଛି। ଘରୋଇ ହସ୍ପିଟାଲର ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇଦେବା ନିମନ୍ତେ ଗାଇଡ୍‌ଲାଇନ ପାଇଁ ଦାଏର ପିଟିଶନକୁ ଜଷ୍ଟିସ ଏସ୍.କେ. କୌଲଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି।

# ସହରାଞ୍ଚଳରେ କମୁଛି ବେରୋଜଗାରୀ

**ନୂଆଦିଲ୍ଲୀ,୬।୯(ଆଇଏଏନ୍ଏସ୍)**

ଗତ ଏପ୍ରିଲ-ଜୁନ୍ ତ୍ରୈମାସିକରେ ଭାରତର ସହରାଞ୍ଚଳରେ ବେରୋଜଗାରୀ ହାରରେ ଉନ୍ନତି ଘଟିଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ରିପୋର୍ଟରୁ ଜଣାପଡ଼ିଛି। ଏହି ତ୍ରୈମାସିକରେ ବେରୋଜଗାରୀ ହାର ୭.୬%କୁ ହ୍ରାସ ପାଇଛି, ଯାହାକି ପୂର୍ବବର୍ଷ ୧୨.୬ ପ୍ରତିଶତ ଥିଲା। ଦେଶର ଅର୍ଥନୀତି କୋଭିଡ୍‌ଜନିତ ମାନ୍ଦାବସ୍ଥାରୁ ମୁକୁଳି ଆସିଥିବାର ଏହା ସ୍ପଷ୍ଟ ସୂଚନା। ଗତ ମାର୍ଚ୍ଚରେ ଶେଷ ହୋଇଥିବା ତ୍ରୈମାସିକରେ ସହରାଞ୍ଚଳ ବେରୋଜଗାରୀହାର ୮.୨ ପ୍ରତିଶତ ଥିଲା।



ତେଲ ଆଭିଭ୍ ଆକ୍ରମଣକାରୀ ରାଏଦ୍ ହଜେମଙ୍କ ୱେଷ୍ଟ ବ୍ୟାଙ୍କ ସ୍ଥିତ ନେନିନ ବାସଭବନକୁ ଇସ୍ରାଏଲ୍ ସୁରକ୍ଷା ବଳ ଭାଙ୍ଗିଦେବା ପରେ ପାଲେଷ୍ଟିନୀୟ ମାନେ ସେଠାକୁ ଯାଇ ଦେଖୁଛନ୍ତି।

# ସିସୋଡିଆଙ୍କ ଘରେ ଇଡି

**ନୂଆଦିଲ୍ଲୀ,୬।୯**

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବାସଭବନ ସମେତ ଦେଶର ୩୦ ସ୍ଥାନରେ ଚଢ଼ାଉ କରିଛି। ସିସୋଡିଆ ମଦ ବ୍ୟବସାୟୀମାନଙ୍କ ଇଚ୍ଛା ଅନୁସାରେ ସେମାନଙ୍କ ଲାଇସେନ୍ସ ଅବଧି ବଢ଼ାଇବା ସହ ୩୦ କୋଟି ଟଙ୍କା ଛାଡ଼ କରିଥିବା ଇଡି ଅଧିକାରୀମାନେ କହିଛନ୍ତି। ସୂଚନାନୁସାରେ ଉତ୍ତର ପ୍ରଦେଶର ଲକ୍ଷ୍ନୌ, ହରିୟାଣାର ଗୁରୁଗ୍ରାମ, ଚଣ୍ଡିଗଡ଼, ମୁମ୍ବାଇ, ହାଇଦ୍ରାବାଦ ଓ ଅନ୍ୟ କେତେକ ସହରରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି। ସକାଳୁ ଆରମ୍ଭ ହୋଇଥିବା ଯାଞ୍ଚ ବିଳମ୍ବିତ ରାତି ଯାଏ ଚାଲିଥିଲା।



ମନୀଷ ସିସୋଡିଆ

## ଦେଶର ୩୦ ସ୍ଥାନରେ ଚଢ଼ାଉ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଦାଏର ଏଫ୍‌ଆଇଆର୍ ଆଧାରରେ ଇଡି ଏହି ମାମଲା ରୁଜୁ କରିଛି। ଉକ୍ତ ଏଫ୍‌ଆଇଆର୍‌ରେ ସିସୋଡିଆଙ୍କୁ ୧ ନମ୍ବର ଅଭିଯୁକ୍ତ ଦର୍ଶାଯାଇଛି। ଦିଲ୍ଲୀର ଅବକାରୀ ନୀତି ଏକ୍ସାଇଜ୍ ରୁଲ୍ସକୁ ଉଲ୍ଲଂଘନ କରୁଥିବା ଏଥିରେ କୁହାଯାଇଛି।

# ଦାୟିତ୍ୱ ନେଲେ ଲିଜ୍ ଟ୍ରସ୍

**ଲଣ୍ଡନ,୬।୯:** ବ୍ରିଟେନ ମହାରାଣୀ ଏଲିଜାବେଥ ଦ୍ୱିତୀୟ କଞ୍ଜରଭେଟିଭ୍ ପାର୍ଟିର ନବନିର୍ବାଚିତ ନେତା ଲିଜ୍ ଟ୍ରସ୍‌ଙ୍କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ତଥା ଫାଷ୍ଟ ଲେଡି ଅଫ୍ ଟ୍ରେଜେରି ନିଯୁକ୍ତ କରିଛନ୍ତି। ୪୭ ବର୍ଷୀୟା ଟ୍ରସ୍ ହେଉଛନ୍ତି ୬ ବର୍ଷ ମଧ୍ୟରେ କଞ୍ଜରଭେଟିଭ୍ ପାର୍ଟିରୁ ନିର୍ବାଚିତ ଚତୁର୍ଥ ପ୍ରଧାନମନ୍ତ୍ରୀ। ୯୬ ବର୍ଷୀୟା ସମ୍ରାଜ୍ଞୀ ଏଲିଜାବେଥ ତାଙ୍କୁ ନୂଆ ସରକାର ଗଠନ ପାଇଁ ପରାମର୍ଶ ଦେଇଥିବା ବକିଂହାମ୍ ପ୍ୟାସେଲ ପକ୍ଷରୁ କୁହାଯାଇଛି। ୩ ବର୍ଷ ପ୍ରଧାନମନ୍ତ୍ରୀ ରହିବା ପରେ ବିବାଦୀୟ ହୋଇ ପଦ ଛାଡ଼ିଥିବା ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ଟ୍ରସ୍‌ଙ୍କ ଆଗରେ ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି, ଶକ୍ତି ସଙ୍କଟ ଭଳି ଅନେକ ଚ୍ୟାଲେଞ୍ଜ ରହିଛି। ବ୍ରିଟେନ ଚଳିତ ବର୍ଷ ଶେଷ ସୁଦ୍ଧା ଏକ ଦୀର୍ଘକାଳୀନ ମାନ୍ଦାବସ୍ଥାକୁ ସାମ୍ନା କରିବାକୁ ଯାଉଛି ବୋଲି ବ୍ୟାଙ୍କ ଅଫ୍ ଇଂଲଣ୍ଡ ପକ୍ଷରୁ ସତର୍କ କରାଯାଇଥିବାବେଳେ ଏହି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଟ୍ରସ୍ କେତେ ସଫଳ ହେବେ ତା' ଉପରେ ସମସ୍ତଙ୍କ ନଜର ରହିଛି।



# ୭୭ ପୃଷ୍ଠାର ସୁଇସାଇଡ୍ ନୋଟ୍

**ନୂଆଦିଲ୍ଲୀ,୬।୯**

ଆତ୍ମହତ୍ୟା କରିବା ପୂର୍ବରୁ କେହି କେହି ଏହାର କାରଣ ଦର୍ଶାଇ ସୁଇସାଇଡ୍ ନୋଟ ଲେଖିଛନ୍ତି। ତେବେ ୭୭ ପୃଷ୍ଠାର ସୁଇସାଇଡ୍ ନୋଟ୍ ଲେଖିବା ପ୍ରଥମ ଘଟଣା। ଦିଲ୍ଲୀର ଜଣେ ୨୫ ବର୍ଷୀୟ ଯୁବକ ଜୀବନ ହାରିବା ପୂର୍ବରୁ ଏଭଳି ଏକ ଲମ୍ବା ପତ୍ର ଲେଖିଛନ୍ତି। କେବଳ ସେତିକି ନୁହେଁ ସେ ୩ ଦିନ ପୂର୍ବରୁ ନିଜ ମାଆଙ୍କୁ ହତ୍ୟା କରି ଘରେ ରଖିଥିଲେ। ଦୁର୍ଗନ୍ଧ ନ ବାହାରିବା ପାଇଁ ସେ ଘରେ ଅତର ସ୍ପ୍ରେ କରିଥିଲେ ଓ ଗୀତାପାଠ କରିଥିଲେ। ରୋହିଣୀ ଅଞ୍ଚଳରେ ରହୁଥିବା କ୍ଷିତିଜଙ୍କ ଘରୁ ଦୁର୍ଗନ୍ଧ ଆସିବାରୁ ରବିବାର ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ଗତ ଗୁରୁବାର କ୍ଷିତିଜ ତାଙ୍କ ମାଆଙ୍କୁ ହତ୍ୟା କରିଥିଲେ। ରବିବାର ସକାଳ ୭ଟାରେ ସେ ତାଙ୍କର ଜଣେ ସାଙ୍ଗଙ୍କୁ ଏ ସମ୍ପର୍କରେ ସୂଚନା ଦେବା ସହ ନିଜେ ଆତ୍ମହତ୍ୟା କରିବାକୁ ଯାଉଥିବା ଟେଲିଫୋନ୍ ଯୋଗେ କହିଥିଲେ। ସେ ଅବସାଦରେ ଥିଲେ ଏବଂ ମାଆଙ୍କୁ ହତ୍ୟା କରିବା ସମ୍ପର୍କରେ ୭୭ ପୃଷ୍ଠାର ସୁଇସାଇଡ୍ ନୋଟରେ ସ୍ୱୀକାର କରିଛନ୍ତି। ବେରୋଜଗାରୀ କାରଣରୁ ସେ ଆତ୍ମହତ୍ୟା କରିବାକୁ ଚାହିଁଲେ ବୋଲି ସେଥିରେ ଉଲ୍ଲେଖ କରିଛନ୍ତି।

## ଆତ୍ମହତ୍ୟା ପୂର୍ବରୁ ମା'ଙ୍କୁ ମାରି ଗୀତାପାଠ



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୦୯,୮୦,୭୧୯ | ୬୫,୦୫,୭୫୫ | ୫୮,୮୫,୨୬,୮୭୫ |
| ଭାରତ | ୪,୪୪,୬୬,୮୬୨ | ୫,୨୮,୦୩୦ | ୪,୩୮,୮୬,୪୯୬ |
| ଓଡ଼ିଶା | ୧୩,୨୮,୮୭୫ | ୯୧୮୨(+୫୩) | ୧୩,୧୮,୩୫୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ପୋଲାଭରମ୍ ମାମଲାରେ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ବିବାଦ ସମାଧାନରେ ଅଗ୍ରଣୀ ଭୂମିକା ନିଅ

**ନୂଆଦିଲ୍ଲୀ,୬।୯**

ଗୋଦାବରୀ ନଦୀରେ ପୋଲାଭରମ ଜଳସେଚନ ପ୍ରକଳ୍ପ ନିର୍ମାଣକୁ ନେଇ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡ଼ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଏହାର ସମାଧାନରେ ଅଗ୍ରଣୀ ଭୂମିକା ନେବା ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ର ସରକାର ନିର୍ମାଣ କରୁଥିବା ପୋଲାଭରମ ପ୍ରକଳ୍ପ ଯୋଗୁ ପରିବେଶଗତ ସମସ୍ୟା ସୃଷ୍ଟି ହେବାକୁ ଥିବାରୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଏଥିପାଇଁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ଉଚ୍ଚ ପଦାଧିକାରୀମାନଙ୍କ ବୈଠକ ଡାକି ସମାଧାନର ସୂତ୍ର ବାହାର କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇଛନ୍ତି। ତେଣୁ ସମସ୍ତ ସମ୍ପୃକ୍ତ ରାଜ୍ୟର ମୁଖ୍ୟ ସଚିବଙ୍କ ବୈଠକ ଡାକି କେନ୍ଦ୍ର ସମାଧାନ ସୂତ୍ର ବାହାର କରିବା ଆବଶ୍ୟକ। ସେଥିରେ କୌଣସି ମତପାର୍ଥକ୍ୟ ରହିଲେ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ଡକାଯାଇ ସମାଧାନ କରାଯାଇପାରେ ବୋଲି ଜଷ୍ଟିସ୍ ସଞ୍ଜୟ କିଷନ କୌଲ, ଅଭୟ ଏସ୍. ଓକା ଏବଂ ବିକ୍ରମ ନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରସ୍ତାବ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୭କୁ ଧାର୍ଯ୍ୟ ହୋଇଛି।

ଓଡ଼ିଶା ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ୍ କୋର୍ଟଙ୍କୁ କହିଥିଲେ, ବୈଧ ପରିବେଶ ମଞ୍ଜୁରୀ ବିନା ପୋଲାଭରମ୍ ପ୍ରକଳ୍ପ ନିର୍ମାଣ ହେଉଥିବାରୁ ଏହା କାର୍ଯ୍ୟକାରୀ ହେଲେ ଓଡ଼ିଶାର ବହୁ ଅଞ୍ଚଳ ଜଳମଗ୍ନ ହେବ। ନିକଟରେ ଓଡ଼ିଶାର ଅନେକ ଅଞ୍ଚଳରେ ବନ୍ୟା ଦେଖାଦେଇଛି। ବଚାୱତ ଟ୍ରିବ୍ୟୁନାଲ ସୁପାରିସ୍‌ର ଉଲ୍ଲଂଘନ କରାଯାଇ ପ୍ରକଳ୍ପ ନିର୍ମାଣ କରାଯାଉଥିବା ସୁବ୍ରମଣ୍ୟମ କହିଥିଲେ। ଓଡ଼ିଶାର ଅନେକ ଅଞ୍ଚଳକୁ ବୁଡ଼ିରୁ ରକ୍ଷା କରିବାକୁ ହେଲେ ଗୋଦାବରୀ ନଦୀରେ ପ୍ରକଳ୍ପର ଉପର ମୁଣ୍ଡରେ ଦୁଇଟି ବ୍ୟାରେଜ୍ ନିର୍ମାଣ ହେବା ଆବଶ୍ୟକ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ପୋଲାଭରମ ପ୍ରକଳ୍ପର ଜଳଧାରଣ କ୍ଷମତା ୩୬ ଲକ୍ଷରୁ ୫୦ ଲକ୍ଷ କ୍ୟୁସେକ୍‌କୁ ବୃଦ୍ଧି କରାଯାଇଥିବାରୁ ତେଲଙ୍ଗାନା ପକ୍ଷର ଓକିଲ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରକଳ୍ପ ଯୋଗୁ ତେଲଙ୍ଗାନାର ବିଭିନ୍ନ ଅଞ୍ଚଳରେ ନିକଟରେ ବନ୍ୟା ହୋଇଥିବା ସେ କହିଥିଲେ। ଅନ୍ୟପକ୍ଷରେ ଜନଶୁଣାଣି ଆୟୋଜନ ନିମନ୍ତେ ଓଡ଼ିଶା ସରକାର ସହଯୋଗ କରୁ ନ ଥିବା ଆନ୍ଧ୍ରପ୍ରଦେଶ ପକ୍ଷରୁ କୁହାଯାଇଛି।



# ଆଲବମ୍ କଳାକାର ସତ୍ୟଜିତ୍ ପୁରୋହିତଙ୍କ ପରଲୋକ

**ବଲାଙ୍ଗୀର ଅଫିସ/ କଣ୍ଟାବାଞ୍ଜି, ୬।୯(ଡି.ଏନ.ଏ.)**



ସତ୍ୟଜିତ୍ ପୁରୋହିତ

ଲୋକପ୍ରିୟ ଆଲବମ୍ ତଥା ସିରିଏଲ କଳାକାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ଆଶ୍ରମପଡା ନିବାସୀ ସତ୍ୟଜିତ୍ ପୁରୋହିତ (୩୫)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁବ୍ କମ୍‌ଦିନରେ ସେ ଆଲବମ୍ ଜଗତରେ ଲୋକପ୍ରିୟ କଳାକାରଭାବେ ସୁନାମ ଅର୍ଜନ କରିଥିଲେ। ଅନେକ ଟିଭି ସିରିଏଲରେ ସେ ପ୍ରଭାବୀ ଅଭିନୟ କରିଛନ୍ତି। ସତ୍ୟଜିତ ଲୋକପ୍ରିୟ ଆଲବମ୍ ଶ୍ରାବଣୀରେ ଶ୍ରାବଣ, କହିବକି ପ୍ରେମ କାହିଁକି ହୁଏ, ଝରଣା ପାଣି, ସିଆଳ ପରୀରେ ଅଭିନୟ କରି ତାଙ୍କ ଅଭିନୟ ଦକ୍ଷତା ପ୍ରତିପାଦିତ କରିଥିଲେ। ସେ ସମ୍ବଲପୁରୀ ଏବଂ ନାଗପୁରୀ ଆଲବମ୍‌ରେ ମଧ୍ୟ ଅଭିନୟ କରିଛନ୍ତି। ତାଙ୍କ ବିୟୋଗରେ ଆଲବମ୍ ଜଗତ ଓ କଳାକାରଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ମରଶରୀର କଣ୍ଟାବାଞ୍ଜି ନିଆଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡଭାଇ କିଶୋର ପୁରୋହିତ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଆଶ୍ରମପଡା ବାସଭବନକୁ ଯାଇ ଶେଷଦର୍ଶନ କରିଛନ୍ତି।

# ୟୁକ୍ରେନ୍ ଫେରନ୍ତାଙ୍କୁ ଏନ୍‌ଏମ୍‌ସିର କ୍ଲିନ୍‌ଚିଟ୍

## ବିଶ୍ୱର ଯେକୌଣସି ସ୍ଥାନରେ ପଢ଼ିପାରିବେ

**ନୂଆଦିଲ୍ଲୀ,୬।୯**

ୟୁକ୍ରେନ୍‌ରେ ମେଡିକାଲ ଶିକ୍ଷା ଲାଭ କରୁଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ପାଇଁ ନ୍ୟାଶନାଲ ମେଡିକାଲ କମିଶନ(ଏନ୍‌ଏମ୍‌ସି) ପକ୍ଷରୁ ବଡ଼ ଆଶ୍ୱସ୍ତି ମିଳିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ସେଠାରୁ ଅଧାରୁ ଫେରି ଆସିଥିବା ଛାତ୍ରୀଛାତ୍ରମାନେ ଏବେ ବିଶ୍ୱର ଯେକୌଣସି ସ୍ଥାନରେ ଶିକ୍ଷା ଗ୍ରହଣ ପାଇଁ ଆବେଦନ କରିପାରିବେ। ଏଥିପାଇଁ ଏନ୍‌ଏମ୍‌ସି ମଞ୍ଜୁରୀ ପ୍ରଦାନ କରିଛି। ପୂର୍ବରୁ ବିଦେଶରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ରଙ୍କୁ ପାଠ୍ୟକ୍ରମ ଅଧାରୁ ଦେଶ ପରିବର୍ତ୍ତନ କରିବାକୁ ଅନୁମତି ନ ଥିଲା। ବିଶେଷ ସ୍ଥିତିକୁ ଅନୁଧ୍ୟାନ କରି ଏନ୍‌ଏମ୍‌ସି ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ତେବେ କ୍ରାଇଟେରିଆ ଅଫ୍ ସ୍କ୍ରିନିଂ ଟେଷ୍ଟ ରେଗୁଲେଶନ-୨୦୦୨କୁ ଯେଉଁ ପିଲାମାନେ ପୂରଣ କରିପାରୁଥିବେ ସେହିମାନଙ୍କ କ୍ଷେତ୍ରରେ ହିଁ ଉପରୋକ୍ତ ନିର୍ଦ୍ଦେଶ ଲାଗୁ ହୋଇପାରିବ ବୋଲି ଏନ୍‌ଏମ୍‌ସି ସ୍ପଷ୍ଟ କରିଛି।

ପୂର୍ବରୁ ଯେଉଁ ବିଦେଶୀ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ମେଡିକାଲ ଶିକ୍ଷା ଲାଭ କରୁଥିଲେ, ସେହିଠାରେ ସେମାନେ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଶେଷ କରିବା ସହ ପ୍ରଶିକ୍ଷଣ ଏବଂ ଇଣ୍ଟର୍ନଶିପ୍ ଏବଂ କ୍ଲର୍କଶିପ୍ କରିବାକୁ ଅନୁମତି ମିଳୁଥିଲା। ପାଠ୍ୟକ୍ରମ ମଝିରେ ସେମାନଙ୍କୁ ଅନ୍ୟ ସ୍ଥାନରେ ପ୍ରଶିକ୍ଷଣ କିମ୍ବା ଇଣ୍ଟର୍ନଶିପ୍ ନେବାକୁ ଅନୁମତି ନ ଥିଲା। ୟୁକ୍ରେନ୍‌ରେ ଯୁଦ୍ଧ ହେବା ପରେ ସେଠାରେ ଶିକ୍ଷା ଗ୍ରହଣ କରୁଥିବା ଭାରତୀୟ ଛାତ୍ରମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ନିଜର ଭବିଷ୍ୟତକୁ ନେଇ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି। ଏଭଳି ସ୍ଥିତିରେ ୟୁକ୍ରେନ ପକ୍ଷରୁ ଶିକ୍ଷାନୁଷ୍ଠାନ ପରିବର୍ତ୍ତନ କରିବା ପାଇଁ ଅନୁମତି ଦେବାସମ୍ପର୍କରେ ହୋଇଥିବା ପ୍ରସ୍ତାବକୁ ବୈଦେଶିକ ମନ୍ତ୍ରଣାଳୟ ସହ ଆଲୋଚନା କରି କମିଶନ ଏଭଳି ନିଷ୍ପତ୍ତି ନେଇଛି। ତେବେ ଏହି ନିଷ୍ପତ୍ତି ସାମୟିକ ଭାବେ କାର୍ଯ୍ୟ କରିବାକୁ ଥିବାବେଳେ ମେଡିକାଲ୍ ଡ୍ରିଗ୍ରୀ ପ୍ରମାଣପତ୍ର ମୂଳ ଶିକ୍ଷାନୁଷ୍ଠାନଠାରୁ ମିଳିବ ବୋଲି ଏନ୍‌ଏମ୍‌ସି ସ୍ପଷ୍ଟ କରିଛି। ଇତିମଧ୍ୟରେ ୟୁକ୍ରେନରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଖୋଲିଯାଇଥିଲେ ସୁଦ୍ଧା ସେଠାରେ ଲାଗି ରହିଥିବା ବିବାଦୀୟ ସ୍ଥିତି ଯୋଗୁ ପିଲାମାନେ ଯିବାକୁ ଚାହୁଁ ନ ଥିବା ଜଣାପଡ଼ିଛି। ଅଧିକାଂଶ ଛାତ୍ରୀଛାତ୍ର ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷା ଲାଭ କରୁଛନ୍ତି। ତେବେ କେବଳ ଥିଓରି କ୍ଲାସ୍‌କୁ ଅନ୍‌ଲାଇନ୍ ମାଧ୍ୟମରେ କରିବାକୁ ଏନ୍‌ଏମ୍‌ସି ଅନୁମତି ଦେଇଥିଲା। ହେଲେ ଏବେ ଛାତ୍ରୀଛାତ୍ରମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।







**ଆଜିର ମନ୍ତବ୍ୟ**

"କୋଭିଡ୍ ମହାମାରୀ ଏବଂ ସଦ୍ୟ ବୈଶ୍ୱିକ ଘଟଣାକ୍ରମରୁ ଉଭୟ ଭାରତ ଓ ବାଂଲାଦେଶ ଶିକ୍ଷା ଗ୍ରହଣ କରି ଦୁଇ ଦେଶର ଅର୍ଥନୀତିକୁ ମଜଭୁତ କରିବା ଆବଶ୍ୟକ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................

ବୟସ: ........................................

ଜନ୍ମ ତାରିଖ: ..............................



ଆରାଧନା
ପରିବାରବର୍ଗ



ସ୍ୱପ୍ନାରାଣୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମହୁମାଛି ଆକ୍ରମଣରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ

**ଲହୁଣୀପଡ଼ା,୬।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ମହୁଲପଦା ପଞ୍ଚାୟତ ଧୁକାମୁଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମହୁମାଛି ଆକ୍ରମଣରେ ଜଣେ ୭ ମାସର ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁମି ମୁଣ୍ଡା (୩୫)।

ମିଳିଥିବା ସୂଚନା ଅନୁଯାୟୀ, ଧୁକାମୁଣ୍ଡା ଗ୍ରାମର ଘୁଷା ମୁଣ୍ଡାଙ୍କ ସ୍ତ୍ରୀ ସୁମି ସୋମବାର ଅପରାହ୍ଣ ପ୍ରାୟ ୪ଟା ବେଳେ ବାସନ ଧୋଇବା ପାଇଁ ଘର ନିକଟସ୍ଥ ନାଳକୁ ଯାଇଥିଲେ। ଏହି ସମୟରେ ପାଖ ଗଛରୁ ମହୁମାଛିମାନେ ହଠାତ୍ ବାହାରି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହେବା ସହ ଚେତାଶୂନ୍ୟ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇ ପଡ଼ିବାରୁ ତାଙ୍କୁ ବଣାଇ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁମିଙ୍କର ରାତିରେ ମୃତ୍ୟୁ ଘଟିଥିବାରୁ ମୃତଦେହ ମର୍ଗ ହାଉସରେ ରଖାଯାଇଥିଲା। ମଙ୍ଗଳବାର ସକାଳେ ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ମହୁଲପଦା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଉକ୍ତ ଗାଁ ଚାରିପାଖରେ ଜଙ୍ଗଲ ରହିଛି।

# ଆଜି ପ୍ରକାଶ ପାଇବ ମେଧା ତାଲିକା

## ଯୁକ୍ତ୩ ପ୍ରଥମ, ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ ନାମଲେଖା ପାଇଁ ବୁଧବାର ଅପରାହ୍ଣ ୨ଟାରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା ମେଧା ତାଲିକା ପ୍ରକାଶ ପାଇବ। ଏହା ସାମ୍ସ ୱେବ୍‌ସାଇଟ samsodisha.gov.inରେ ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟ ନାମଲେଖା ୭ତାରିଖ ଅପରାହ୍ଣ ୨ଟାରୁ ୧୧ ତାରିଖ ଅପରାହ୍ଣ ୫ଟା ଯାଏ ଚାଲିବ। ରବିବାର ମଧ୍ୟ ନାମଲେଖା ହେବ। ଏହାପରେ ୧୬ତାରିଖ ଅପରାହ୍ଣ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୧୬ତାରିଖ ଅପରାହ୍ଣ ୨ଟାରୁ ୧୯ତାରିଖ ଅପରାହ୍ଣ ୫ଟା ଭିତରେ ନାମ ଲେଖାଇବେ। ଏଥିରେ ମଧ୍ୟ ରବିବାର ନାମଲେଖା ହେବ। ୨୮ତାରିଖ ଅପରାହ୍ଣ ୨ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୮ତାରିଖ ଅପରାହ୍ଣ ୨ଟାରୁ ଅକ୍ଟୋବର ୧ ତାରିଖ ଅପରାହ୍ଣ ୫ଟା ମଧ୍ୟରେ ସ୍ପଟ ନାମଲେଖା ହେବ। ସୂଚନାଯୋଗ୍ୟ, ଯୁକ୍ତ୩ ନାମଲେଖା ପାଇଁ ଅଗଷ୍ଟ ୧୧ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୫ ତାରିଖ ପର୍ଯ୍ୟନ୍ତ ଆବେଦନ କରିବାକୁ ସମୟ ଧାର୍ଯ୍ୟ ହୋଇଥିବାବେଳେ ରାଜ୍ୟରେ ବନ୍ୟା ପରିସ୍ଥିତି ପାଇଁ ତାହାକୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା।

ସେହିପରି ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ନାମଲେଖା ପାଇଁ ବୁଧବାର ଅପରାହ୍ଣ ୩ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏହା ସାମ୍ସ ୱେବ୍‌ସାଇଟ samsodisha.gov.inରେ ଉପଲବ୍ଧ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୮ରୁ ୧୦ତାରିଖ ଅପରାହ୍ଣ ୫ଟା ଭିତରେ ନାମ ଲେଖାଇବେ। ବଳକା ସିଟ୍‌ରେ ନାମଲେଖା ପାଇଁ ୧୫ ତାରିଖ ଅପରାହ୍ଣ ୨ଟାରେ ସ୍ପଟ ମେଧା ତାଲିକା ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ଯେତିକି ସିଟ୍ ବଳକା ପଡ଼ିଥିବ ତା'ର ୧୦ ଗୁଣା ସ୍ପଟ ମେଧା ତାଲିକାରେ ପ୍ରକାଶ ପାଇବ। ୧୭ରୁ ୨୦ ତାରିଖ ମଧ୍ୟରେ ସ୍ପଟ ନାମଲେଖା ହେବ। ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ନାମଲେଖା ପାଇଁ ୪,୮୦,୭୦୪ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪,୦୪,୪୦୦ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟ ନାମଲେଖା ଅଗଷ୍ଟ ୧୯ରୁ ୩୦ତାରିଖ ମଧ୍ୟରେ ହୋଇଥିଲା। ପୂର୍ବରୁ ୨୫ତାରିଖ ପର୍ଯ୍ୟନ୍ତ ଏହି ନାମଲେଖା ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ରାଜ୍ୟରେ ବନ୍ୟା ପରିସ୍ଥିତି ପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧିକୁ ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହି ପର୍ଯ୍ୟାୟରେ ମୋଟ ୩ଲକ୍ଷ ୪୪ହଜାର ୩୪୩ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।

# ୭୯୪ ଶିକ୍ଷକଙ୍କ ମେଡିକାଲ ଟେଷ୍ଟ ହେବ

## ସ୍ୱାସ୍ଥ୍ୟଗତ କାରଣ ଯୋଗୁ ବଦଳି ଚାହୁଁଛନ୍ତି

**ଭୁବନେଶ୍ୱର, ୬।୯(ବ୍ୟୁରୋ):** ରାଜ୍ୟରେ ୭୯୪ ଜଣ ଶିକ୍ଷକଙ୍କ ମେଡିକାଲ ଟେଷ୍ଟ ହେବ। ୨୦୨୨ରେ ଏହି ଶିକ୍ଷକମାନେ ବଦଳି ପାଇଁ ଆବେଦନ କରିଥିଲେ। କେଉଁ ସ୍ୱାସ୍ଥ୍ୟଗତ କାରଣ ଯୋଗୁ ସେମାନେ ବଦଳି ଚାହୁଁଛନ୍ତି, ତାହା ଜାଣିବା ଲାଗି ସେମାନଙ୍କର ମେଡିକାଲ ଟେଷ୍ଟ କରାଯିବ। ସେପ୍ଟେମ୍ବର ୧୪, ୧୫, ୨୧, ୨୨, ୨୮, ୨୯ ଏବଂ ଅକ୍ଟୋବର ୧୨ ଓ ୧୩ରେ କଟକ ବକ୍ସିବଜାରସ୍ଥିତ ପୁରୁଣା ସେକ୍ରେଟାରିଏଟ କ୍ୟାମ୍ପସରେ ଥିବା ଜିଲା ସ୍ୱାସ୍ଥ୍ୟ ଭବନରେ ଏହି ମେଡିକାଲ ଟେଷ୍ଟ ହେବ। ପ୍ରତିଦିନ ଶହେ ଶିକ୍ଷକଙ୍କ ମେଡିକାଲ ଟେଷ୍ଟ ହେବାକୁ ଥିବା ବେଳେ ଶେଷଦିନ ଅର୍ଥାତ୍ ଅକ୍ଟୋବର ୧୩ରେ ୯୪ଜଣ ଶିକ୍ଷକଙ୍କ ଟେଷ୍ଟ କରାଯିବ। ଶିକ୍ଷକମାନେ ସେଠାରେ ପୂର୍ବାହ୍ଣ ୯ଟା ସୁଦ୍ଧା ପହଞ୍ଚିବେ। ଚିକିତ୍ସା ହେଉଥିବା ସମସ୍ତ ରିପୋର୍ଟର ଅରିଜିନାଲ କପି, ସେଲ୍ଫ ଆଟେଷ୍ଟେଡ କପି, ପରିଚୟପତ୍ର, ଫଟୋ, ୭୨ଘଣ୍ଟା ଭିତରେ କରୋନା ଆର୍‌ଟି-ପିସିଆର ନେଗେଟିଭ ଟେଷ୍ଟ ରିପୋର୍ଟ କିମ୍ବା ସମ୍ପୂର୍ଣ୍ଣ କୋଭିଡ୍ ଟିକା ନେଇଥିବା ସାର୍ଟିଫିକେଟ ସାଙ୍ଗରେ ନେବା ପାଇଁ କୁହାଯାଇଛି। ଏ ନେଇ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ଚିଠି ଲେଖି ଅବଗତ କରାଇଛନ୍ତି। ସେହିପରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଡିପିସି ଓ ଏସ୍ଏସ୍‌ଙ୍କୁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ କୁହାଯାଇଛି। ସମସ୍ତ ତଥ୍ୟ ସହିତ ଷ୍ଟେଟ ମେଡିକାଲ ବୋର୍ଡରେ ପହଞ୍ଚିବା ପାଇଁ ସମ୍ପୃକ୍ତ ୭୯୪ ଶିକ୍ଷକଙ୍କୁ ଜଣାଇଦେବାକୁ କୁହାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେଁ ଟେଁୟା ଶାରୀ**
**ଚିକ୍କଣିଆ ଭଣ୍ଡାରି**
**ଚାହିଁ ଜଳକୀ ବିଟପୀ ନାରୀ**
**ସଖି ବଡ଼ ମନ୍ଦ ଏ।**

ଅହରହ ରା କରୁଥିବା ଶାରୀକୁ କେହି ଆଦର କରି ନ ଥାନ୍ତି। ଚିକ୍କଣିଆ କଥା କହୁଥିବା ବ୍ୟକ୍ତି କେବେ ବି ବିଶ୍ୱାସ ବା ଭରସାଯୋଗ୍ୟ ହୋଇପାରି ନଥାନ୍ତି। ସେହିପରି ବ୍ୟଭିଚାରିଣୀ ନାରୀକୁ କେହି ସାଦରେ ଗ୍ରହଣ କରି ନ ଥାନ୍ତି। ସ୍ଥଳବିଶେଷରେ ଏମାନେ ସମସ୍ତେ ଖରାପ ସ୍ୱଭାବର ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟୋକୀ ହଳଦୀ ଲଗାଇ ଗାଲରେ**
**ଟୋକାଙ୍କୁ ପକାଏ ପାଲରେ।**

ସାଧାରଣତଃ ଯୁବତୀମାନେ ବେଶ ପରିପାଟୀ ହୋଇ ନିଜକୁ ଅନ୍ୟ ଆଗରେ ଦେଖେଇ ହେବାରେ ଆନନ୍ଦ ପାଇଥାନ୍ତି। ଏଭଳି ସ୍ଥିତିରେ ଗାଉଁଲି ଯୁବତୀ ଜଣକ ନିଜକୁ ସଜ୍ଜିତ କରାଇ ଯୁବକମାନଙ୍କୁ ନିଜ ଆଡକୁ ଆକର୍ଷିତ କରାଇବା ଅର୍ଥରେ ଏପରି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

## ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ...

ପ୍ରଥମ ପୃଷ୍ଠାରୁ...

ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ୱତନ୍ତ୍ର ହାଇଡ୍ରୋଲିକ୍ ବସ୍‌ରେ ନବୀନ ନିବାସ ଅଭିମୁଖେ ପାଛୋଟି ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ବସ୍‌ରେ ରହି ଲୋକମାନଙ୍କୁ ଧନ୍ୟବାଦ ଦେବା ସହ ଏହି ସମ୍ମାନକୁ ରାଜ୍ୟବାସୀଙ୍କୁ ଉତ୍ସର୍ଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ପାଇଁ ପୂର୍ବରୁ ବିଜେଡି ପକ୍ଷରୁ ବିରାଟ ପ୍ରସ୍ତୁତି କରାଯାଇଥିଲା। ତୁହାକୁ ତୁହା ବର୍ଷା ସତ୍ତ୍ୱେ ବିଜେଡି କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ କିଛି କମ୍ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଏକ ଝଲକ ପାଇବାକୁ ତଥା ତାଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ବିମାନବନ୍ଦର ବାହାରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ମନ୍ତ୍ରୀ, ବିଧାୟକ ଓ ନେତାମାନେ ନିଜ ନିଜ ସମର୍ଥକଙ୍କ ସହ ବିମାନବନ୍ଦରରେ ପୋଷ୍ଟର, ବ୍ୟାନର ଓ ଶଙ୍ଖ ଚିହ୍ନ ସହ ଉପସ୍ଥିତ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଯେପରି ନଜର ପଡ଼ିବ ସେ ନେଇ ନେତା ଓ ମନ୍ତ୍ରୀମାନଙ୍କ ମଧ୍ୟରେ ବ୍ୟାନର ଓ ପୋଷ୍ଟର ପ୍ରତିଯୋଗିତା ହୋଇଥିଲା। ନବୀନ ଆମର ହିରୋ ଲେଖାଥିବା ବ୍ୟାନର ଧରି ସମର୍ଥକମାନେ ବିମାନବନ୍ଦରରୁ ନବୀନ ନିବାସ ଯାଏ ଛାଇ ଯାଇଥିଲେ।

ଏଥିସହିତ ଗୋଟିପୁଅ, ଯୋଡ଼ିଶଙ୍ଖ, ଢେମସା, ସମ୍ବଲପୁରୀ, ଘୁମୁରା ନୃତ୍ୟ ପରିବେଷଣରେ ବିମାନବନ୍ଦର ପରିସର ପ୍ରକମ୍ପିତ ହୋଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିମାନବନ୍ଦରରୁ ନବୀନ ନିବାସ ଯାଏ ନବୀନଙ୍କ ବଡ଼ ବଡ଼ ହୋର୍ଡିଂ ଲଗାଯାଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକଙ୍କୁ ରାଜଧାନୀକୁ ଆଣିବା ପାଇଁ ବିଧାୟକମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଥିଲା। ସକାଳ ୮ଟାରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ବିଜେଡି କର୍ମୀମାନଙ୍କର ରାଜଧାନୀକୁ ଆଗମନ ଆରମ୍ଭ ହୋଇଥିଲା। ଦଳୀୟ ନେତାମାନେ ନିଜର ପୋଷ୍ଟର ଲଗାଇ କର୍ମୀଙ୍କ ଗହଣରେ ପୂର୍ବାହ୍ଣ ୧୦ଟାରେ ବିମାନବନ୍ଦରରେ ପହଞ୍ଚିଥିଲେ। ୫୦ ହଜାର ଲୋକଙ୍କ ସମାଗମ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କମିଶନରେଟ ପୋଲିସ ପକ୍ଷରୁ ସଭାସ୍ଥଳୀ ସମେତ ବିମାନବନ୍ଦର ପାଖ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ୨୦୧୮ରେ ନବୀନ ଆଦର୍ଶ ମୁଖ୍ୟମନ୍ତ୍ରୀ ସମ୍ମାନ ପାଇବା ପରେ ବିଜେଡି ପକ୍ଷରୁ ରାଲି କରି ଯେଉଁଭଳି ଶକ୍ତି ପ୍ରଦର୍ଶନ କରାଯାଇଥିଲା, ଏଥର ବି ଠିକ୍ ସେହି ସମାନ ଢଙ୍ଗରେ ଦଳ ପକ୍ଷରୁ ବିରାଟ ସମ୍ବର୍ଦ୍ଧନା ରାଲିର ଆୟୋଜନ କରାଯାଇଥିଲା। ଦଳର ଏହି ପ୍ରଦର୍ଶନ ଆସନ୍ତା ୨୦୨୪ ନିର୍ବାଚନ ସକାଶେ ଶକ୍ତି ପ୍ରଦର୍ଶନ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପରିସ୍ଥିତିବଶତଃ କରଜ କରିବାକୁ ବନ୍ଧୁଙ୍କୁ ସାହାଯ୍ୟ କରିବା ସକାଶେ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣଜନିତ ଅବସାଦ ଦେଖାଦେଇପାରେ। ଶନିଯୁକ୍ତ ଚନ୍ଦ୍ର ହେତୁ ବନ୍ଧୁଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇପାରନ୍ତି। ବ୍ୟବସାୟ, ପରିବହନ ବିଶେଷ ସନ୍ତୋଷଜନକ ହୋଇ ନ ପାରେ।

**ବୃଷ** – ଆକସ୍ମିକ ଭାବେ ଦୂର ଯାତ୍ରା କରିବାକୁ ମନ ବଳାଇବେ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** – ଅଷ୍ଟମ ଚନ୍ଦ୍ରଜନିତ ବିଭିନ୍ନ ପ୍ରତିବନ୍ଧକ ହେତୁ କୌଣସି କାମ ହାସଲ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ନିଜର କ୍ଷତିକୁ ନିମନ୍ତ୍ରଣ କରିବେ। ଜମିଜମା ସମ୍ପର୍କୀୟ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ** – ଆଜି ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ କଳହର ସମ୍ଭାବନା ରହିଛି। ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ** – ପରିସ୍ଥିତି ଯାହା ହେଉନା କାହିଁକି ଆପଣ ମାନସିକ ଭାରସାମ୍ୟ ରକ୍ଷା କରି ଚଳିବାକୁ ବାଧ୍ୟ ହେବେ। ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ତରବର ନ ହୋଇ କାମ କଲେ ସମସ୍ୟାର ସରଳ ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** – କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥ ଆବଶ୍ୟକ ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** – ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା କେମିତି କେମିତି ଲାଗିପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ସବୁକିଛି ଜାଣିଲେ ମଧ୍ୟ କିଛି ପ୍ରକାଶ ନ କରି ନୀରବ ରହିବାକୁ ପଡ଼ିବ।

**ଧନୁ** – ଆଜି ବନ୍ଧୁଙ୍କ ଜରିଆରେ ଅଟକି ରହିଥିବା କାମ ସମ୍ପନ୍ନ ହୋଇଯିବ। ସାମାଜିକ ସ୍ତରରେ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମକର** – ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ ମାତ୍ର, ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଆଜିର ସନ୍ଧ୍ୟା ସମୟରେ ପରିବାର ସହ ସୁଖ ଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ।

**କୁମ୍ଭ** – କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ଆପଙ୍କର କୌଣସି ଅସୁବିଧା ହେବ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହି ପାରେ।

**ମୀନ** – ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟା ହେତୁ ମାନସିକ ସୁସ୍ଥତା ରହି ନ ପାରେ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ। କଠିନ ଶ୍ରମ ଓ ଭ୍ରମଣ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

## ଭାରତର ପ୍ରଥମ...

ଭାରତ ବାୟୋଟେକ୍ ଇଣ୍ଟରନ୍ୟାଶନାଲ ଲିଃ ଏହାର ନାଜାଲ ଭାକ୍ସିନର କ୍ଲିନିକାଲ ପରୀକ୍ଷା ଶେଷ କରିଛି। ଏଥିରେ ୪,୦୦୦ ସ୍ୱେଚ୍ଛାସେବୀଙ୍କୁ ସାମିଲ କରାଯାଇଥିଲା। ପରୀକ୍ଷାରୁ ଟିକାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା କିମ୍ବା ବିପରୀତ ପ୍ରତିକ୍ରିୟା ନ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କୋଭିଡ୍-୧୯ ଇଣ୍ଟ୍ରାନାଜାଲ ଭାକ୍ସିନ୍ (ବିବିଭି୧୫୪) ସମ୍ପୂର୍ଣ୍ଣ ନିରାପଦ ଏବଂ ରୋଗ ପ୍ରତିରୋଧକ୍ଷମ ବୋଲି ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାରୁ ସ୍ପଷ୍ଟ ହୋଇଥିବା କମ୍ପାନୀ ପକ୍ଷରୁ ଅଗଷ୍ଟରେ ସୂଚନା ଦିଆଯାଇଥିଲା। ଏହା କମ୍ ଦାମରେ ଉପଲବ୍ଧ ହେବ। ନାଜାଲ ଟିକା ହୋଇଥିବାରୁ ଏହା ଶ୍ୱାସନଳୀର ଉପରିଭାଗରେ ଆଣ୍ଟିବଡ଼ି ପ୍ରସ୍ତୁତ କରିପାରିବ, ଯାହା ସଂକ୍ରମଣକୁ ହ୍ରାସ କରିବ ବୋଲି କମ୍ପାନୀ କହିଛି। ଏହାକୁ ଉଭୟ ପ୍ରାଇମେରୀ ଓ ବୁଷ୍ଟର ଡୋଜ୍ ଭାବେ ପରୀକ୍ଷା କରାଯାଇଛି। ତେଣୁ ଯେଉଁମାନେ ପୂର୍ବରୁ କୋଭିଶିଲ୍ଡ କିମ୍ବା କୋଭାକ୍ସିନ ଟିକାର ଦୁଇଟି ଡୋଜ୍ ନେଇଛନ୍ତି, ସେମାନେ ବୁଷ୍ଟର ଡୋଜ୍ ଭାବେ ବିବିଭି ୧୫୪କୁ ନେଇପାରିବେ।


# classifieds

**Everyday 0674-2580101, 2549302**



MATRIMONIAL

**BRIDE WANTED**

Handsome khandayat boy 1992, 5'6" MS.c, Serving IFS-SUNASANSAR-9937512659, 8249969649. D-74110

Wanted Brahmin bride for Brahmin groom MBA/5'3"/1987 Director NGO. 6371090682. D-68300

**GROOM WANTED**

ଏକାକୀ ରହୁଥିବା ୩୨ ବର୍ଷୀୟା Divorce Govt. ଚାକିରିଆ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 7008080967. D-1422

Govt. ଚାକିରିଆ 33 ବର୍ଷୀୟା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 8093583208. D-1413



real estate

**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73963

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

Investment plot for sale at Cuttack to Banki NH side. Very close to Sai International School and CISF. (Per sqft. only 249/-).9937450545. D-1421

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111



construction

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420

**Make your dream home with quality construction in affordable price as your choice. For plan approval, structure, Krishna Contech-8249485093, 9438315332.** D-73295

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



to-let

"2 BHK, 2nd Floor, Bharat Villa, Hanspal Near Metro Satellite 9437241031". D-1416

**3BHK flat available for rent at- Utkal Royal Residency, Kalpana Square, Bhubaneswar with Servant Room on 11th Floor, Semi-Furnished. Contact: 8598923231.** D-73868

1 BHK flat for Rent near Laxmitalkies Ramchandi Sahi, Puri. Mob: 7204256982. D-1411



healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

Full body massage in homely atmoshpere. All therapy. Mob.- 8114881641. D-73412

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404



education

Medical Exam. Registration- BAMS/ BHMS/BUMS/ GNM/D.Pharma. 9893869473. D-1440

**LOST**

I Sagar Kumar Nayak, S/o. Shyam Sundar Nayak, R/o. CWS M-21, Bandhabahal, Dist. Jharsuguda declared that I have lost the Sale deed bearing No. 10872100395 near Airport road and inspite of my best efforts I could not trace out the same. D-1449

**AFFIDAVIT**

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଉ ଅଛି ଯେ, ଭାଗୀରଥି ଦାସ, ପିତା- ଭାସ୍କର ଦାସ, ସା- ରାଘପୁର, ଭାୟା- ଡାମରପୁର, ଥାନା- ପଟ୍ଟାମୁଣ୍ଡାଇ, ଜିଲ୍ଲା- କେନ୍ଦ୍ରାପଡ଼ା ଆମ୍ଭ ଜୀବନ ସୁରକ୍ଷା ବୀମା ବଣ୍ଡରେ ଆମ୍ଭର ନାମ ମୋହନ ଦାସ ହୋଇଯାଇଛି। ଏଣୁ L.I.C. କର୍ତ୍ତୃପକ୍ଷ ଆମ୍ଭ ବୀମା ରାଶି ପ୍ରଦାନ କରୁନାହାନ୍ତି। ଆଧାର କାର୍ଡରେ ମଧ୍ୟ ଭାଗୀରଥି ଦାସ ନାମ ଲିଖିତ ଅଛି। ଆମ୍ଭେ ଏହି ସତ୍ୟପାଠ ଦ୍ୱାରା ଜଣାଉ ଅଛି କି ସମସ୍ତ ସରକାରୀ ବେସରକାରୀ ବଣ୍ଡରେ ଆମ୍ଭେ ଏହି ଭାଗୀରଥି ନାମରେ ଚିହ୍ନିତ ରହିବୁ। ଧ-୧୪୫୧

By virtue of an affidavit sworn before the Executive Magistrate, Paralakhemundi, I have corrected my name from Dukshi Sayam Paik to Dukhi Shyam Paik. Henceforth I shall be known as Dukhi Shyam Paik for all purpose. D-1452

By virtue of an affidavit sworn before the Executive Magistrate, Paralakhemundi, I have rectified my name as Puspanjali Paik, on the strength of my marriage with Sri Dukhishyam Paik. So both the names Puspanjali Paik and Tulasi Devi indicates to me only being one and the same person for all purpose. D-1453

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

"ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। -ଶ୍ରୀଅରବିନ୍ଦ

# କେବଳ ଚେରାପୁଞ୍ଜି ନୁହେଁ

ପିଲାଦିନେ ପଢ଼ିଥିଲୁ ପୃଥିବୀର ସର୍ବାଧିକ ବର୍ଷା ହେଉଥିବା ଅଞ୍ଚଳ ମେଘାଳୟର ଚେରାପୁଞ୍ଜି। ଏବେ ମନେ ହେଉଛି ସେହି ଅଞ୍ଚଳ ବ୍ୟାପିବାରେ ଲାଗିଛି। ଅସରାଏ ବର୍ଷାରେ ସହର ଉବୁଟୁବୁ ହୋଇଯାଉଛି ଏବଂ ଏହା ଲୋକଙ୍କ ଜୀବନ, ଜୀବିକା ଓ ସହରର ଭିତ୍ତିଭୂମିକୁ ଘୋର ପ୍ରଭାବିତ କରୁଛି। ଭୁବନେଶ୍ୱରରେ ସମସ୍ତେ ଭାବୁଥିଲେ ଇସ୍କନ ମନ୍ଦିର ସାମ୍ନା ହେଉଛି ବୁଡ଼ି ଅଞ୍ଚଳ। ଏବେ ବର୍ଷାହେଲେ ରସୁଲଗଡ଼ଠାରୁ ଖଣ୍ଡଗିରି ପର୍ଯ୍ୟନ୍ତ ସବୁଆଡ଼େ ଜଳମଗ୍ନ ହୋଇଯାଉଛି ଏବଂ ସଡ଼କ ବ୍ୟବହାରକାରୀଙ୍କ ଜୀବନ ବିପଦପୂର୍ଣ୍ଣ ହେଉଛି। କେଉଁଠି ଗାତ ତ ଅନ୍ୟ କେଉଁଠି ଖୋଲା ନାଳରେ ପଡ଼ିଗଲେ ବଞ୍ଚିବାର କୌଣସି ଆଶା ରହୁନାହିଁ। ଏପରି ସହରଗୁଡ଼ିକର ମଧ୍ୟ ପରିସ୍ଥିତି ସେହିଭଳି। ପାଖାପାଖି ଦୁଇ ଦଶନ୍ଧି ହେଲା ପ୍ରାୟ ପ୍ରତିବର୍ଷ ଦେଶ ଓ ବିଦେଶରେ ସହର ବନ୍ୟା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ବିଶ୍ୱର ଅତ୍ୟାଧୁନିକ ସହର ବେଜିଂ, ସିଙ୍ଗାପୁର ଓ ଲଣ୍ଡନଠାରୁ ଆରମ୍ଭକରି ଭାରତର ଚେନାଇ, ମୁମ୍ବାଇ, କୋଲକାତା ଓ ଦିଲ୍ଲୀ ଆଦି ପ୍ରମୁଖ ସହର ବନ୍ୟାରୁ ବାଦ୍ ପଡ଼ିନାହାନ୍ତି। ଏପରି କି ୨୦୦୫ରେ ମୁମ୍ବାଇ ବନ୍ୟାରେ ୧୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ, ଯାହା ଅନେକଙ୍କର ମନେଥିବ। ଏବେ ଦୁଇଦିନ ହେବ ଭାରତର ଟେକ୍ ସହର ବେଙ୍ଗାଲୁରୁ ବର୍ଷାରେ ଉବୁଟୁବୁ। ଅନେକ ସ୍ଥାନ ଜଳବନ୍ଦୀ ଅବସ୍ଥାରେ ରହିଛି। ବହୁ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ସହ ପାନୀୟ ଜଳଯୋଗାଣରେ ବ୍ୟାଘାତ ଘଟିଛି। ଜଣେ ମହିଳାଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଭାରତର ପାଣିପାଗ ବିଭାଗ(ଆଇଏମ୍‌ଡି) ସୂଚନା ଅନୁଯାୟୀ, ବେଙ୍ଗାଲୁରୁରେ ୧୩୧.୬ ମିଲିମିଟର ବର୍ଷା ହୋଇ ୮ ବର୍ଷର ରେକର୍ଡ ଭାଙ୍ଗିଛି। ରେକର୍ଡ ପରିମାଣର ବର୍ଷା ଭାରତର ପ୍ରମୁଖ ସହରଗୁଡ଼ିକରେ ବନ୍ୟାର କାରଣ ହେଉଛି । ଅତ୍ୟଧିକ ବର୍ଷା ସାଙ୍ଗକୁ ଦୁର୍ବଳ ଜଳ ନିଷ୍କାସନ ବା ଡ୍ରେନେଜ୍ ବ୍ୟବସ୍ଥା, ଜଳାଶୟ ନିକଟବର୍ତ୍ତୀ ଅଞ୍ଚଳ ଓ ଖୋଲା ସ୍ଥାନ ଜବରଦଖଲ ଏବଂ ପୁରାତନ ନାଳୀ ସଙ୍କୁଚିତ ହେବା ଯୋଗୁ ବର୍ଷା ଜଳ ସହର ମଧ୍ୟରୁ ନିଷ୍କାସିତ ହୋଇପାରୁନାହିଁ। ଏଥିସହିତ ସହରାଞ୍ଚଳଗୁଡ଼ିକରେ ସବୁଠାରେ ପିଚୁ ଓ ସିମେଣ୍ଟ କଂକ୍ରିଟ ପଡ଼ିଯିବାରୁ ଠୋପାଏ ଜଳ ମଧ୍ୟ ମାଟି ଭେଦିପାରୁନାହିଁ। ଫଳରେ ଏସବୁ କାରଣରୁ ସ୍ଥିତି ଅଣାୟତ୍ତ ହୋଇଯାଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଗତବର୍ଷ ଅକ୍ଟୋବରରେ ବେଙ୍ଗାଲୁରୁରେ ଚିହ୍ନଟ ୨,୬୦୦ରୁ ଊର୍ଦ୍ଧ୍ୱ ଜଳାଶୟ ନିକଟରୁ ୭୧୪ ଜବରଦଖଲକୁ ବୃହତ୍ ବେଙ୍ଗାଲୁରୁ ମହାନଗର ପାଳିକା(ବିବିଏମ୍‌ପି) ହଟାଇ ନ ଥିବା ସିଏଜି ରିପୋର୍ଟରେ ପ୍ରକାଶ ପାଇଥିଲା ; ଯାହାକୁ ଏବକାର ବନ୍ୟାର ଏକ ପ୍ରମୁଖ କାରଣ ବୋଲି କୁହାଯାଇପାରେ। ସମସ୍ୟା ସୁଧାରିବାରେ ପରିଚାଳନାଗତ ତ୍ରୁଟି ରହୁଥିବାରୁ ଏହି ବନ୍ୟାକୁ ମନୁଷ୍ୟକୃତ ବିପର୍ଯ୍ୟୟ କହିଲେ ଭୁଲ୍ ହେବ ନାହିଁ। ଏଭଳି ସ୍ଥିତି ମଧ୍ୟ ଆମ ସ୍ମାର୍ଟସିଟି ଭୁବନେଶ୍ୱର, ଧବଳ ନଗର କଟକ ଓ ଶଙ୍ଖକ୍ଷେତ୍ର ପୁରୀରେ ଅନୁଭବ କରୁଛୁ।

ସହର ବନ୍ୟା ପଛରେ ଥିବା ପରିବେଶଗତ କାରଣକୁ ଏଡ଼ାଇଯିବା ମହଙ୍ଗା ହେଉଛି। ଜଳବାୟୁ ଅନିୟମିତତା ଯୋଗୁ ଦୁଇ ଦଶନ୍ଧି ହେବ ଏହି ସମସ୍ୟା ଆହୁରି ବଢ଼ିଛି। ଇଣ୍ଟରଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ୍ ବା ଆନ୍ତଃସରକାରୀ ଜଳବାୟୁ ପରିବର୍ତ୍ତନ ପ୍ୟାନେଲ(ଆଇପିସିସି)ର ରିପୋର୍ଟ ବିଶ୍ୱ ତଥା ଭାରତର ସହରଗୁଡ଼ିକରେ ଜଳବାୟୁର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ବହୁବାର ସୂଚାଇ ଦେଇଛି। ଦୁର୍ଭାଗ୍ୟର କଥା, ଏହାକୁ ଲକ୍ଷ୍ୟକରି ଏବକାର ସ୍ମାର୍ଟସିଟି ପ୍ରୋଜେକ୍ଟର ପ୍ରଯୁକ୍ତିଗତ ପଦକ୍ଷେପ ଅନୁକୂଳ ସ୍ଥିତି ସୃଷ୍ଟି କରିପାରିନାହିଁ । ଏହାବାଦ୍ ୨୦୧୮ରେ ବେଲ୍‌ଜିୟମର ବ୍ରସେଲ୍ସସ୍ଥିତ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଦି ଏପିଡେମିଓଲୋଜି ଅଫ୍ ଡିଜାଷ୍ଟର୍ସ ଦ୍ୱାରା ପ୍ରକାଶିତ ରିପୋର୍ଟ ଦର୍ଶାଇଥିଲା ଯେ, ଭାରତର ୫୫ ପ୍ରତିଶତରୁ ଊର୍ଦ୍ଧ୍ୱ ସ୍ମାର୍ଟସିଟି ବନ୍ୟାପ୍ରବଣ। ଏସବୁ ସତ୍ତ୍ୱେ ଆମ ସ୍ମାର୍ଟସିଟି ପ୍ରୋଜେକ୍ଟ ଏହାକୁ ଗୁରୁତ୍ୱର ସହ ନେଉ ନ ଥିବା ସ୍ପଷ୍ଟ ହେଉଛି। ଏବେ ଆମେ ଏତେ ସ୍ମାର୍ଟ ହୋଇଗଲୁଣି ଯେ, ଆମର ସ୍ମାର୍ଟନେସ୍‌କୁ 'କେଉଁଠି ଥୋଇବା' ହୋଇଗଲାଣି ମୁଖ୍ୟ ପ୍ରଶ୍ନ। ଭୁବନେଶ୍ୱରର ଉଦାହରଣ ଦେଖିଲେ ୧୯ ସେପ୍ଟେମ୍ବର ୨୦୨୧ରେ ଜଣେ ଛାତ୍ରର ମୃତ୍ୟୁ ପରେ ରାଜ୍ୟ ସରକାର କେବଳ ଡ୍ରେନେଜ ପୁନରୁଦ୍ଧାର ପାଇଁ ୧,୦୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା କୁହାଯାଇଥିଲା। ସେହି ଅର୍ଥ ଚଳୁ ହୋଇଯାଇଥିବା ଭଳି ଏବକାର ବର୍ଷାରୁ ଜଣାପଡୁଛି। ଏକ ଆକଳନ ଅନୁଯାୟୀ ୨୦୫୦ ସୁଦ୍ଧା ଭାରତରେ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ଲୋକ ରହିବେ । ଏଣୁ ସହରରେ ଘର, ରାସ୍ତା, ଡାକ୍ତରଖାନା ଏବଂ ଅନ୍ୟ ଭିତ୍ତିଭୂମି ପାଇଁ ଯୋଜନା କରିବାବେଳେ ସେହିସବୁ ଅଞ୍ଚଳର ଜଳ ବିଜ୍ଞାନର ଅନୁଧ୍ୟାନ ଅପରିହାର୍ଯ୍ୟ। ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ହ୍ରାସ କରିବା ଲାଗି ଅତ୍ୟାଧୁନିକ ପ୍ରଯୁକ୍ତିଗତ ପଦକ୍ଷେପ ଲୋଡ଼ା। ଆର୍ଜେଣ୍ଟିନାର ବ୍ୟୁନୋସ ଆରିଜ୍ ଏବଂ ଆମେରିକାର କେତେକ ସହରରେ ଡ୍ରେନ୍‌ରେ ଥିବା ସେନ୍‌ସର ଯେଭଳି ଡ୍ରେନ୍‌ର ସ୍ଥିତି ସମ୍ପର୍କରେ ଅବଗତ କରିପାରୁଛି ଠିକ୍ ସେହିଭଳି ପଦକ୍ଷେପ କିଛିଟା ବିପଦ ଟାଳି ପାରିବ। ଏହା ସତ୍ୟ ଯେ, ସହଜ ବୈଷୟିକ ଜ୍ଞାନ ବ୍ୟବହାର କରି ଭୁବନେଶ୍ୱର ଏବଂ ବେଙ୍ଗାଲୁରୁ ଭଳି ସହରରେ ବର୍ଷାଜନିତ ଅସ୍ୱାଭାବିକ ସ୍ଥିତିରୁ ଜନସାଧାରଣ ବର୍ତ୍ତିପାରିବେ। କିନ୍ତୁ ସେଥିପାଇଁ ସରକାରୀ ଉଦ୍ୟମ ଲୋଡ଼ା ହେବା ସହିତ ଲୋକଙ୍କ ସହଯୋଗ ମଧ୍ୟ ଆବଶ୍ୟକ। ଏଥିସହିତ ଏକ ବୃହତ୍ ଦୃଷ୍ଟିକୋଣରୁ ଦେଖିଲେ ଜଳବାୟୁ ପରିବର୍ତ୍ତନ ପାଇଁ ସମସ୍ତେ ଖୁବ୍ ଶୀଘ୍ର ସଚେତନ ହେବାକୁ ବାଧ୍ୟ। ଏହି ସମସ୍ୟାକୁ ଅଣଦେଖା କରିବା କିମ୍ବା ଅଚିହ୍ନା ବାରିଲେ କ୍ଷତି ଆମର ବ୍ୟକ୍ତିଗତ ହେବ।

# କରିବ କିଏ

ଓଡ଼ିଶାର ବିଭିନ୍ନ ସ୍ଥାନରେ ନକଲି ସାମଗ୍ରୀ ତା'ର ପସରା ମେଲାଇ ଚାଲିଛି। କଟକର ଜଗତପୁରଠାରୁ ଆରମ୍ଭକରି ଅନୁଗୋଳ, ବ୍ରହ୍ମପୁର, କୋରାପୁଟ ଓ ରାଜଧାନୀ ସମେତ ଅନେକ ଅଞ୍ଚଳରେ ଖାଦ୍ୟସାମଗ୍ରୀ ଭେଜାଲ ଥିବା ଦେଖିବାକୁ ମିଳୁଛି। ୫ ସେପ୍ଟେମ୍ବରରେ ଭୁବନେଶ୍ୱର ଉପକଣ୍ଠ ଅଟଳା ନିକଟରେ ନକଲି ଲୁଣ ଓ ସର୍ଫ କାରଖାନା ଠାବ କରାଯାଇଛି। ଟାଟା ସଲ୍ଟ ଭଳି ନାମୀଦାମୀ କମ୍ପାନୀର ଲୋଗୋ ବ୍ୟବହାର କରାଯାଇ ଏଭଳି କାରବାର ହେଉଥିବା ଜଣାପଡ଼ିବା ପରେ ଖାଉଟିଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି ହେବା ସ୍ୱାଭାବିକ। ବିଶେଷକରି ଲୁଣ ଦୈନିକ ଆବଶ୍ୟକ ଜିନିଷ ହୋଇଥିବାରୁ ଏହା ପର୍ଯ୍ୟାପ୍ତ ପରିମାଣରେ ବ୍ୟବହାର ହୋଇଥାଏ। ଏହାକୁ କାହିଁକି ରୋକାଯାଇପାରୁ ନାହିଁ ବୋଲି ପ୍ରଶ୍ନ ହେଲେ ନିଶ୍ଚିତ ଭାବେ ଯାଞ୍ଚ ସଂସ୍ଥା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖାଯାଇ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡସ ଆକ୍ଟ-୨୦୦୬ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଖାଦ୍ୟପଦାର୍ଥର ମାନ ଯାଞ୍ଚ କରିବା ସହ ଅପମିଶ୍ରଣ ସାମଗ୍ରୀରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ବରିଷ୍ଠ ଅଧିକାରୀମାନେ ଥିଲେ ମଧ୍ୟ ଏ ଦିଗରେ ଆଶାନୁରୂପ ସଫଳତା ମିଳୁପାରୁ ନାହିଁ। କାରଣ ଅଧିକାଂଶ ନାଗରିକ ସୁଯୋଗ ପାଇଲେ ଚୋର ପାଲଟୁଛନ୍ତି। ଯେଉଁମାନେ ସଚ୍ଚୋଟ ବୋଲି ଦେଖାଉଛନ୍ତି, ସେମାନେ ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ଧରି ନେବାକୁ ହେବ। ଅଭିଯୋଗ ହୋଇଥାଏ ଭେଜାଲକାରୀଙ୍କ ସହ ଯାଞ୍ଚ ଅଧିକାରୀ ଓ ବିଶେଷକରି ପୋଲିସ ସ୍ଥଳବିଶେଷରେ ହାତ ମିଳାଇଥାଆନ୍ତି। ରାଜଧାନୀ ଉପକଣ୍ଠରେ ନକଲି ଲୁଣ ଓ ସର୍ଫ କାରବାର ଚାଲୁଥିଲେ ମଧ୍ୟ ଜଣାପଡୁ ନ ଥିଲା ବୋଲି ଯାଞ୍ଚ ଅଧିକାରୀଙ୍କୁ ପ୍ରଶ୍ନ ହେବାରୁ ଉତ୍ତର ମିଳୁଛି ଯେ, କର୍ମଚାରୀ ଅଭାବରୁ ନମୁନା ସଂଗ୍ରହ ତ୍ୱରାନ୍ୱିତ ହୋଇପାରୁ ନାହିଁ।

ପୂର୍ବରୁ ସାଧାରଣତଃ ଖୁଚୁରା ବ୍ୟବସାୟୀମାନେ ଗାଁଠୁ ସହର ଯାଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବେପାର କରୁଥିଲେ। ଯେବେଠାରୁ ଖୁଚୁରା ରିଟେଲ୍ ଚେନ୍‌ଗୁଡ଼ିକ ନିର୍ଦ୍ୱନ୍ଦ୍ୱରେ ବଜାର ପ୍ରବେଶ କଲେ ସେବେଠାରୁ ବଜାର ପରିଚାଳନା ସେମାନଙ୍କ ହାତକୁ ଚାଲିଯାଇଛି। ସେମାନଙ୍କ ଭିତରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଭଳି ମାନସିକତାରୁ ମଧ୍ୟ ଷଡ଼ଯନ୍ତ୍ରମୂଳକ ଅପରାଧ ବଳ ପାଉଛି। ସ୍ଥଳବିଶେଷରେ ଯେଉଁଠାରେ ନକଲି ସାମଗ୍ରୀ କାରବାର ହେଉଛି, ତାହାକୁ ବଡ଼ ଆକାରରେ ପ୍ରଚାର ପ୍ରସାର କରାଯାଉଛି। ଏହାଦ୍ୱାରା ଉପଭୋକ୍ତାଙ୍କ ମନରେ ଭୟ ସୃଷ୍ଟି କରାଯାଉଛି କି ଖୁଚୁରା ବେପାର କରୁଥିବା ଦୋକାନୀ ନକଲି ସାମଗ୍ରୀକୁ ବିକ୍ରି କରୁଛନ୍ତି। ଯେତେବେଳେ ଲୋକେ ମଲ୍ କିମ୍ବା ରିଟେଲ୍ ଚେନ୍‌ରୁ ବିଶୁଦ୍ଧ ଜିନିଷ ପାଇବେ ବୋଲି ଭାବୁଛନ୍ତି ସେଗୁଡ଼ିକ ଯେ ନକଲି ବେପାରୀଙ୍କଠାରୁ ଆସି ନ ଥିବ, ତାହାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। କହିବାକୁ ଗଲେ ସବୁଆଡ଼େ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଦରକାର। ବିଶେଷକରି ଖାଦ୍ୟସାମଗ୍ରୀ ନକଲ କରୁଥିବା ବ୍ୟକ୍ତିଙ୍କୁ ଧରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ। କିନ୍ତୁ କରିବ କିଏ ? ଯାହା ଆମେ ଜାଣୁ ସମ୍ଭବତଃ ଭାରତ ଏକମାତ୍ର ଦେଶ ଯେଉଁଠାରେ ଖାଦ୍ୟପଦାର୍ଥ ଅପମିଶ୍ରଣ ହୁଏ। କୌତୂହଳର ବିଷୟ ହେଉଛି, ଏହି ଜଘନ୍ୟ କାର୍ଯ୍ୟକୁ କୌଣସି ପାକିସ୍ତାନୀ କିମ୍ବା ଚାଇନା ଲୋକ କରନ୍ତି ନାହିଁ। ଏହି ମାଟିର ପାଣି ପବନ ପାଇ ବଢ଼ିଥିବା ନାଗରିକ ଏଭଳି କୁତ୍ସିତ କାର୍ଯ୍ୟ କରିବା ପାଇଁ ଆଗେଇ ଆସିଥାଆନ୍ତି।



# ଶିକ୍ଷା ବ୍ୟବସ୍ଥାର ସଞ୍ଜୀବନୀ: ସୃଜନଶୀଳତା

ଡ. ଶରତ ଚନ୍ଦ୍ର ପରିଡ଼ା

ବିଶ୍ୱ ବର୍ତ୍ତମାନ ଶିକ୍ଷା ସୃଜନଶୀଳତା ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ପାଠ୍ୟକ୍ରମ ବ୍ୟବସ୍ଥାରେ ଏହା ଅଗ୍ରାଧିକାର ଲାଭ କରିଛି। ଆମ ଶିକ୍ଷା ବ୍ୟବସ୍ଥା ସ୍ୱାଧୀନତା ପ୍ରାପ୍ତିର ପଞ୍ଚସ୍ତରି ବର୍ଷ ପରେ ମଧ୍ୟ ପାରମ୍ପରିକ ହୋଇ ରହିଛି। ପାଠ୍ୟକ୍ରମ ଅଳ୍ପବହୁତ ଗତାନୁଗତିକ। ଠିକ୍ ସମୟରେ ପାଠ୍ୟଦାନ ସମାପ୍ତ କରି ପରୀକ୍ଷା ନିମିତ୍ତ ପିଲାମାନଙ୍କୁ ପ୍ରସ୍ତୁତ କରିବା ଶିକ୍ଷକମାନଙ୍କ ପାଇଁ ବଡ଼ ଆହ୍ୱାନ। ପିଲାମାନେ କେତେକ ବିଷୟରେ କିଛି ଜ୍ଞାନଲାଭ କରୁଛନ୍ତି ସତ, କିନ୍ତୁ ସେମାନଙ୍କ ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ଏବେ ବି ଏକ ବିରାଟ ପ୍ରଶ୍ନବାଚୀ। ଦେଶର ଆବଶ୍ୟକତା ଅନୁସାରେ ପାଠ୍ୟକ୍ରମ ପ୍ରସ୍ତୁତ ହୋଇ ପାରିଲା ନାହିଁ। ପିଲାମାନଙ୍କର ଅନ୍ତର୍ନିହିତ ମୌଳିକ ଗୁଣାବଳୀର ଉପଯୁକ୍ତ ବିକାଶ ସମ୍ଭବ ନୁହେଁ। ତେଣୁ ସୃଜନଶୀଳତା ଭଳି ଏକ ସୂକ୍ଷ୍ମ ମାନସିକ ପ୍ରକ୍ରିୟାର କିଭଳି ଉନ୍ମେଷ ଘଟିବ? ସାର୍ କେନ୍ ରବିନଶନ ହେଉଛନ୍ତି ସୃଜନଶୀଳତା, ଉଦ୍ଭାବନ, ମାନବସମ୍ବଳ କ୍ଷେତ୍ରରେ କାମ କରୁଥିବା ଜଣେ ଆନ୍ତର୍ଜାତିକ ନେତା। ସେ କହନ୍ତି-''ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ସୃଜନଶୀଳତାର ପ୍ରତିପାଳନ ଓ ବୃଦ୍ଧି କରିବା ବଦଳରେ ବାସ୍ତବରେ ଏହାର ଶ୍ୱାସରୁଦ୍ଧ କରି ଦିଆଯାଉଛି।'' ସାଧାରଣ ଭାବେ ଆନୁଷ୍ଠାନିକ ଶିକ୍ଷାରେ ନିର୍ଦ୍ଧାରିତ ନୀତି ଓ ନିୟମ ସମୂହକୁ ପ୍ରୟୋଗ କରିବା ପାଇଁ ଶିକ୍ଷକ ପିଲାମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି। ଚିନ୍ତା ଉଦ୍ରେକକାରୀ ଖେଳ ଖେଳାଇବା, ସୃଜନମୂଳକ କାର୍ଯ୍ୟକୁ ପ୍ରଶଂସା କରିବା, ନୂଆ ପ୍ରକାର କାର୍ଯ୍ୟଭାର ଦେବା, ପିଲାକୁ ନିଜ ଗତିରେ ଶିକ୍ଷାଲାଭ କରିବାର ସୁଯୋଗ ପ୍ରଦାନ କରିବା, ବିଜ୍ଞାନ ଓ କଳାକୁ ପଢ଼ାଇବା ପାଇଁ ଅଲଗା ଅଲଗା ଶିକ୍ଷଣ ପଦ୍ଧତି ଆପଣେଇବା- ଏହା ପରମ୍ପରାଗତ ଆନୁଷ୍ଠାନିକ ଶିକ୍ଷାରେ ସମ୍ଭବ ନୁହେଁ। ନୂଆ ନୂଆ କଥା ଗ୍ରହଣ କରିବା, ଚିନ୍ତାରେ ନମନୀୟ ହେବା ଓ ବିଭିନ୍ନ ଉତ୍କୃଷ୍ଟ ନିକୃଷ୍ଟ ସଫଳତାକୁ ତୁଳନା କରିବା ଆଦି ସୃଜନଶୀଳତାର ଲକ୍ଷଣ। ପ୍ରଚଳିତ ଶିକ୍ଷା ଓ ଶିକ୍ଷଣର ବ୍ୟବସ୍ଥା ଭିତରେ ଥାଇ କେତେକ ଦିଗ ପ୍ରତି ସଚେତନ ହେଲେ ଆମେ କିଛି ପରିମାଣରେ ସୃଜନଶୀଳତାର ବିକାଶ ଘଟାଇ ପାରିବା। ଶୈକ୍ଷିକ ପ୍ରକ୍ରିୟାରେ ଶିକ୍ଷକଙ୍କର ପ୍ରାଧାନ୍ୟ ରହିଛି। ଶିକ୍ଷକ ନିଜେ ସୃଜନଶୀଳ ହେବା ସର୍ବାଦୌ କାମ୍ୟ। ଶିକ୍ଷା ଆମୂଳଚୂଳ ଏକ ସୃଜନଶୀଳ ବୃତ୍ତି। ଯେଉଁ ଶିକ୍ଷକମାନେ ଏକ ସୃଜନମୂଳକ ଚିନ୍ତାକୁ ଆପଣେଇ ପାରନ୍ତି, ବିଷୟବସ୍ତୁକୁ ଖେଳୁଆଡ଼ ମନ ନେଇ ଉପସ୍ଥାପନ କରି ନିଜର ଭାବନା ପ୍ରକାଶ କରନ୍ତି ; ସେମାନଙ୍କ ଛାତ୍ରୀଛାତ୍ରମାନେ ସୃଜନଶୀଳ ହୋଇଥାନ୍ତି। ବିଷୟ ଡ୍ରଇଂ ହେଉ ଅବା ଗଣିତ ପିଲାମାନେ ଲକ୍ଷ୍ୟ କରନ୍ତି କେଉଁ ଶିକ୍ଷକମାନଙ୍କର ପଢ଼ାଇବା ପାଇଁ ହୃଦୟରେ ଆବେଗ ରହିଛି। ଆଲବର୍ଟ ଆଇନଷ୍ଟାଇନ୍ କହନ୍ତି-''ସୃଜନଶୀଳ ପରିପ୍ରକାଶ ଓ ଜ୍ଞାନରେ ଆନନ୍ଦ ଜାଗରିତ କରିବା ହେଉଛି ଶିକ୍ଷକଙ୍କର ସର୍ବଶ୍ରେଷ୍ଠ କଳା''।



ମୌଳିକ ଚିନ୍ତା ଦ୍ୱାରା ଯୁଗୋପଯୋଗୀ ଉତ୍ପାଦ ନିର୍ମାଣ କରିବା ସୃଜନଶୀଳତା। ଶିକ୍ଷାକୁ ସୃଜନ ଉନ୍ମୁଖ କରିବା ନିମିତ୍ତ ବିଭିନ୍ନ ସ୍ୱାଧୀନ ଓ ବିବିଧ ଚିନ୍ତା ଜରୁରୀ। ଚିନ୍ତାର ବୈଭିନ୍ନ୍ୟ ନୂତନ ଉଦ୍ଭାବନକୁ ବାଟ କଢେଇ ନିଏ। ସୃଜନର ମନସ୍ତତ୍ତ୍ୱବିତ୍‌ମାନେ ମତ ଦିଅନ୍ତି ଯେ ଏଭଳି ଭଳିକି ଭଳି ଚିନ୍ତା କରିବା ହେଉଛି ଗୋଟିଏ କୌଶଳ ; ଯାହା ଜୀବନ ତମାମ ରହିଥାଏ। ଗୋଟିଏ ସମସ୍ୟା ଦିଆଯାଇ ସମାଧାନ ପାଇଁ ଦଳଗତ ଆଲୋଚନାର ଆୟୋଜନ ହେଉ। ସମସ୍ୟା ସମାଧାନ ପାଇଁ ଉପାୟ ଖୋଜାଯାଉ। ସମ୍ଭାବ୍ୟ ଅସୁବିଧା ଦୂର ପାଇଁ ଆବଶ୍ୟକ ପଡ଼ିଲେ ଶିକ୍ଷକଙ୍କ ପରାମର୍ଶ ଓ ସାହାଯ୍ୟ ନିଆଯାଉ। ପିଲାର ମନ ଯେତେବେଳେ ପାଠରୁ ଅଲଗା ହୋଇଯାଏ ସେତେବେଳେ ତା'ଠାରେ ଅନ୍ତର୍ନିହିତ ଆଗ୍ରହର ସ୍ଫୁଲିଙ୍ଗ ଘଟେ। ଦୈନିକ ପାଠପଢ଼ା ସହିତ ଏକ ଦୈନନ୍ଦିନୀ ରଖାଯାଉ। ଏଥିରେ ଛାତ୍ରୀଛାତ୍ରର ମନକୁ ଯାହା ଭଲ ଲାଗୁଛି ସେ ଲେଖି ରଖୁ। ଯେ କୌଣସି ବିଷୟରେ ୧୦୦ଟି ପ୍ରଶ୍ନ ତିଆରି କରୁ। ଉଦାହରଣ ସ୍ୱରୂପ ମସ୍ତିଷ୍କ କେମିତି କାମ କରେ ? ଆମେ କାହିଁକି ସଙ୍ଗୀତ ଶୁଣୁ ? ମୁଁ କାହିଁକି ବାଘ ହେଲିନି ? ପ୍ରତ୍ୟେକ ବସ୍ତୁର ମୃତ୍ୟୁ କାହିଁକି ହୁଏ ? ଆମର କାର୍ କାହିଁକି ଇଲେକ୍ଟ୍ରିଚାଳିତ ନୁହେଁ ? ଚାବିରେ ତାଲା କାହିଁକି ଖୋଲିଯାଏ ? ସୃଜନ ବିଶେଷଜ୍ଞ ଲିଓନାର୍ଡୋ ଦା ଭିନ୍‌ସି ସୃଜନଶୀଳତା ଉପରେ ଏହିପରି ୭ ହଜାର ନୋଟବୁକ୍ ପ୍ରସ୍ତୁତ କରିଥିଲେ। ଏ ସବୁ ଦା ଭିନ୍‌ସିଙ୍କର ସୃଜନଶୀଳ ମନୋବୃତ୍ତିର ପରିଚାୟକ। ଏଗୁଡ଼ିକ ଶିକ୍ଷକମାନଙ୍କୁ ବହୁତ ସାହାଯ୍ୟ କରେ। ଏହା ଶିକ୍ଷକ ଓ ଶିକ୍ଷାର୍ଥୀ ସମସ୍ତଙ୍କ ଭିତରେ ଏପରି ଜିଜ୍ଞାସା ଓ କୌତୂହଳ ସୃଜନର ମଞ୍ଜି ବୁଣେ। ପ୍ରତ୍ୟେକ ଶିଶୁଠାରେ ଅମାପ ଶକ୍ତି ସୁପ୍ତ ଅବସ୍ଥାରେ ରହିଛି। ସେମାନଙ୍କର ନୂତନ କିଛି ଗଢ଼ିବାର ଓ ନିର୍ମାଣ କରିବାର ଶକ୍ତି ସାମର୍ଥ୍ୟ ଓ କ୍ଷମତା ଅନ୍ତର୍ନିହିତ। ସେଗୁଡ଼ିକର ଉପଯୁକ୍ତ ବିନିଯୋଗ ହୋଇପାରିଲେ ଶିକ୍ଷାର୍ଥୀର ଆତ୍ମବିକାଶ ସହିତ ସମାଜର ଅଭୂତପୂର୍ବ ପ୍ରଗତି ସମ୍ଭବ। ଜୋହନ୍ ଲେନନ୍‌ଙ୍କ ମତ''ସୃଜନଶୀଳତା ହେଉଛି ଏକ ଉପହାର,ଅସଜଡ଼ା ପରିବେଶରେ ଏହାର ପରିପ୍ରକାଶ ଘଟେ ନାହିଁ।'' ଏଥିପାଇଁ ବିଦ୍ୟାଳୟରେ ଛାତ୍ରମାନଙ୍କ ଆତ୍ମପ୍ରକାଶ ନିମନ୍ତେ ଗୋଟିଏ ସୃଜନ ସମୟ ଓ ପରିବେଶ ସ୍ଥିର ହେଉ। ପରିବେଶଟି ନିରାପଦ ଓ ସ୍ୱାଧୀନ ହେଉ। ଗୋଟିଏ ପାଠ ପଢ଼ି ସାରିଲା ପରେ ତା'ର ଆଲୋଚନା ସମାଲୋଚନା କରାଯାଉ। ସମାଲୋଚନାଟି ଦାୟିତ୍ୱପୂର୍ଣ୍ଣ ଓ ଉତ୍ପାଦନକ୍ଷମ ହେଉ। ମୁକ୍ତ ପ୍ରଶ୍ନ ପଚାରି ଓ ମୁକ୍ତ ଉତ୍ତର ସ୍ୱାଗତ କରାଯାଉ। ତା'ର ବିଶ୍ଳେଷଣ ଓ ସମୀକ୍ଷା ନିମନ୍ତେ ପିଲାମାନଙ୍କୁ ଉତ୍ସାହିତ କରାଯାଉ। ପରିବେଶଟି ନିରାପଦ ହେଲେ ସେମାନେ ନିଜର ସୃଜନଶୀଳ ଭାବନା ପ୍ରକାଶ ପାଇଁ ସାହସ ବାନ୍ଧିପାରିବେ। ସ୍ୱାଧୀନ ହେଲେ ପିଲାମାନଙ୍କୁ ଆସୁଥିବା ଉତ୍ତର ବା ପ୍ରସଙ୍ଗ ବିନା ଦ୍ୱିଧାରେ ପ୍ରକାଶ କରିପାରିବେ। ପିଲାଙ୍କ ସ୍ୱତଃପ୍ରବୃତ୍ତ ଆବେଗ ଓ ଉତ୍କଣ୍ଠା ଉପରେ ଗୁରୁତ୍ୱ ଦେବାକୁ ହେବ। ପିଲା ଯାହା କହିବେ ଓ କରିବେ ତାକୁ ଗ୍ରହଣ କରିପାରୁଥିବା ସମ୍ବେଦନଶୀଳ ପରିବେଶଟି ଆବଶ୍ୟକ। ଏପରି ଗ୍ରହଣୀୟତା ରହିଲେ ସେମାନେ ଦେଉଥିବା ଉତ୍ତର ଠିକ୍ କି ଭୁଲ୍ ଓ ଏହା ଶ୍ରେଣୀରେ କେମିତି ଗ୍ରହଣ କରାଯାଉଛି ଜାଣି ଉତ୍ସାହିତ ହେବେ। ସେଥିପାଇଁ ଶିକ୍ଷାକର୍ତ୍ତୃପକ୍ଷ ଓ ଅଭିଭାବକ ସୃଜନଶୀଳତାକୁ ସମର୍ଥନ କରିବା ଦରକାର।

ସୃଜନଶୀଳତା ହେଉଛି କୌଶଳ ଆବଶ୍ୟକ କରୁଥିବା ବିଶେଷ ଚିନ୍ତନ ପ୍ରକ୍ରିୟା ବା ସାମର୍ଥ୍ୟ। ଆଲୋଚନା ଦ୍ୱାରା ଗୋଟିଏ ସାଧାରଣ ସତ୍ୟରୁ ଯୁକ୍ତି ଦ୍ୱାରା ଅନ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ପରିସ୍ଥିତିର ସତ୍ୟାସତ୍ୟ ନିର୍ଣ୍ଣୟ କରି ହୁଏ। ପିଲାମାନଙ୍କର ନିଷ୍ପତ୍ତି ନେବାର ଶକ୍ତି ବୃଦ୍ଧି ହୋଇଥାଏ। ଆଲୋଚନାରେ ବିଚାର ଓ ସମୟର ଚାପ ନ ରହିବା ଚାହି। ଆବଶ୍ୟକ ସ୍ଥଳେ ସୃଜନଶୀଳତାକୁ ପୁରସ୍କୃତ ନ କରି ତା' ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେବାର ବା ମାପକର ବ୍ୟବସ୍ଥା ହେଉ। ସୃଜନଶୀଳତା ପାଇଁ ବାହ୍ୟ ପୁରସ୍କାର ବ୍ୟବସ୍ଥା କଲେ ଏହା ସୃଜନଶୀଳତା ହ୍ରାସ କରିଥାଏ। ପୁରସ୍କାର ବ୍ୟବସ୍ଥା ନ କରି ଅନ୍ତର୍ନିହିତ ସନ୍ତୋଷ ପାଇଁ ସବୁ ପ୍ରକାର ନିର୍ଦ୍ଦେଶାବଳୀ ଓ ପଦାର୍ଥ ଯୋଗାଇବାର ବ୍ୟବସ୍ଥା କରାଯାଉ। ଏଗୁଡ଼ିକ ଛାତ୍ରମାନେ ନ୍ୟସ୍ତ ଦାୟିତ୍ୱ ଓ କାର୍ଯ୍ୟ ସମ୍ପାଦନ ନିମିତ୍ତ ଆବଶ୍ୟକ କରିଥାନ୍ତି। ତେଣୁ ବୈଜ୍ଞାନିକ ଆଲବର୍ଟ ଆଇନ୍ ଷ୍ଟାଇନ୍ କହନ୍ତି, ''ମୁଁ ଶିଷ୍ୟମାନଙ୍କୁ କେବେ ଶିକ୍ଷାଦିଏ ନାହିଁ, ସେମାନେ ଶିକ୍ଷାଲାଭ କଲାଭଳି ପରିବେଶଟି ସୃଷ୍ଟି କରିବା ପାଇଁ ମୁଁ ଚେଷ୍ଟା କରେ।''

ମୋ:୭୦୦୮୪୭୫୪୪୨
scparida30@gmail.com



# ଆଧୁନିକତା ଓ ଓଡ଼ିଆ କାବ୍ୟ

ଡ. ପ୍ରମୋଦ କୁମାର ପଣ୍ଡା

ସମାଜର ହିତ ସାଧନ କରୁଥିବା ଲେଖାକୁ ସାହିତ୍ୟ କୁହାଯାଇଥାଏ। ଏହା ମାଧ୍ୟମରେ ଜନସାଧାରଣ ତା'ର ସଭ୍ୟତା, ସଂସ୍କୃତି, ଇତିହାସ, ଭୂଗୋଳ, ବିଜ୍ଞାନ, ଦର୍ଶନ ଆଦିକୁ ପରିପ୍ରକାଶ କରିଥା'ନ୍ତି। ସାହିତ୍ୟର ଆହୁରି ଏକ ବଡ଼ ଦିଗ ହେଉଛି ମନୋରଞ୍ଜନ ଓ ସମାଜ ସଂସ୍କାର। ଏହି ସାହିତ୍ୟ ଦୁଇ ପ୍ରକାରର। ଏକ ଗଦ୍ୟ ସାହିତ୍ୟ ଓ ଅନ୍ୟଟି ପଦ୍ୟ ସାହିତ୍ୟ। ଉଭୟ ବିଭାଗ, ସେ ପଦ୍ୟ ସାହିତ୍ୟର ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ହେଉ କିମ୍ବା ଗଦ୍ୟ ସାହିତ୍ୟର ଫକୀରମୋହନ ସେନାପତିଙ୍କ ପେଟେଣ୍ଟ ମେଡିସିନ ଅବା ଡାକ ମୁନିସୀ କିମ୍ବା ଲିଓ ଟଲ୍‌ଷ୍ଟୟଙ୍କ ଟମକକାଙ୍କ କୁଟିର, ସବୁକିଛି ସମାଜ ପାଇଁ ଉପଯୋଗୀ ହୋଇଛି । ଏହି ଦୁଇ ବିଭାଗରୁ ପଦ୍ୟ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । କାରଣ ଏହାକୁ ସ୍ୱର, ତାଳ ଓ ଲୟରେ ଗାନ ଦ୍ୱାରା ଏହା ଏକ ସଙ୍ଗେ ଲକ୍ଷ ଲକ୍ଷ ଲୋକଙ୍କ ମନୋରଞ୍ଜନ କରାଇଥାଏ, ଯାହାକି ଗଦ୍ୟ ସାହିତ୍ୟ କ୍ଷେତ୍ରରେ ସମ୍ଭବ ହୁଏ ନାହିଁ । ତାକୁ ନିଜେ ପଢ଼ି ତା'ର ମହତ୍ତ୍ୱ ଉପଲବ୍ଧି କରିବାକୁ ପଡ଼େ। ଏହି ପଦ୍ୟ ସାହିତ୍ୟ ବା କାବ୍ୟ ପଦ୍ୟାବଳୀ ବିଭିନ୍ନ ଛାନ୍ଦ, ରାଗ ଉପରେ ପର୍ଯ୍ୟବସିତ ହେଲେ ଖୁବ୍ ସୁନ୍ଦର ଲାଗେ। ଏହା ହୃଦୟ ଓ ମନକୁ ଛୁଇଁଯାଇ ଥାଏ।

ବିଭିନ୍ନ ପ୍ରକାର ଛାନ୍ଦରେ ଭିନ୍ନ ଭିନ୍ନ ସ୍ୱର ଦେବାକୁ ପଡ଼େ। ତେଣୁ ସଙ୍ଗୀତ ଏକ ପ୍ରକାର ନ ହୋଇ ବିବିଧତା ବଜାୟ ରଖେ ଓ ଜନାଦୃତି ବୃଦ୍ଧି କରେ। ଆମ ଓଡ଼ିଆ ଭାଷାରେ ବିଭିନ୍ନ ପ୍ରକାର ଛାନ୍ଦ ଯଥା ବଙ୍ଗଳାଶ୍ରୀ, ରସକୁଲ୍ୟା, ବିଭାସକେଦାର, ଗୁର୍ଜ୍ଜରୀ, ଚକ୍ରକେଳି, କଳହଂସ କେଦାର, ଶଙ୍କରାଭରଣ, ଆଷାଢ଼ ଶୁକ୍ଳ, ଚୋଖି, ଦାଣ୍ଡି ଇତ୍ୟାଦି କେଉଁ ଆଦିମ କାଳରୁ ପ୍ରଚଳିତ। ଆମର ପୁରୁଣା ଲେଖକମାନେ ବ୍ୟାକରଣର ଏହିସବୁ ନିୟମରେ ଅଭ୍ୟସ୍ତ ଥିଲେ ଓ ସୁନ୍ଦର କାବ୍ୟ ମାନ ରଚନା କରିଯାଇଛନ୍ତି। ସେ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀସ ବିଳାସ ହେଉ ବା ଗଙ୍ଗାଧର ମେହେରଙ୍କ ତପସ୍ୱିନୀ କିମ୍ବା ପ୍ରଣୟ ବଲ୍ଲରୀ କିମ୍ବା ଦୀନକୃଷ୍ଣ ଦାସଙ୍କ ରସ କଲ୍ଲୋଳ କିମ୍ବା ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣି କିମ୍ବା କବିବର ରାଧାନାଥଙ୍କ ଚିଲିକା କାବ୍ୟ ତା'ର ଛାନ୍ଦ ଓ ରାଗ ପାଇଁ ପ୍ରସିଦ୍ଧ।

ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା, ଦାସକାଠିଆରେ ଛାନ୍ଦ ଓ ରାଗର ଭରପୂର ବ୍ୟବହାର ହୋଇଥାଏ । ଏହା ଆମ ଭାଷାର ଗରିଷ୍ଠତାକୁ ପ୍ରମାଣ ମଧ୍ୟ କରିଥାଏ । ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା, ଓଡ଼ିଶୀ ନୃତ୍ୟ ମଧ୍ୟ ଶାସ୍ତ୍ରୀୟ ନୃତ୍ୟ । ଯଦିଓ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇ ନାହିଁ, ତଥାପି ଓଡ଼ିଶୀ ସଙ୍ଗୀତରେ ଶାସ୍ତ୍ରୀୟତା ପାଇଁ ସବୁକିଛି ଉପାଦାନ ଭରିରହିଛି। ଆମର ଗୀତ, କାବ୍ୟ ଇତ୍ୟାଦି ଛାନ୍ଦ ଓ ରାଗ ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ । ମାତ୍ର ବର୍ତ୍ତମାନର ନୂଆ ପିଢ଼ିର ଲେଖକ, ଲେଖିକାମାନେ ସାଦାସିଧା ଶୈଳୀ ଆପଣାଉଛନ୍ତି। ସେମାନେ ଛାନ୍ଦ ଓ ରାଗ ବିଷୟରେ ସମ୍ପୂର୍ଣ୍ଣ ଅଗଣ୍ୟ ହୁଅନ୍ତୁ କିମ୍ବା ସମୟ ଅଭାବ ହେଉ କିମ୍ବା ସାଦାସିଧା ଶୈଳୀରେ ସଙ୍ଗୀତ ରଚନା କରିବା ସହଜ ସାଧ୍ୟ ବୋଧ ହେଉ, କିନ୍ତୁ ପରିଶେଷରେ ଆଧୁନିକ ଯୁଗର କାବ୍ୟ କବିତା ଯେ ଅଧିକାଂଶ ଛାନ୍ଦ ଓ ରସ ହୀନ ଏଥିରେ ଦ୍ୱିମତ ନାହିଁ । ଯଦି ଏହିପରି ଭାବରେ କାବ୍ୟ କବିତା ରଚନା ଜାରି



ରହେ, ତା' ହେଲେ ସମୟ ଆସିବ ଓଡ଼ିଆ କାବ୍ୟ କବିତାକୁ କେହି ସ୍ୱର, ଲୟ ଓ ତାଳରେ ଗାଇ ପାରିବେ ନାହିଁ। ତେଣୁ ଏହା ଜନମାନସରୁ ଦୂରେଇ ଯିବ। ପାଲା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହାର ବ୍ୟବହାର ହୋଇପାରିବ ନାହିଁ, କାରଣ ଏହା ଲୋକଙ୍କୁ ଅପେକ୍ଷିତ ମନୋରଞ୍ଜନ ପ୍ରଦାନରେ ବିଫଳ ହେବ। ଓଡ଼ିଆ ଭାଷାର ମଧୁରତା ଓ ଲାବନ୍ୟତା ପାଇଁ କାବ୍ୟ କବିତାରେ ଛାନ୍ଦ ରାଗ ରହିବା ଆବଶ୍ୟକ। ଅବଶ୍ୟ ବର୍ତ୍ତମାନ କିଛି ଆଗଧାଡ଼ିର କବି ଓଡ଼ିଆ କାବ୍ୟ କବିତାକୁ ସାଦାସିଧା ବା ସରଳ ଶୈଳୀରେ ପରିବେଷଣ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ସେମାନେ ପଦ୍ୟ ସାହିତ୍ୟକୁ ଗଦ୍ୟରେ ପରିବେଷଣ କରି ସବୁ ପ୍ରକାର ସାହିତ୍ୟକୁ ଏକାକାର କରିବାକୁ ଚାହୁଁଛନ୍ତି। ଏହା ଠିକ୍ ନୁହେଁ।

ସାହିତ୍ୟର ବିବିଧତା ତା'ର ମହାନତାର ପରିପ୍ରକାଶ କରିଥାଏ । ଯଦି ଆମେ ସାହିତ୍ୟର ଗଳ୍ପ, ଉପନ୍ୟାସ, କାବ୍ୟ, କବିତା, କ୍ଷୁଦ୍ର ନାଟକ ଇତ୍ୟାଦି ମଧ୍ୟରେ ପାର୍ଥକ୍ୟକୁ ବଜାୟ ନ ରଖିବା, ତା' ହେଲେ ଆମ ସାହିତ୍ୟର କଳେବର ସଙ୍କୁଚିତ ହୋଇଯିବ। ଅର୍ଥାତ୍ ୧୦୦ କିମ୍ବା ୨୦୦ ବର୍ଷ ପରେ ଆମେ ଦେଖିବାକୁ ପାଇବା ଯେ ଆମ ସାହିତ୍ୟ କେବଳ ଗଦ୍ୟ ହୋଇଯାଇଛି। ଏପରିକି କାବ୍ୟ କବିତାରେ ଛାନ୍ଦ, ରାଗ, ରସ ଇତ୍ୟାଦି ଉଭେଇ ଯାଇଛି। ସାହିତ୍ୟର ବିଭାଗ ବିବିଧତା ବିଲୋପ ମଧ୍ୟ ଭବିଷ୍ୟତରେ ସାହିତ୍ୟ ପାଇଁ ଏକ ବହୁତ ବଡ଼ କ୍ଷତି ସାଧନ କରିବ। ଅବଶ୍ୟ କାବ୍ୟ କବିତା ରଚନା ବେଳେ ପାଠକମାନଙ୍କ ବୋଧଗମ୍ୟ ବିଷୟକୁ ଧ୍ୟାନରେ ରଖିବା ଉଚିତ। ଆଧୁନିକ ଗଳ୍ପ, ଉପନ୍ୟାସ ବା ପ୍ରବନ୍ଧ ଠିକ୍ ଭାବେ ପରିବେଷଣ ବା ସୃଷ୍ଟି କରାଯାଉଛି। ମାତ୍ର ଆଧୁନିକ କାବ୍ୟ କବିତାକୁ ବିଶ୍ଳେଷଣ କଲେ ଦେଖାଯିବ ଯେ ଅନେକ ସମୟରେ ପାଠକ କବିତାଟିର ଅର୍ଥ ବୁଝିବାରେ ଅସମର୍ଥ ହୋଇପଡ଼େ କିମ୍ବା ଦ୍ୱିଧା ଭିତରେ ବୁଡ଼ିଯାଏ, ଯାହାକି ତାକୁ ଏହାକୁ ପାଠ ନ କରିବା ପାଇଁ ପ୍ରବର୍ତ୍ତାଇ ଥାଏ । ପାଠକ ଯେତେବେଳେ କାବ୍ୟ ଓ କବିତା ଭଲ ଭାବେ ବୁଝିପାରେ ସେ ସେତେବେଳେ ତା'ର ରସ ଆସ୍ୱାଦନ କରେ ଓ ଭିତରକୁ ପଶି ଆହୁରି ପଢ଼ିବାକୁ ଇଚ୍ଛା ପ୍ରକାଶ କରେ। ମାତ୍ର ଯେତେବେଳେ କାବ୍ୟ କବିତାଟି ପାଠକ ପାଇଁ ଦୁର୍ଭେଦ୍ୟବୋଧ ମନେହୁଏ କିମ୍ବା ମୂଲ୍ୟହୀନ ମନେହୁଏ, ସେତେବେଳେ ସେ ଆଉ ପଢ଼ିବାକୁ ଆଗ୍ରହ ପ୍ରକାଶ କରେ ନାହିଁ। ସେଥିପାଇଁ ବର୍ତ୍ତମାନ ଓଡ଼ିଶାରେ ପାଠକବୃନ୍ଦ ଓଡ଼ିଆ କାବ୍ୟ କବିତାକୁ ପଢୁନାହାନ୍ତି। କବି ବା ଲେଖକ ଭାବିବା ଆବଶ୍ୟକ ଯେ, ଲେଖା ପଢ଼ିବା ପାଇଁ ପାଠକ ସମୟ ନିବେଶ କରୁଛନ୍ତି, ଯଦି ସେମାନେ ତାଙ୍କ ସମୟର ମୂଲ୍ୟ ମୋ ଲେଖା ମାଧ୍ୟମରେ ପାଇବେ ନାହିଁ, ତା' ହେଲେ ମୋ ଲେଖାକୁ କାହିଁକି ପଢ଼ିବେ ? ତେଣୁ ମୋ ଲେଖାରେ ପାଠକଙ୍କ ସମୟ ଓ ଶ୍ରମ ମୂଲ୍ୟ ଫେରାଇବା ପାଇଁ ପର୍ଯ୍ୟାପ୍ତ ଉପାଦାନ ଭରି ରହିଥିବା ଆବଶ୍ୟକ । ସାଧାରଣତଃ କବି ବା ଲେଖକମାନେ ବିଭିନ୍ନ କ୍ଷେତ୍ରରୁ ଆସିଥାଆନ୍ତି । ସବୁ କବି ଲେଖକଙ୍କ ପାଖରେ ଛାନ୍ଦ, ରାଗ ଇତ୍ୟାଦି ଜ୍ଞାନ ମିଳିବା କଷ୍ଟକର ହୋଇଥାଏ। ତେଣୁ ଆମର ଓଡ଼ିଆ ବିଭାଗର ବିଶେଷଜ୍ଞ, ବୁଦ୍ଧିଜୀବୀ, ପ୍ରଫେସର ଆଦି ଛାନ୍ଦ, ରାଗ ଇତ୍ୟାଦିର ସରଳୀକରଣ ଅଧ୍ୟାୟକୁ ସ୍ୱଳ୍ପରେ ପ୍ରକାଶ କରିବା ଆବଶ୍ୟକ, ଯାହାଦ୍ୱାରା ନୂତନ ପିଢ଼ିର କବି ଭାବୁକମାନେ ନିଜକୁ ଛାନ୍ଦ, ରାଗ ବ୍ୟାକରଣର ସମସ୍ତ ନିୟମରେ ଅଭ୍ୟସ୍ତ କରିପାରିବେ ଓ ଲେଖାଲେଖି କଲାବେଳେ ତାକୁ ବ୍ୟବହାର କରି ଓଡ଼ିଆ ଭାଷାର ମାଧୁର୍ଯ୍ୟକୁ ବଜାୟ ରଖିବାରେ ସହାୟକ ହେବେ।

ମୋ -୮୯୧୭୪୨୬୪୪୦

## ଏଇ ଭାରତରେ

ବାଇକରେ ନୂଆ ଜାଗା ବୁଲିବା ସହ ରୋଜଗାରର ନୂଆ ତରିକା ସାମ୍ନାକୁ ଆଣିଛନ୍ତି କେରଳର ଜୀବିନ ମଧୁ। ଚାକିରି ନିଶାରେ ଘର ଛାଡ଼ି ବାଇକରେ ଭାରତର ୧୦ଟି ରାଜ୍ୟ, ନେପାଳ ଓ ମ୍ୟାନ୍‌ମାର ବୁଲିଛନ୍ତି ୨୪ ବର୍ଷୀୟ ଜୀବିନ । ମୋଟରେ ସେ ୧ ବର୍ଷ ୪ ମାସ ଓ ୧୭ଦିନ ବୁଲିବା ଭିତରେ ନିଆରା ଶୈଳୀରେ ରୋଜଗାର କରିଛନ୍ତି। ତାଙ୍କ ୟାମା ଏଫଜେ ବାଇକରେ ଏକ ଷ୍ଟଲ୍ କରି ଦିନକୁ ୫୦୦ରୁ ୬୦୦ ଟଙ୍କା ରୋଜଗାର କରୁଥିଲେ। ଏହା ବ୍ୟତୀତ ଯେଉଁ ଜାଗାକୁ ଯାଉଥିଲେ ସେଠାରେ କିଛି ଦିନ ପାଇଁ କାମ କରି ରୋଜଗାର କରୁଥିବା ପରେ ଅନ୍ୟ ସ୍ଥାନକୁ ଯାଉଥିଲେ। ସେ ତାଙ୍କ ବାଇକ୍‌ର ପଛ ଟପ୍‌ବକ୍ସ ଉପରେ କରିଥିବା ଫୁଡ ଷ୍ଟଲ୍‌ରେ ବ୍ରେଡ ଓମଲେଟ, ଚା, ନୁଡଲ୍ସ ଓ କେରଳମାତା ରାଇସରେ ପ୍ରସ୍ତୁତ ଅନ୍ନ ବିକ୍ରି କରୁଥିଲେ। ଏହି ରୋଜଗାରରେ ସେ ତାଙ୍କର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି , ଏପରି କି ବାଇକ୍ ସଜାଡ଼ିବାରେ ୧୦,୦୦୦ ଟଙ୍କା ବ୍ୟୟ କରିଛନ୍ତି। ଏହି ଟ୍ରିପ୍‌ରେ ଜୀବିନ ସବୁ ସ୍ଥାନର ସଂସ୍କୃତି ସହ ପରିଚିତ ହୋଇପାରିଛନ୍ତି। ଏହି ଧାରାରେ ଜୀବିନ ତାଙ୍କ ବାଇକରେ ଥାଇଲାଣ୍ଡ ଯିବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୭

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ସି.କେ. ଜାଫର ସରିଫଙ୍କ ବିରୁଦ୍ଧରେ ସିବିଆଇ ଚାର୍ଜଶିଟ୍।
- ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ ଏବଂ ଗୁଜରାଟର ପୂର୍ବତନ ମନ୍ତ୍ରୀ ରାଜୁଭାଇ ଆବାନୀଙ୍କ ୮୪ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

କେନାଲର ଦୁଇ କୂଳେ
ତାଳଗଛ ଧାଡ଼ି ମୂଳେ
ଫୁଲିଉଠେ ଗରବିତ ପାଣିରେ !
ଉଦ୍‌ଭିନ୍ନ ଯଉବନ ଠାଣିରେ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 3 | | 5 | | 9 | |
| | 3 | | | | | 5 | 8 | |
| | | | | | 9 | | | 3 |
| | | 2 | 9 | 8 | 3 | 6 | | 5 |
| | | | | | 7 | | | 2 |
| 4 | | | | | | | 3 | |
| 9 | | | 4 | | | | | 8 |
| | 6 | | | | | 2 | 7 | |
| 1 | 2 | | | | 8 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 2 | 8 | 3 | 7 | 9 | 6 | 1 |
| 1 | 9 | 3 | 6 | 5 | 2 | 7 | 4 | 8 |
| 8 | 6 | 7 | 4 | 9 | 1 | 5 | 2 | 3 |
| 6 | 1 | 9 | 5 | 2 | 4 | 8 | 3 | 7 |
| 3 | 5 | 4 | 7 | 8 | 6 | 1 | 9 | 2 |
| 2 | 7 | 8 | 3 | 1 | 9 | 4 | 5 | 6 |
| 9 | 3 | 6 | 1 | 4 | 8 | 2 | 7 | 5 |
| 4 | 8 | 5 | 2 | 7 | 3 | 6 | 1 | 9 |
| 7 | 2 | 1 | 9 | 6 | 5 | 3 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟା କ'ଣ ଶେଷ ରାସ୍ତା

ମହାଶୟ, ଆମେ ପଢ଼ିଛୁ ଆତ୍ମହତ୍ୟା ମହାପାପ । ମାତ୍ର ଏବେ ଶିକ୍ଷିତ ଯୁବକ ଯୁବତୀମାନେ ଆତ୍ମହତ୍ୟା କରୁଥିବା ଖୁବ୍ ଦୁଃଖର ବିଷୟ। ନିକଟରେ ସଫ୍ଟୱେର ଇଞ୍ଜିନିୟର ଶ୍ୱେତାଙ୍କ ମୃତ୍ୟୁ ମନରୁ ନ ଲିଭୁଣୁ ପୁଣି ଜଣେ କର୍ତ୍ତବ୍ୟରତ ମହିଳା ଏସ୍‌ଆଇଙ୍କ ଆତ୍ମହତ୍ୟା ଦୁଃଖ ଓ ନିରାଶା ଭରିଦେଇଛି। ସାମାନ୍ୟ ଗଛଟିଏ ବାତ୍ୟାରେ ବଙ୍କା ହେଲେ ମଧ୍ୟ ଧୀରେ ଧୀରେ ସିଧା ହୋଇପାରୁଛି। ମାତ୍ର ସଂସାରର ଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା ମଣିଷଟିଏ ଏପରି ନିଚ ମାନସିକତାଠାରୁ ମୁକୁଳିପାରୁନି କେମିତି ? ପ୍ରଶ୍ନ ଉଠେ ଆତ୍ମହତ୍ୟା କ'ଣ ଶେଷ ରାସ୍ତା।

-ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com
(Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com:miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମୟୂରଭଞ୍ଜ ଛଉ ଡ୍ୟାନ୍ସ ସମ୍ପର୍କିତ ସଙ୍ଗୀତ ସେମିନାର, ମୟୂର ଆର୍ଟ ସେଣ୍ଟର, ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା।
- ୱିନର ଆସୋସିଏଶନ ପକ୍ଷରୁ ଗଣେଶ ମୂର୍ତ୍ତି ବିସର୍ଜନ ପୂଜା, ଶହୀଦ ନଗର, ମଧ୍ୟାହ୍ନ ୧୨ଟା ୩୦।
- ଦି ଓଡ଼ିଶା ଷ୍ଟେଟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ବସନ୍ତ ଦିବସ, ଷ୍ଟେଟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ରାଜ୍ୟ ମୁଖ୍ୟାଳୟ, ଅପରାହ୍ନ ୩ଟା।
- ଭିଏସ୍ଏସ୍ ନଗରରେ ମା' ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ, ମଣ୍ଡପରୁ ଯାତ୍ରା, ଅପରାହ୍ନ ୪ଟା ୫, କୁଆଖାଇ ନଦୀପଠାରେ ପୂଜା, ଅପରାହ୍ନ ୪ଟା ୩୦।
- ପ୍ରତିକାରର ୧୪ତମ ସ୍ୱନକ୍ଷତ୍ର ଓ ଓଡ଼ିଶା ପ୍ରତିଭା ସମ୍ମାନ-୨୦୨୨, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ରଙ୍କ ସମ୍ମାନ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ମା' କୋଚିଲେଇ ହାଟ ପୂଜା ମଣ୍ଡପର ଗଣେଶ ପୂଜା ଅବସରରେ ପଂକ୍ତି ଭୋଜନ, ପୂଜା ମଣ୍ଡପ, ରାତି ୮ଟା।

**ଖୋର୍ଦ୍ଧା**
- ଜିଲା ସଂସ୍କୃତି ପରିଷଦ ପକ୍ଷରୁ ନୂଆଁଖାଇ ପର୍ବ-୨୦୨୨, ଟାଉନହଲ୍, ଅପରାହ୍ନ ୪ଟା।

# ଓପିଏସ୍‌ସି ଜାରି କଲା ଟୋଲ୍ ଫ୍ରି ନମ୍ବର

**ଚାକିରି ପାଇଁ ପ୍ରାର୍ଥୀଙ୍କୁ ମଗାଯାଉଛି ଟଙ୍କା**

**କଟକ ଅଫିସ,୬।୯:** ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ କରାଯାଉଥିବା ବିଭିନ୍ନ ପରୀକ୍ଷାରେ ପ୍ରାର୍ଥୀମାନଙ୍କୁ ଯୋଗ୍ୟତା ତାଲିକାରେ ସ୍ଥାନ ଦେବାକୁ କେତେଜଣ ଅସାଧୁ ବ୍ୟକ୍ତି ପ୍ରତିଶ୍ରୁତି ଦେଇ ଟଙ୍କା ମାଗୁଛନ୍ତି। ଏ ସମ୍ପର୍କରେ ଓପିଏସ୍‌ସି ନିକଟରେ ଅଭିଯୋଗ ହୋଇଛି। ଏହାପରେ ଓପିଏସ୍‌ସି ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସେଥିରେ ଉଲ୍ଲେଖ କରାଯାଇଛି, କେତେଜଣ ଅସାଧୁ ବ୍ୟକ୍ତି ପ୍ରାର୍ଥୀମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବେଆଇନ ଭାବେ ଅର୍ଥ ଆଦାୟ କରୁଛନ୍ତି। ଏଭଳି ମିଥ୍ୟା ପ୍ରତିଶ୍ରୁତିକୁ କୌଣସି ପ୍ରାର୍ଥୀ ବିଶ୍ୱାସ କରନ୍ତୁ ନାହିଁ। ଓପିଏସ୍‌ସି ପକ୍ଷରୁ ସମସ୍ତ ନିଯୁକ୍ତିରେ ଦୃଢ଼, ସ୍ୱଚ୍ଛତା ଓ ଯୋଗ୍ୟତାଭିତ୍ତିକ ପ୍ରକ୍ରିୟା ଅନୁସରଣ କରାଯାଏ। ଯଦି କୌଣସି ବ୍ୟକ୍ତି ଏଭଳି କରୁଛନ୍ତି, ତା' ହେଲେ ଓପିଏସ୍‌ସିକୁ ଜଣାନ୍ତୁ। ଏଥିପାଇଁ ଟୋଲ୍ ଫ୍ରି ନମ୍ବର (୦୬୭୧-୨୩୦୧୧୦୭, ୦୬୭୧-୨୩୦୪୦୯୦) ଜାରି କରାଯାଇଥିବାବେଳେ ଅଫିସିଆଲ ଇ-ମେଲରେ ଯୋଗାଯୋଗ କରିବାକୁ କୁହାଯାଇଛି।

# ଚଳିତ ବର୍ଷ ହେବ କାର୍ତ୍ତିକ ବ୍ରତ ଯୋଜନା

**ଭୁବନେଶ୍ୱର, ୬।୯(ବ୍ୟୁରୋ):** କୋଭିଡ୍ ଯୋଗୁ ଗତ ୨ବର୍ଷ ହେବ ହବିଷିଆଳିମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କାର୍ତ୍ତିକ ବ୍ରତ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। କରୋନା ସଂକ୍ରମଣ ହ୍ରାସ ପାଇବା ଯୋଗୁ ଚଳିତ ବର୍ଷ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିରେ ପୁରୀରେ ୨ହଜାର ୫ଶହ ହବିଷିଆଳିଙ୍କ ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯିବ। ସେପ୍ଟେମ୍ବର ୧୦ ତାରିଖରୁ ଏଥିପାଇଁ ପଞ୍ଜୀକରଣ ଆରମ୍ଭ ହେବ ଏବଂ ୨୫ ତାରିଖରେ ଶେଷ ହେବ। ଏନେଇ ଆସନ୍ତା ୮ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯିବ। ଆସନ୍ତା ଅକ୍ଟୋବର ୧୦ ତାରିଖରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବ। ଯେଉଁମାନେ ଏହି ଯୋଜନାରେ ସାମିଲ ହେବାକୁ ଚାହିଁବେ, ସେମାନେ ନିଜ ନିଜ ଜିଲାରେ ନାମ ପଞ୍ଜୀକରଣ କରିପାରିବେ। ଏଥିରେ ସାମିଲ ହେବାକୁ ଥିବା ହବିଷିଆଳିମାନେ କରୋନା ଟିକା ନେଇଥିବା ବାଧ୍ୟତାମୂଳକ କରାଯାଇଛି। ଏହି କାର୍ତ୍ତିକ ବ୍ରତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

# ଯୁକ୍ତ୨ ପିଲାଙ୍କ ଲାଗି ବାୟୋମେଟ୍ରିକ ବାଧ୍ୟତାମୂଳକ

- ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବ୍ୟବସ୍ଥା
- ୭୫%ରୁ କମ୍ ଉପସ୍ଥାନ ରହିଲେ ପରୀକ୍ଷା ମନା

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ରାଜ୍ୟର ସବୁ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ଲାଗି ବାୟୋମେଟ୍ରିକ ବାଧ୍ୟତାମୂଳକ ହେବ। ଏନେଇ ଗଣଶିକ୍ଷା ବିଭାଗ ଯୋଜନା କରୁଥିବା ସୂଚନା ମିଳିଛି। ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬୫୦ଟି କଲେଜରେ ପାଇଲଟ୍ ପ୍ରକଳ୍ପ ଭାବେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି। ଏଣିକି ଜୁନିୟର କଲେଜରେ ଶ୍ରେଣୀରେ ଅଧ୍ୟାପକମାନେ ଉପସ୍ଥାନ ନେବା ପୂର୍ବରୁ ଛାତ୍ରୀଛାତ୍ର ବାୟୋମେଟ୍ରିକରେ ନିଜର ଉପସ୍ଥାନ ଦେବେ। ସେହିପରି ଯେତେବେଳେ କଲେଜ ଛାଡ଼ିବେ କିମ୍ବା ଛୁଟି ପରେ ପୁଣି ବାୟୋମେଟ୍ରିକରେ ଉପସ୍ଥାନ ଦେବେ। ଫଳରେ ଛାତ୍ରୀଛାତ୍ରମାନେ ଦୈନିକ କଲେଜରେ କେତେ ସମୟ ଉପସ୍ଥିତ ରହୁଛନ୍ତି ଏବଂ କେତୋଟି କ୍ଲାସ୍ କରୁଛନ୍ତି ସେସବୁର ରିପୋର୍ଟ ରହିବ। ଏଥିସହ ପ୍ରତିବର୍ଷ ପରୀକ୍ଷା ପୂର୍ବରୁ ପିଲାଙ୍କ ଉପସ୍ଥାନ ବାୟୋମେଟ୍ରିକ ମାଧ୍ୟମରେ ସ୍ପଷ୍ଟ କରାଯିବ। ସର୍ବନିମ୍ନ ୭୫ ପ୍ରତିଶତରୁ କମ୍ ଉପସ୍ଥାନ ରହିଲେ ପିଲାଙ୍କୁ ପରୀକ୍ଷା ଲାଗି ଅନୁମତି ଦିଆଯିବ ନାହିଁ। ଏହାବ୍ୟତୀତ ପ୍ରତିମାସରେ ପିଲାଙ୍କ ଉପସ୍ଥାନ କେତେ ରହିଥିଲା, ତାହା କଲେଜ ନୋଟିସ୍ ବୋର୍ଡରେ ଦର୍ଶାଯିବ। ପ୍ରତି ୬ମାସର ଉପସ୍ଥାନକୁ ନେଇ ସମୀକ୍ଷା କରାଯିବ ଏବଂ ପିଲାଙ୍କ ଉପସ୍ଥାନ ଯଦି ୭୫ପ୍ରତିଶତରୁ କମ୍ ରହେ ତେବେ ଅଭିଭାବକଙ୍କୁ ଅବଗତ କରାଯିବ। ସୂଚନାଯୋଗ୍ୟ, ଗତ କିଛିବର୍ଷ ହେବ ରାଜ୍ୟରେ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ବିଶେଷକରି କଳା ବିଭାଗର ପିଲାଙ୍କ ଉପସ୍ଥାନ ବର୍ଷକୁ ୪୦ପ୍ରତିଶତ ରହୁଥିବା ବେଳେ ବିଜ୍ଞାନ ବିଭାଗର ପିଲାଙ୍କ ଦ୍ୱିତୀୟ ବର୍ଷରେ ଉପସ୍ଥାନ ଅତ୍ୟନ୍ତ କମ ରହୁଛି। ବିଜ୍ଞାନ ବିଭାଗର ପିଲାମାନେ କୋଚିଂ ପ୍ରତି ଗୁରୁତ୍ୱ ଦେଉଥିବାରୁ ପ୍ରାୟ ୫୭ ପ୍ରତିଶତ ପିଲା ଯୁକ୍ତ୨ ଦ୍ୱିତୀୟ ବର୍ଷରେ କଲେଜ ଆସୁନାହାନ୍ତି। କେବଳ ପ୍ରାକ୍ଟିକାଲ କ୍ଲାସକୁ ବାଦ୍ ଦେଲେ ଥିଓରି କ୍ଲାସରେ ପିଲାଙ୍କ ଉପସ୍ଥାନ ସଂଖ୍ୟା ଆଶାତୀତ କମ୍ ରହୁଥିବା ଜଣାପଡ଼ିଛି। ଫଳରେ ଫର୍ମପୂରଣ ସମୟରେ ବିଭିନ୍ନ ସମସ୍ୟା ହେଉଛି। ଏପରି ସମସ୍ୟାରେ ରୋକ୍ ଲଗାଇବା ଲାଗି ପ୍ରଥମ କରି ପିଲାଙ୍କ ଲାଗି ବାୟୋମେଟ୍ରିକ ବ୍ୟବସ୍ଥା ଆରମ୍ଭ ହେଉଥିବା ଜଣାପଡ଼ିଛି। ରାଜ୍ୟରେ ପ୍ରାୟ ୨,୦୬୫ଟି ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ଘରୋଇ କଲେଜ ରହିଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, କଟକ, ଗଞ୍ଜାମ, ବରଗଡ଼, ଭଦ୍ରକ, ବୌଦ୍ଧ, ଦେବଗଡ଼, ପୁରୀ, କନ୍ଧମାଳ, କେନ୍ଦ୍ରାପଡ଼ା ଜିଲାରେ ପିଲାଙ୍କ ଲାଗି ବାୟୋମେଟ୍ରିକ ବ୍ୟବସ୍ଥା କଲେଜରେ ରହିବ। ୨୦୨୩ରୁ ଏହି ବ୍ୟବସ୍ଥା ରାଜ୍ୟର ସବୁ କଲେଜରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୫ବର୍ଷ ହେବ ସବୁ ଜୁନିୟର କଲେଜରେ ଅଧ୍ୟାପକ, କର୍ମଚାରୀଙ୍କ ଲାଗି ବାୟୋମେଟ୍ରିକ ବ୍ୟବସ୍ଥା କରାଯାଇଛି। କୋଭିଡ୍ ଲାଗି ଗତ ୨ବର୍ଷ ହେବ ଏହି ବ୍ୟବସ୍ଥାକୁ ବନ୍ଦ କରାଯାଇଥିଲା। ପୁଣି ଏବେ ତାହାକୁ ଆରମ୍ଭ କରାଯାଇଛି।



ମହାରାଷ୍ଟ୍ର ପୁଣେ ଛତ୍ରପତି ଷ୍ଟାଡିୟମ୍‌ରେ ଅଲଟିମେଟ୍ ଖୋ ଖୋ କ୍ରୀଡ଼ାରେ ଚାମ୍ପିୟନ୍ ଓଡ଼ିଶା ଜଗରନଟ୍ସ ଦଳ ମଙ୍ଗଳବାର ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିବା ଅବସରରେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଓଡ଼ିଶା ଜଗରନଟ୍ସ ଟିମ୍

**ପୁରୀ ଅଫିସ,୬।୯**

ମହାରାଷ୍ଟ୍ର ପୁଣେ ଛତ୍ରପତି ଷ୍ଟାଡିୟମ୍‌ରେ ଅଲ୍‌ଟିମେଟ୍ ଖୋ ଖୋ କ୍ରୀଡ଼ାରେ ଚାମ୍ପିୟନ୍ ହୋଇଥିବା ଓଡ଼ିଶା ଜଗରନଟ୍ସ ଦଳ ମଙ୍ଗଳବାର ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପୂର୍ବାହ୍ନରେ ଏହି ଦଳ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ଏହାପରେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ରହି ଟିମ୍‌କୁ ସ୍ୱାଗତ କରିଥିଲେ। ଟିମ୍‌ର ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଦଳର ସଦସ୍ୟମାନେ ଶ୍ରୀମନ୍ଦିର ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଟିମ୍ ସାଙ୍ଗରେ ଟ୍ରଫି ଧରି ଆସିଥିବା ବେଳେ ତାହାକୁ ମଧ୍ୟ ପୂଜା କରିଥିଲେ। ଦଳର ଖେଳାଳିମାନେ କହିଥିଲେ ଯେ, ମହାପ୍ରଭୁଙ୍କ ଆଶୀର୍ବାଦ ବିନା ଏଭଳି ସଫଳତା ହାସଲ କରିବା ଅସମ୍ଭବ। ମହାପ୍ରଭୁ ସବୁ ସମୟରେ ଆମ ସହ ରହିଛନ୍ତି। ଓଡ଼ିଆ ମାଟିର ପୁଅ ଭାବେ ଆମେ ଗର୍ବିତ ଓ ଆମର ଏହି ସଫଳତାର ସମସ୍ତ ଶ୍ରେୟ ମହାପ୍ରଭୁଙ୍କୁ ଓ ଓଡ଼ିଶାବାସୀଙ୍କୁ ସମର୍ପିତ କରୁଛୁ। ରାଜ୍ୟ ସରକାରଙ୍କ ସହଯୋଗ ଓ ପ୍ରୋତ୍ସାହନ ଦଳର ମନୋବଳକୁ ବହୁ ଗୁଣିତ କରିଥିଲା। ଏହି ଅବସରରେ ଜିଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ମଧ୍ୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିବା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି।

# ମହିଳା କନଷ୍ଟେବଲ୍‌ଙ୍କ ସମେତ ୨ ମୃତ

- ଟ୍ରକ୍ ପଛକୁ ଧକ୍କା ହେଲା ବାଇକ୍
- ଭଣଜାଙ୍କ ସତ୍କାର ସାରି ଘରକୁ ଫେରୁଥିଲେ

**ସାକ୍ଷୀଗୋପାଳ,୬।୯ (ଡି.ଏନ୍.ଏ./ସ୍ୱ.ପ୍ର.)**

ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ମହିଳା କନଷ୍ଟେବଲଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ମହିଳାଙ୍କ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ହୋତା ସାହି (ଗୋପାଳପୁର ପାଟଣା) ଗ୍ରାମର ସୁଷମା ମିଶ୍ର(୪୨) ଓ ତାଙ୍କ ଘରେ ରହୁଥିବା ସମ୍ପର୍କୀୟ ସୂର୍ଯ୍ୟକାନ୍ତ ସାହୁ (୨୮)। ସୁଷମା କୋଣାର୍କ କୋର୍ଟରେ କନଷ୍ଟେବଲ ରୂପେ କାର୍ଯ୍ୟରତା ଥିଲେ। ଖବରପାଇ ସତ୍ୟବାଦୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ମେଡିକାଲ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସୁଷମାଙ୍କ ଭଣଜା ଜଟଣୀ ଥାନା ଅନ୍ତର୍ଗତ ବାଛେରା ଗ୍ରାମର ଜ୍ୟୋତି ରଞ୍ଜନ ଦାସ (୩୨)ଙ୍କ ପରଲୋକ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ଭଣଜାଙ୍କ ସତ୍କାର ଥିବାରୁ ସୁଷମାଙ୍କ ପରିବାର ଲୋକ ସୋମବାର ରାତିରେ ଯାଇଥିଲେ। କାର୍ଯ୍ୟ ସାରି ମଙ୍ଗଳବାର ସୁଷମା ତାଙ୍କ ପୁଅ ଚିନ୍ମୟ ପ୍ରସାଦ ଆଚାର୍ଯ୍ୟ (୧୮) ଓ ସମ୍ପର୍କୀୟ ସୂର୍ଯ୍ୟକାନ୍ତଙ୍କ ସହ ବାଇକ୍ (ନଂ.ଓଡି ୧୩ପି ୯୬୭୫) ଯୋଗେ ଘରକୁ ଫେରୁଥିଲେ। ଅପରାହ୍ନ ୪ଟା ୨୦ରେ ଭାରସାମ୍ୟ ହରାଇ ବାଇକ୍‌ଟି ବୀରଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟରେ ଠିଆ ହୋଇଥିବା ଏକ ଟ୍ରକ (ନଂ.ଓଡି ୦୧ ୱାଇ ୯୮୫୫) ପଛରେ ପିଟି ହୋଇଯାଇଥିଲା। ଫଳରେ ୩ଜଣ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ଜାତୀୟ ରାଜପଥ ପାଟ୍ରୋଲିଂ କରୁଥିବା ପୋଲିସ ଅଧିକାରୀ ସର୍ବେଶ୍ୱର ପ୍ରଧାନ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ପହଞ୍ଚିବାରୁ କିଛି ସମୟ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ ପାତ୍ର ଓ ଟିମ୍ ମଧ୍ୟ ପହଞ୍ଚି ଗୁରୁତରଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସୁଷମା ଓ ସୂର୍ଯ୍ୟକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଗୁରୁତର ଚିନ୍ମୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସତ୍ୟବାଦୀ ପୋଲିସ ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରିଛି। ଏଥି ଯୋଗୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନିଲ



@ ଇଲୁ



@ ସୁଚିନ୍ତ୍ୟ



@ ରାଜେଶ



@ ଅଭିଷେକ

# ସ୍ତ୍ରୀଙ୍କୁ ପଚରାଉଚରା କଲା ପୋଲିସ

**ପୋକ୍ସୋ କୋର୍ଟ ବିଚାରପତିଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା**

**କଟକ ଅଫିସ,୬।୯**

କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ(୪୯)ଙ୍କ ମୃତ୍ୟୁ ଘଟଣାରେ ତାଙ୍କ ସ୍ତ୍ରୀ ଅପରିଜିତାଙ୍କୁ ମଙ୍ଗଳବାର ମର୍କତନଗର ଥାନା ପୋଲିସ ପଚରାଉଚରା କରିଛି। ସିଡିଏସ୍ଥିତ ସରକାରୀ କ୍ୱାର୍ଟର୍ସରେ ଅପରିଜିତାଙ୍କ ସହ ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଅପରପକ୍ଷରେ ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ହସ୍ତଗତ ହେବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ବିଚାରପତି ବିହାରୀଙ୍କ ମା' ତୁଳସୀଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ହତ୍ୟା ମାମଲା ରୁଜୁ କରିବା ପରେ ପୋଲିସ ବିଭିନ୍ନ ଦିଗକୁ ତଦନ୍ତରେ ସାମିଲ କରିଛି। ବିଚାରପତିଙ୍କ ପରିବାର ଲୋକଙ୍କ ସମେତ ତାଙ୍କ ସହ ସାମିଲ ଥିବା ବ୍ୟକ୍ତି ବିଶେଷଙ୍କୁ ପୋଲିସ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ବିଚାରପତି ସୁବାସ ବିହାରୀଙ୍କ ଗତ ୩ ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ସିଡିଏ ମର୍କତନଗରସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ରଶିରେ ଝୁଲୁଥିବା ଅବସ୍ଥାରେ ସୁବାସଙ୍କୁ ସ୍ତ୍ରୀ ଏବଂ କର୍ମଚାରୀ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ମୃତ୍ୟୁର ପରଦିନ ଅର୍ଥାତ୍ ଶନିବାର ମା' ତୁଳସୀ ବିଚାରପତିଙ୍କ ସ୍ତ୍ରୀ ଏବଂ ଶାଳକ ମିଶି ସୁବାସଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ଅଭିଯୋଗ କରି ମର୍କତନଗର ଥାନାରେ ଏତଲା ଦାୟର କରିଥିଲେ। ପୋଲିସ ଉକ୍ତ ଅଭିଯୋଗକୁ ଆଧାର କରି ଆଇପିସି ଦଫା ୩୦୨, ୩୨୩, ୨୯୪ ଏବଂ ୩୪ରେ ଏକ ମାମଲା ରୁଜୁ କରିଥିଲା।




କଟକ ସାରଳା ଭବନରେ ଇଣ୍ଡିଆ ଥିଏଟର ଅଲିମ୍ପିୟାଡ୍‌ର ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।




ପୁରୀ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ଗଣପତି ମହୋତ୍ସବରେ ମଙ୍ଗଳବାର ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।




ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଓ ଇଞ୍ଜିନିୟର ଏକତା ମଞ୍ଚ ପକ୍ଷରୁ ଭୁବନେଶ୍ୱର ଟିପିସିଡିଓଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଅହୋରାତ୍ର ଗଣଧାରଣା।

## ସଂକ୍ଷେପରେ

### ସାମ୍ବାଦିକ କରାଇଦେବା ନାଁରେ ୧ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

କଟକ ଅଫିସ,୬।୯: ଜଣେ ମହିଳାଙ୍କୁ ସାମ୍ବାଦିକ କରାଇଦେବା ଓ ମାସକୁ ୩୦ ହଜାର ଟଙ୍କା ଦରମା ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ୧ ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ାର ଅକ୍ଷୟ ରଞ୍ଜନ ଦାସ(୫୪)। ପୋଲିସ ତାଙ୍କଠାରୁ ଏକ ବାଇକ୍ ଓ ମୋବାଇଲ ଜବତ କରିଛି। ଅକ୍ଷୟ ଏକ ୱେବ୍‌ପୋର୍ଟାଲର ସାମ୍ବାଦିକ ବୋଲି ଜଣାପଡିଛି।


ଅକ୍ଷୟ ରଞ୍ଜନ ଦାସ

ପୋଲିସ ସୂଚନା ମୁତାବକ, ପୁରୀଘାଟ ଥାନା ଅଞ୍ଚଳର ମହିଳା ଜଣଙ୍କ ସାମ୍ବାଦିକ ହେବା ପ୍ରଲୋଭନରେ ପଡ଼ି ଅକ୍ଷୟଙ୍କ କଥାନୁସାରେ କାର୍ଯ୍ୟ କରିଥିଲେ। ତାଙ୍କୁ ମାସକୁ ୩୦ ହଜାର ଟଙ୍କା ଦରମା ମିଳିବ ବୋଲି କୁହାଯାଇଥିଲା। ଅକ୍ଷୟ ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ କାମରେ ନିୟୋଜିତ କରିଥିଲେ ବି କୌଣସି ପାରିଶ୍ରମିକ ଦେଇନଥିଲେ। ହେଲେ ମହିଳା ଜଣଙ୍କ ସୁନା ବନ୍ଧକ ଦେଇ ତାଙ୍କୁ ୧ ଲକ୍ଷ ଟଙ୍କା ଦେଇଥିଲେ। ଏହାସତ୍ତ୍ୱେ ବି ମହିଳାଙ୍କୁ କୌଣସି ପରିଚୟପତ୍ର ଦିଆଯାଇ ନ ଥିଲା। ଏ ସମ୍ପର୍କରେ ସେ ପଚାରିଥିଲେ ମଧ ଅକ୍ଷୟ ଉକ୍ତ ପ୍ରସଙ୍ଗକୁ ଏଡ଼ାଇ ଯାଉଥିଲେ। ଖାଲି ସେତିକି ନୁହେଁ, ମହିଳାଙ୍କୁ ନୂଆପଡ଼ାସ୍ଥିତ ଘରକୁ ଡାକି ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର କରିଥିଲେ। ଏପରି କି ସେ ତାଙ୍କର ଆପତ୍ତିଜନକ ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେ ଏହି ଭିଡିଓକୁ ମହିଳାଙ୍କୁ ଦେଖାଇ ବ୍ଲାକ୍‌ମେଲିଂ କରିଥିଲେ। ଏ ନେଇ ମହିଳା ଜଣଙ୍କ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗତ ଅଗଷ୍ଟ ୨୪ରେ ଏକ ମାମଲା(ନଂ. ୯୮/୨୨) ରୁଜୁ କରିଥିଲା। ଗତ ଅଗଷ୍ଟ ୨୨ରେ ମହିଳା ଥାନାକୁ ଏହି ମାମଲାରେ ଯାଇଥିବାବେଳେ ସମ୍ପୃକ୍ତା ମହିଳା ଓ ଅକ୍ଷୟଙ୍କ ମଧରେ ଗାଳିଗୁଲଜ ଓ ମାରପିଟ୍ ଘଟିଥିଲା। କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଟିଥିବା ଏଭଳି ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।


ରବୀନ୍ଦ୍ରମଣ୍ଡପରେ ମଙ୍ଗଳବାର ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିଦୁଷୀ ଗୀତା ଚନ୍ଦ୍ରନ୍ ଏବଂ ତାଙ୍କ ଦଳ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରୁଛନ୍ତି।

# ସଙ୍ଗୀତରେ ଝୁମିଲେ, ନୃତ୍ୟରେ ହଜିଲେ ଦର୍ଶକ

### ୨୮ତମ ଓଏମ୍‌ସି ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୬।୯(ବ୍ୟୁରୋ)

ସୃଜନ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ରମଣ୍ଡପଠାରେ ଆୟୋଜିତ ୨୮ତମ ଓଏମ୍‌ସି ଗୁରୁ କେଲୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକମାନେ ସଙ୍ଗୀତରେ ଝୁମିଥିବାବେଳେ ନୃତ୍ୟରେ ହଜି ଯାଇଥିଲେ। ବିଦ୍ୟାଦାୟିନୀ ସରସ୍ୱତୀଙ୍କ ସଙ୍ଗୀତରେ ଶିଳ୍ପୀ ସୃଷ୍ଟି ସ୍ୱରୂପା ମିଶ୍ର ଶ୍ରୋତାଙ୍କୁ କରିଥିଲେ ବିମୋହିତ। ତାଙ୍କର ସୁଲଳିତ ସ୍ୱରରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ରାଗ ସରସ୍ୱତୀରେ ଏହି ସରସ୍ୱତୀ ବନ୍ଦନା ପରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଭିନ୍ନଗାମାକୁ ସେ ଓଡ଼ିଶୀ ସଙ୍ଗୀତ ମାଧ୍ୟମରେ ଚିତ୍ରଣ କରିଥିଲେ। ତାଙ୍କର ତୃତୀୟ ତଥା ଅନ୍ତିମ ଉପସ୍ଥାପନା ଥିଲା କିଶୋର କବି ଶ୍ୟାମ ସୁନ୍ଦର ଦାସଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ 'ନାହିଁ କେ କରିଦେଲ'। ଏହା ଏକ ପାରମ୍ପରିକ ତଥା ଲୋକପ୍ରିୟ ଓଡ଼ିଶୀ ରଚନା, ଯାହାକି ୪ଟି ତାଳ ଯଥା ଆଦିତାଳ, ତ୍ରିପଟା, ଏକତାଲି ଓ ଖେମଟା ଉପରେ ଆଧାରିତ ଥିଲା। ତାଙ୍କୁ ମର୍ଦ୍ଦଳରେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ବେହେଲାରେ ଗୁରୁ ରମେଶ ଚନ୍ଦ୍ର ଦାସ ସହଯୋଗ କରିଥିଲେ। ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ପରେ ଆରମ୍ଭ ହୋଇଥିଲା ନୃତ୍ୟର ସମ୍ଭାର। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତନାଟ୍ୟମ୍ ନୃତ୍ୟାଙ୍ଗନା ବିଦୁଷୀ ଗୀତା ଚନ୍ଦ୍ରନ୍ ଏବଂ ତାଙ୍କ ନାଟ୍ୟ ଭ୍ରୀକ୍ସା ନୃତ୍ୟ ସଙ୍ଗଠନର ଶିଳ୍ପୀମାନେ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ନୃତ୍ୟରେ ବିବିଧତା ମଧ୍ୟରେ ଏକତା 'ଜୟ ଭାରତ ଆଲାରିପୁ' ଉପସ୍ଥାପନ ପରେ ବନ୍ଧୁତା ଓ ସମ୍ପର୍କ ଉପରେ ସଖୀ ସ୍ୱରମ୍ ପରିବେଷଣ କରିଥିଲେ। ପରେ ଏକକ ନୃତ୍ୟରେ ଗୀତା ଚନ୍ଦ୍ରନ୍ ଲାବଣ୍ୟ ତ୍ୱମ ପରିବେଷଣ କରିଥିଲେ। ଶେଷରେ ଶିଳ୍ପୀମାନେ ଋତୁ ସଂହାରମ୍ ଆଧାରରେ ଋତୁ ଚକ୍ରକୁ ଦର୍ଶକଙ୍କ ପାଖେ ପହଞ୍ଚାଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସହ ଭାରତନାଟ୍ୟମ୍‌ରେ ବିଭୋର ହୋଇ ଉଠିଥିଲେ। ସଙ୍ଗୀତରେ ଝୁମିବା ସହ ନୃତ୍ୟରେ ହଜି ଯାଇଥିଲେ। ମିଲନ୍ଦ ଶ୍ରୀବାସ୍ତବଙ୍କ ଆଲୋକ ଡିଜାଇନ୍ ଏବଂ ସି. ଆନନ୍ଦ କୃଷ୍ଣଙ୍କ ସାଉଣ୍ଡ ଇଞ୍ଜିନିୟରିଂ ସେମାନଙ୍କର ନୃତ୍ୟକୁ ଦ୍ୱିଗୁଣିତ କରିଥିଲା।


ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ କେଲୁଚରଣ ମହାପାତ୍ର, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଏବଂ ପାରାଦୀପ ଫସଫେଟ୍ ଲିମିଟେଡ୍‌ର କର୍ପୋରେଟ୍ ଆଫେୟାର୍ସ ମୁଖ୍ୟ ସୁଧୀରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ ଦେବୀପ୍ରସାଦ ମିଶ୍ରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି। ଡ. ମୃତ୍ୟୁଞ୍ଜୟ ରଥ ଓ ଅନୁଜା ତାରିଣୀ ମିଶ୍ର ଉତ୍ସବ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସୃଜନ ଅନୁଷ୍ଠାନର ଫେସବୁକ୍ ପେଜ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ସିଧା ପ୍ରସାରଣ କରାଯାଉଛି। ତୃତୀୟ ସନ୍ଧ୍ୟାରେ ଶିବାଗ୍ନି ସଙ୍ଗୀତ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଏହି କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସହଯୋଗ କରିଥିବାବେଳେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମିଡିଆ ପାର୍ଟନର ରହିଛନ୍ତି।

## ଓଏସ୍‌ଏଲ୍ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କୁ ଜାମିନ

ଭୁବନେଶ୍ୱର,୬।୯(ବ୍ୟୁରୋ)



ପାରାଦୀପ ବନ୍ଦରରେ କନଭେୟର ବେଲ୍ଟ ମରାମତି ପାଇଁ ହୋଇଥିବା ଲାଞ୍ଚ କାରବାର ମାମଲାରେ ଗିରଫ ହୋଇ ଜେଲରେ ଥିବା ଶିଳ୍ପପତି ମହିମା ମିଶ୍ରଙ୍କ ସାନ ପୁଅ ତଥା ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ (ଓଏସ୍‌ଏଲ୍)ର ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ରଙ୍କୁ ମଙ୍ଗଳବାର ଜାମିନ ମିଳିଛି। ସ୍ୱତନ୍ତ୍ର ସିବିଆଇ କୋର୍ଟ ଚର୍ଚ୍ଚିତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଫଳରେ ସେ ମାସେ ପରେ ଜେଲରୁ ମୁକୁଳିଛନ୍ତି। ଚର୍ଚ୍ଚିତ ତଦନ୍ତରେ ସହଯୋଗ କରିବା ସହ ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। ଏଥିସହ ବିନା ଅନୁମତିରେ ବିଦେଶଗସ୍ତ କରିପାରିବେ ନାହିଁ ଏବଂ ପ୍ରତି ୧୫ଦିନରେ ଥରେ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହେବାକୁ କୋର୍ଟ ତାଙ୍କ ସର୍ତ୍ତରେ ଉଲ୍ଲେଖ କରିଛନ୍ତି। ୧ଲକ୍ଷ ଟଙ୍କା ଓ ପାସପୋର୍ଟ ଦାଖଲ ସହ ଦୁଇ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚାଲିକା ପରେ ଚର୍ଚ୍ଚିତଙ୍କୁ ଜାମିନ ମିଳିଛି। ଅନ୍ୟପକ୍ଷରେ ଜାଣିଶୁଣି ଆକ୍ରୋଶମୂଳକ ଭାବେ ଓଡ଼ିଆ ବ୍ୟବସାୟୀଙ୍କୁ ହଇରାଣ କରାଯାଉଥିବା ଚର୍ଚ୍ଚିତଙ୍କ ଓକିଲ ଜୟଦୀପ ପାଲ୍ କହିଛନ୍ତି। ସୂଚନାଯୋଗ୍ୟ, ପାରାଦୀପ ବନ୍ଦରରେ କାର୍ଗୋ ଅନ୍‌ଲୋଡ଼ିଂ ବେଳେ ଓଏସ୍‌ଏଲ୍ କନ୍‌ଭେୟର ବେଲ୍ଟ ଛିଡ଼ାଇଦେଇଥିଲା। ଏଥିପାଇଁ କୋଟିଏରୁ ଅଧିକ ଟଙ୍କା ଖର୍ଚ୍ଚ ହେବାକୁ ଥିବାରୁ ପୋର୍ଟ ଚିଫ୍ ମେକାନିକାଲ ଇଞ୍ଜିନିୟର ସରୋଜ ଦାସ ଲାଞ୍ଚ କାରବାର କରିଥିଲେ। ଲାଞ୍ଚ କାରବାର କଥା ସିବିଆଇ ଜାଣିବା ପରେ ଗତ ଅଗଷ୍ଟ ୪ ତାରିଖ ରାତିରେ ୬ଟି ଟିମ୍ ପାରାଦୀପ ବନ୍ଦର ସମେତ କଟକ, ଭୁବନେଶ୍ୱର ଆଦି ସ୍ଥାନରେ ଚଢାଉ କରି ୮୪ ଲକ୍ଷ ଟଙ୍କା ଜବତ କରିଥିଲା। ପରେ ସିବିଆଇ ଓଏସ୍‌ଏଲ୍ ନିର୍ଦ୍ଦେଶକ ଚର୍ଚ୍ଚିତ, ଡିଜିଏମ୍ (ଅପରେଶନ) ସୂର୍ଯ୍ୟନାରାୟଣ ସାହୁ, କେସିଟି ଗ୍ରୁପ ମ୍ୟାନେଜର ଶଙ୍ଖଶୁଭ୍ର ମିତ୍ର, ଦେବପ୍ରିୟ ମହାନ୍ତି, ବିଲ୍ଡର ଶିଶିର ଦାସ, ପାରାଦୀପ ପୋର୍ଟ ସିଏମ୍‌ଇ ସରୋଜ ଦାସ ଏବଂ ମଧ୍ୟସ୍ଥ ସୁମନ୍ତ ରାଉତଙ୍କ ସମେତ ୭ଜଣଙ୍କୁ ଗିରଫ କରିଥିଲା। ଏହି ମାମଲାରେ ବିଲ୍ଡର ଶିଶିର ଦାସଙ୍କୁ ଜାମିନ ମିଳିଥିବାବେଳେ ଅନ୍ୟମାନଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ତେବେ ତଦନ୍ତ ସମୟରେ ଅଭିଯୁକ୍ତଙ୍କ ଏକ ଭଏସ୍ ରେକର୍ଡିଂ ସିବିଆଇ ହାତରେ ଲାଗିଥିବାରୁ ଏନେଇ ସ୍ପଷ୍ଟ ହେବା ଲାଗି ଫୋରେନ୍‌ସିକ ଯାଞ୍ଚ ଲାଗି ଅନୁମତି ଦେବାକୁ କୋର୍ଟରେ ଆବେଦନ କରାଯାଇଥିଲା। ତେବେ ଚର୍ଚ୍ଚିତଙ୍କୁ ପୁଣି ରିମାଣ୍ଡରେ ନେବା ଓ ତାଙ୍କ ଭଏସ୍ ଟେଷ୍ଟ କରିବା ନେଇ ସିବିଆଇର ଆବେଦନକୁ ଗତ ୨୭ ତାରିଖରେ କୋର୍ଟ ଖାରଜ କରିଦେଇଥିଲେ।

## ଆଜି ମହାପ୍ରଭୁଙ୍କ ବାମନ ଜନ୍ମ ନୀତି

### ଅପରାହ୍ନ ୫ଟାରୁ ୪ ଘଣ୍ଟା ଦର୍ଶନ ବନ୍ଦ

ପୁରୀ ଅଫିସ, ୬।୯: ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବାମନ ଜନ୍ମ ନୀତି ହେବ। ଏଥିଲାଗି ଅପରାହ୍ନ ୫ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଧ୍ୟାହ୍ନ ଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଭିତର ଚନ୍ଦନ ଅର୍ଗଳିରେ ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ ଅଙ୍କନ କରାଯିବ। କଳସ ବରୁଣ ପୂଜା ଓ ଦକ୍ଷିଣ ଘରେ ଭୋଗ ପରେ କୃଷ୍ଣଙ୍କୁ ଭିତର ସିଂହାସନକୁ ବିଜେ କରାଯିବ। ଶ୍ରୀଅଙ୍ଗରେ ଧଣ୍ଡି ପ୍ରସାଦ ଲାଗି ପରେ କୃଷ୍ଣଙ୍କୁ ସର୍ବତ୍ର ଭଦମଣ୍ଡଳ ଉପରେ ବିଜେ କରାଇବେ। ଏକ କ୍ଷୁଦ୍ରାକୃତି ସୁବର୍ଣ୍ଣ ବାମନ ପ୍ରତିମାଙ୍କୁ ପଞ୍ଚାମୃତରେ ମହାସ୍ନାନ କରି ଶୀତଳ ଭୋଗ କରାଯାଇ ଗର୍ଭ ଉଦକ ନିମନ୍ତେ ପଞ୍ଚ ଉପଚାରରେ ପୂଜା କରାଯିବ। ପରେ ଖଣ୍ଡୁଆ ଘୋ ଜନ୍ମବିଧି ନୀତି ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ।

## ମା' କାଳିଜାଈଙ୍କ ଦର୍ଶନ କଲେ ରାଜ୍ୟପାଳ

### ନୀଳାମ୍ବୁ ଚିଲିକାର ଦୃଶ୍ୟ ଦେଖି ବିଭୋର

କୃଷ୍ଣପ୍ରସାଦ,୬।୯(ଡି.ଏନ୍.ଏ.)

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ମା' କାଳିଜାଈଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଗରୁଡ଼ ଭାସମାନ ଲଞ୍ଚରେ ରାଜ୍ୟପାଳ ଅପରାହ୍ନ ୩ଟାରେ କାଳିଜାଈ ପୀଠରେ ପହଞ୍ଚିଥିଲେ। ନାଭାଲର କମାଣ୍ଡିଂ ଅଫିସର ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଚିଲିକାର ଇତିହାସ ସମ୍ପର୍କରେ ରାଜ୍ୟପାଳଙ୍କୁ ସମ୍ୟକ୍ ସୂଚନା ଦେଇଥିଲେ। ଅପରୂପ ନୀଳାମ୍ବୁ ଚିଲିକାର ଦୃଶ୍ୟ ଦେଖି ରାଜ୍ୟପାଳ ବିଭୋର ହୋଇଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକ, ଏସ୍‌ଆଇ ନାରାୟଣ ପ୍ରଧାନଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



ଭାସମାନ ଲଞ୍ଚରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କାଳିଜାଈ ପୀଠକୁ ଯାଉଛନ୍ତି।

## ଜନସ୍ୱାର୍ଥ ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ

### ଇନ୍‌ଫୋସିଟି ନାବାଳିକା ଗଣବଳାତ୍କାର ମାମଲା

### ସିବିଆଇ ତଦନ୍ତ, ପୀଡ଼ିତାଙ୍କୁ କ୍ଷତିପୂରଣ ଦାବିରେ ହୋଇଥିଲା ମାମଲା

ଭୁବନେଶ୍ୱର,୬।୯(ବ୍ୟୁରୋ)

ଭୁବନେଶ୍ୱର ଇନ୍‌ଫୋସିଟି ଅଞ୍ଚଳର ନାବାଳିକା ଗଣବଳାତ୍କାର ଘଟଣାକୁ ନେଇ ଆଗତ ଜନସ୍ୱାର୍ଥ ମାମଲାର ମଙ୍ଗଳବାର ହାଇକୋର୍ଟ ଶୁଣାଣି କରି ଏହାର ଅନ୍ତ ଘଟାଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍.ମୁରଲୀଧର ଓ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ଦୁଇଟି ଜନସ୍ୱାର୍ଥ ମାମଲାର ଶୁଣାଣି କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଜଉମୁଦ ଲଫାପାରେ ହାଇକୋର୍ଟଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରାଯାଇଥିଲା। ଏହାକୁ ପଢ଼ିବା ପରେ ଖଣ୍ଡପୀଠ କହିଥିଲେ, ଏହି ମାମଲାରେ କ୍ରାଇମବ୍ରାଞ୍ଚ ୪ ଅଭିଯୁକ୍ତଙ୍କ ନାମରେ ପୋକ୍ସୋ କୋର୍ଟରେ ଚୂଡ଼ାନ୍ତ ଚାର୍ଜଶିଟ ଦାଖଲ କରିସାରିଛି। କ୍ରାଇମବ୍ରାଞ୍ଚର ତଦନ୍ତ ଶେଷ ହୋଇଥିବାରୁ ଅନ୍ୟ କିଛି ନିର୍ଦ୍ଦେଶ ଦେଇହେବ ନାହିଁ। ସେହିପରି ଏହି ମାମଲାରେ ଅନ୍ୟ କେହି ଅଭିଯୁକ୍ତ ମଧ ନାହାନ୍ତି। ଯଦି ଆଇନ ଅନୁଯାୟୀ ପୀଡ଼ିତା ଏବଂ ତାଙ୍କ ମା' ଚାହିଁବେ, ତେବେ ଏନେଇ ପରବର୍ତ୍ତୀ ପଦକ୍ଷେପ ନେଇପାରିବେ ବୋଲି କୋର୍ଟ କହିବା ସହ ମାମଲାକୁ ବନ୍ଦ କରିଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଏପ୍ରିଲ ଏବଂ ମେ'ରେ ଅର୍ଥାତ୍ ଲକ୍‌ଡାଉନ ସମୟରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଗଷ୍ଟ ୩୦ରେ ଇନ୍‌ଫୋସିଟି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ୨୦୨୦ ଅକ୍ଟୋବର ୬ରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଭାର ନେଇଥିଲା। ଏହାପରେ ଏହି ମାମଲାରେ ଏକ ଘରୋଇ ଟିଭି ଚ୍ୟାନେଲରେ କାର୍ଯ୍ୟରତ ଅନିରୁଦ୍ଧ ପଣ୍ଡା ଓ କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ସିକ୍ୟୁରିଟି ଗାର୍ଡ ଶ୍ରୀବତ୍ସ ସାମଲ ଏବଂ ବିଜୟ ରାଉତଙ୍କୁ କ୍ରାଇମବ୍ରାଞ୍ଚ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଗିରଫ କରିଥିଲା। ତେବେ ଏହି ଘଟଣାରେ ୩ ପୋଲିସ କର୍ମଚାରୀ ଓ ଅନ୍ୟ ସହଯୋଗୀଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହୋଇଥିଲା। ତେଣୁ ଏହି ମାମଲାର ସିବିଆଇ ତଦନ୍ତ ଏବଂ ପୀଡ଼ିତାଙ୍କୁ କ୍ଷତିପୂରଣ ଦାବିରେ ଆଇନଜୀବୀ ଗୌତମ ସିଦ୍ଦିକି ଏବଂ ଭାରତୀୟ ବିକାଶ ପରିଷଦର ଆଇନଜୀବୀ ଗୋପାଳ ଜେନାଙ୍କ ପକ୍ଷରୁ ହାଇକୋର୍ଟରେ ୨ଟି ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା।

## ବିଜେବି କଲେଜରେ ନୂଆ ସେଲ୍ଫ ଫାଇନାନ୍ସିଂ କୋର୍ସ

### ୨ ବର୍ଷିଆ ମାଷ୍ଟର ଇନ୍ ଏଗ୍ରିବିଜିନେସ୍ ମ୍ୟାନେଜମେଣ୍ଟ ପାଇଁ କୋର୍ସ ଫି' ୬୦ହଜାର

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ନୂତନ ସେଲ୍ଫ ଫାଇନାନ୍ସିଂ କୋର୍ସ ଆରମ୍ଭ ହେବ। ଉଚ୍ଚଶିକ୍ଷା ବିଭାଗ ଏଥିପାଇଁ ଅନୁମୋଦନ ଦେଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୨-୨୩ ଶିକ୍ଷାବର୍ଷରୁ ଏହା ଲାଗୁ ହେବ। ପିପିପି ମୋଡ୍‌ରେ ଆରମ୍ଭ ହେବାକୁ ଥିବା ଏହି ନୂତନ ପାଠ୍ୟକ୍ରମ ହେଉଛି ମାଷ୍ଟର ଇନ୍ ଏଗ୍ରିବିଜିନେସ୍ ମ୍ୟାନେଜମେଣ୍ଟ। ଏହି ଦୁଇବର୍ଷିଆ ପାଠ୍ୟକ୍ରମ ପାଇଁ କୋର୍ସ ଫି' ୬୦ହଜାର ଟଙ୍କା ରହିଛି। ପାଠ୍ୟକ୍ରମ ଲାଗି ୪୮ ସିଟ୍ ରହିଛି। ଇୟୋର୍ସ ଟ୍ରଷ୍ଟ ସହଭାଗିତାରେ ଏହି ପାଠ୍ୟକ୍ରମ ଖୋଲିବାକୁ ବିଜେବି କଲେଜ ଅଧ୍ୟକ୍ଷଙ୍କୁ ଅନୁମତି ଦିଆଯାଇଛି। କିଛି ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ସହିତ ଏହି ପାଠ୍ୟକ୍ରମ କାର୍ଯ୍ୟକାରୀ ହେବ। ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ କେନ୍ଦ୍ରୀୟ ଅନୁଦାନ ଆୟୋଗର ଯାହା ନିର୍ଦ୍ଦେଶାବଳୀ ରହିଛି ତାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ପାଠ୍ୟକ୍ରମ ପାଇଁ କଲେଜ ପକ୍ଷରୁ ଜାଗା ଦିଆଯିବ। ତେବେ ଏଥିଲାଗି ସମସ୍ତ ଖର୍ଚ୍ଚ ସହଯୋଗୀ ସଂସ୍ଥା ବହନ କରିବ। ଯାହା ରାଜସ୍ୱ ଆସିବ ସେଥିରୁ କଲେଜ ୩୦% ଏବଂ ସଂସ୍ଥା ୭୦% ନେବେ। କଲେଜ ଅଧ୍ୟକ୍ଷ, ମନୋନୟନ କମିଟି, ସଂସ୍ଥାର ସଦସ୍ୟ ଏବଂ କଲେଜ ଓ ସଂସ୍ଥା ଦ୍ୱାରା ଚୟନ ହୋଇଥିବା ଅନ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ରିସୋର୍ସ ପର୍ସନ ମନୋନୀତ ହେବେ। ଏହି ପାଠ୍ୟକ୍ରମଗୁଡ଼ିକ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପାଣ୍ଠି କିମ୍ବା କର୍ମଚାରୀ ଦିଆଯିବନାହିଁ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଏହି ପାଠ୍ୟକ୍ରମରେ ପାଠପଢ଼ା ନିମନ୍ତେ ଉପଯୁକ୍ତ ପ୍ରସ୍ତୁତି, ଛାତ୍ରୀଛାତ୍ର ଚୟନ, ପରୀକ୍ଷା ପରିଚାଳନା, ଗୁଣବତ୍ତା ଶିକ୍ଷା ଉପରେ କଲେଜ ଅଧ୍ୟକ୍ଷ ଗୁରୁତ୍ୱ ଦେବେ। କିନ୍ତୁ ଏହି ନୂତନ ପାଠ୍ୟକ୍ରମ ସକାଶେ କଲେଜରେ ସାଧାରଣ ପାଠପଢ଼ାରେ ଯେପରି ବ୍ୟାଘାତ ସୃଷ୍ଟି ନ ହୁଏ, ସେଥିପ୍ରତି ଅଧ୍ୟକ୍ଷ ଗୁରୁତ୍ୱ ଦେବାକୁ କୁହାଯାଇଛି। ସୂଚନାଯୋଗ୍ୟ, ନିକଟରେ ବିଜେବି କଲେଜରେ ସେଲ୍ଫ ଫାଇନାନ୍ସିଂ କୋର୍ସ ଫି' ସମେତ ସିଟ୍ ସଂଖ୍ୟା ବୃଦ୍ଧି କରାଯାଇଛି।

## କମ୍ପ୍ୟୁଟରୀକୃତ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ

### ଏହା ଦ୍ୱାରା ଅଧିକ ସ୍ୱଚ୍ଛତା ଆସିବ: ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୬।୯(ବ୍ୟୁରୋ)

ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ବ୍ୟାପକ ପରିବର୍ତ୍ତନ ଘଟୁଛି। ଏହାର ବ୍ୟବହାର ଜାଣିବା ଏବେ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ସେହିପରି ସଂସ୍କୃତି ବିଭାଗରେ ସାଂସ୍କୃତିକ ଦଳଙ୍କ ଲାଗି ଅନ୍‌ଲାଇନ୍ ବ୍ୟବସ୍ଥାରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ଦ୍ୱାରା କାଗଜପତ୍ର ବ୍ୟବହାର ଓ ସମୟର କମ୍ ଉପଯୋଗ ହେବା ସାଙ୍ଗକୁ ଏଥହା କାର୍ଯ୍ୟରେ ସ୍ୱଚ୍ଛତା ଆଣିବାରେ ଅଧିକ ସହାୟକ ହେବ ବୋଲି ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ କମ୍ପ୍ୟୁଟରୀକୃତ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରି ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି।

ମନ୍ତ୍ରୀ ପାତ୍ର କହିଛନ୍ତି, ଏହି ବ୍ୟବସ୍ଥା ଫଳରେ ଏଣିକି ବିଭିନ୍ନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସଂସ୍କୃତି ବିଭାଗକୁ ଆବେଦନ କରୁଥିବା ଅନୁଷ୍ଠାନ ଓ ବିଭିନ୍ନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଇଚ୍ଛୁକ ଥିବା ସାଂସ୍କୃତିକ ଦଳଙ୍କ ଲାଗି ମନୋନୟନ କାର୍ଯ୍ୟ ସହଜ ହେବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆବେଦନ କରିଥିବା ଆରାଧନା ନୃତ୍ୟ ଏକାଡେମୀ ସୁନ୍ଦରପଦା ଏବଂ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଥିବା ଓମ୍‌କାର ଭଜନ ସନ୍ଧ୍ୟା ଅନୁଷ୍ଠାନକୁ ମନ୍ତ୍ରୀ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ରାଜ୍ୟର ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ନାମ ପଞ୍ଜୀକୃତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଯୋଗଦେଇ କହିଥିଲେ, ଏହି ବ୍ୟବସ୍ଥା ଅନୁସାରେ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଜିଲା ସଂସ୍କୃତି ଅଧିକାରୀଙ୍କ ଜରିଆରେ ୧ ହଜାର ଟଙ୍କା ଦେଇ ନାମ ଓ କାର୍ଯ୍ୟାବଳୀ ସମ୍ପର୍କରେ ଅନ୍‌ଲାଇନ୍ ଯୋଗେ ପଞ୍ଜୀକରଣ କରିଛନ୍ତି। ପଞ୍ଜୀକୃତ ଅନୁଷ୍ଠାନଗୁଡିକର ନିୟମିତ ଅଡିଶନ କରାଯାଉଛି। ଯୋଗ୍ୟ ବିବେଚିତ ଅନୁଷ୍ଠାନଗୁଡିକୁ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଚୂଡ଼ାନ୍ତ ତାଲିକାରେ ରଖାଯାଉଛି ଓ ଚୟନ ହୋଇ ନ ଥିବା ଅନୁଷ୍ଠାନକୁ ପରବର୍ତ୍ତୀ ସମୟରେ ଭଲ ପ୍ରଦର୍ଶନ କରିବା ପରେ ସୁଯୋଗ ମିଳୁଛି। ଅଦ୍ୟାବଧି ପ୍ରାୟ ୧୬ଶହରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନାମ ଚୟନ ହୋଇସାରିଛି। ଏହି ବ୍ୟବସ୍ଥା ଅନୁସାରେ ନିୟମିତ ଆବର୍ତ୍ତନ ଭିତ୍ତିରେ କାର୍ଯ୍ୟକ୍ରମ ଦିଆଯିବ ଓ ଶୀଘ୍ର ପ୍ରାପ୍ୟ ପ୍ରଦାନରେ ସହଜ ହେବ ବୋଲି ପାଢୀ କହିଥିଲେ। ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଥିଲେ, ଏହି ବ୍ୟବସ୍ଥା ଫଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆବେଦନକାରୀ ଅନୁଷ୍ଠାନ ଓ କଳାକାରମାନେ କଳା ପ୍ରଦର୍ଶନର ସମାନ ସୁଯୋଗ ପାଇପାରିବେ। ସେହିପରି ଲୁମିନସ ଇନ୍‌ଫୋୱେଜ୍‌ର ପରିଚାଳନା ନିର୍ଦ୍ଦେଶକ ତନ୍ମୟ ମହାନ୍ତି ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ଏହି ଅନ୍‌ଲାଇନ୍ କମ୍ପ୍ୟୁଟରୀକୃତ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗୀୟ ଉପଶାସନ ସଚିବ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ପଦାଧିକାରୀ, ବିଭିନ୍ନ ଶାଖାର ଉଚ୍ଚ କର୍ତ୍ତୃପକ୍ଷ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତା ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଉଦ୍‌ବୋଧନ ଦେଉଛନ୍ତି।

**ଅଗଷ୍ଟରେ ୧୧୯.୩୨ ନିୟୁତ ଟନ୍ ମାଲ ପରିବହନ**

**ନୂଆଦିଲ୍ଲୀ:** ଚଳିତ ବର୍ଷ ଅଗଷ୍ଟ ଶେଷ ସୁଦ୍ଧା ଭାରତୀୟ ରେଳପଥରେ ୧୧୯.୩୨ ନିୟୁତ ଟନ୍ ମାଲ ପରିବହନ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ରେଳପଥ ମାଲ ବୋଝେଇ ବୃଦ୍ଧିରେ କୋଇଲା ୯.୨ ନିୟୁତ ଟନ ରହିଥିବା ବେଳେ ତା' ପଛକୁ ୦.୭୧ ନିୟୁତ ଟନ୍ ସାର, ୦. ୬୮ ନିୟୁତ ଟନ୍ ବଳକା ସାମଗ୍ରୀ ଓ ୦.୬୨ ଟନ କଣ୍ଟେନର ଆଦି ଅନ୍ତର୍ଭୁକ୍ତ ରହିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ଯାନବାହନ ବୋଝେଇ ମାଲ ପରିବହନ ବ୍ୟବସାୟର ଆଉ ଏକ ସଫଳତା ବୋଲି ଜଣାପଡ଼ିଛି।

# ଏଲଆଇସି 'ନ୍ୟୁ ପେନସନ୍ ପ୍ଲସ'ର ଶୁଭାରମ୍ଭ

ମୁମ୍ବାଇ,୬।୯

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ନୂତନ ପେନ୍‌ସନ ପ୍ଲସ୍ (ଯୋଜନା ନମ୍ବର ୮୬୭)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଯୋଜନା ଚଳିତ ବର୍ଷ ସେପ୍ଟେମ୍ବର ୫ରୁ ସର୍ବଭାରତୀୟ ସ୍ତରରେ ଉପଲବ୍ଧ ହେଉଥିବା ବେଳେ ଏହାର ୟୁଏନ୍ଆଇ ନମ୍ବର ୫୧୨ଏଲ ୩୪୭ଭି୦୧ ରହିଛି। ଏହା ଏକ ଅଣ ଅଂଶଗ୍ରହଣ, ୟୁନିଟ୍ ଲିଙ୍କ୍, ବ୍ୟକ୍ତିଗତ ପେନ୍‌ସନ ଯୋଜନା ଭାବେ ପରିଗଣିତ, ଯାହା ବ୍ୟବସ୍ଥିତ ଏବଂ କର୍ପସ୍ ନିର୍ମାଣରେ ସାହାଯ୍ୟ କରିଥାଏ। ସେହିଭଳି ଅନୁଶାସିତ ସଞ୍ଚୟ ଯାହା ବାର୍ଷିକ ଯୋଜନାର କାର୍ଯ୍ୟକାଳ ସମାପ୍ତ ହେବା ପରେ ମଧ୍ୟ କ୍ରୟ କରି ନିୟମିତ ଆୟରେ ପରିଣତ ହୋଇପାରିବ। ବିଶେଷ କରି ନିଗମର ବୀମା ସପ୍ତାହ ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉକ୍ତ ଉତ୍ପାଦର ଶୁଭାରମ୍ଭ କରାଯାଇଥିଲା।

ଏହି ଅବସରରେ ଏଲ୍ଆଇସିର ଅବସରପ୍ରାପ୍ତ ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜି.ଏନ୍. ବାଜପାୟୀ, ଅବସରପ୍ରାପ୍ତ ଏଲ୍ଆଇସି ଓ ସେବିର ଅଧ୍ୟକ୍ଷ ଟି.ଏସ୍. ବିଜୟନଙ୍କ ସମେତ ନିଗମର ବହୁ ବରିଷ୍ଠ ଅଧିକାରୀ ଏବଂ ଏଲ୍ଆଇସି ଓ ଆଇଆର୍‌ଡିଏଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଯୋଜନା ଏକକ ପ୍ରିମିୟମ କିମ୍ବା ନିୟମିତ ପ୍ରିମିୟମ ପେମେଣ୍ଟ ଫ୍ରିକ୍ୱେନ୍ସି ଭାବେ କିଣାଯାଇପାରିବ। ଏକ ନିୟମିତ ପ୍ରିମିୟମ ନୀତି ଅନୁଯାୟୀ, ପ୍ରିମିୟମ ପଲିସିର ଅବଧି ମଧ୍ୟରେ ଦେୟ ପ୍ରଦାନ କରାଯିବ। ପଲିସି ହୋଲ୍ଡର ପ୍ରିମିୟମ ଦେୟ ପରିମାଣ ଏବଂ ପଲିସି ଟର୍ମ ଅନୁଯାୟୀ ଚୟନ କରିବାର ବିକଳ୍ପ ରହିଛି।



ଏଲଆଇସି ନ୍ୟୁ ପେନସନ୍ ପ୍ଲସ୍-ଯୋଜନା ନମ୍ବର ୮୬୭ର ପୋଷ୍ଟର ଉନ୍ମୋଚନ ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ।

# ୮% ବୃଦ୍ଧି ପାଇଛି ବିଦେଶୀ ଋଣ

ନୂଆଦିଲ୍ଲୀ,୬।୯

ଗତ ଆର୍ଥିକ ବର୍ଷରେ ଭାରତର ବିଦେଶୀ ଋଣ ହାର ପୂର୍ବ ବର୍ଷ ତୁଳନାରେ ଅନେକ ମାତ୍ରାରେ ବୃଦ୍ଧି ପାଇଛି। ଏପରିକି ସରକାରଙ୍କ ପକ୍ଷରୁ ଜାରି ପରିସଂଖ୍ୟାନ ଅନୁସାରେ ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ଭାରତର ବିଦେଶୀ ଋଣ ୬୨୦.୭ ବିଲିୟନ ଡଲାର ରହିଛି। ଏହା ୨୦୨୧ ମାର୍ଚ୍ଚ ଶେଷରେ ଥିବା ଋଣଠାରୁ ୮.୨% ଅଧିକ ବୋଲି କୁହାଯାଉଛି। ସେହିଭଳି ୨୦୨୧ ମାର୍ଚ୍ଚ ଶେଷ ସୁଦ୍ଧା ଦେଶର ବିଦେଶୀ ଋଣ ୫୭୩.୭ ବିଲିୟନ ଡଲାର ରହିଥିଲା। ୨୦୨୨ ମାର୍ଚ୍ଚ ଶେଷରେ ଦେଶର ଋଣ ଜିଡିପି ଅନୁପାତରେ ୧୯.୯% ହୋଇଛି। ଗୋଟିଏ ବର୍ଷ ପୂର୍ବେ ଏହା ୨୧.୨% ଥିଲା। ସେହିପରି ବିଦେଶୀ ଋଣର ଅନୁପାତରେ ବିଦେଶୀ ମୁଦ୍ରା ଭଣ୍ଡାର ହ୍ରାସହୋଇ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ୯୭.୮% ହୋଇଥିଲା।

# ଜଳର ପୁନଃ ଚକ୍ରଣ କରୁଛି ବେଦାନ୍ତ ଆଲୁମିନିୟମ

## ୫ବିଲିୟନ ଲିଟର

ଭୁବନେଶ୍ୱର,୬।୯

ଦେଶର ପ୍ରମୁଖ ଘରୋଇ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ାସ୍ଥିତ ଆଲୁମିନିୟମ ସ୍ମେଲଟର-୧ ଆର୍ଥିକ ବର୍ଷ-୨୨ରେ ନିର୍ଦ୍ଧାରିତ ପରିମାଣର ଜଳ ବିନିଯୋଗକୁ ୧୧% ହ୍ରାସ କରିବାର ଗୌରବ ଅର୍ଜନ କରିଛି। ଗତ ଆର୍ଥିକ ବର୍ଷ-୨୧ରେ ୧୭,୪୦୦ ଟନ୍‌ରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଛି। ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ବିଶ୍ୱର ବୃହତ୍ ଆଲୁମିନିୟମ ସ୍ମେଲ୍‌ଟିଂ କମ୍ପ୍ଲେକ୍ସ ମଧ୍ୟରୁ ଅନ୍ୟତମ। ଏହାର ସ୍ମେଲ୍‌ଟର-୨ରେ ଜଳ ବ୍ୟବହାରକୁ ଆର୍ଥିକ ବର୍ଷ-୨୨ରେ ପ୍ରାୟ ୮ % ହ୍ରାସ କରିଥିଲାବେଳେ ଉତ୍ପାଦନକୁ ପ୍ରାୟ ୨ଲକ୍ଷ ଟନ ବୃଦ୍ଧି କରିଛି। ମୋଟ ଉପରେ ଗତ ଆର୍ଥିକ ବର୍ଷରେ ଇନ୍ ହାଉସ ବ୍ୟବହାର ପାଇଁ ଏହି ସାଇଟ ପ୍ରାୟ ୫ ବିଲିୟନ ଲିଟର ଜଳର ପୁନଃ ଚକ୍ରଣ କରିଛି। ୨୦୩୦ ସୁଦ୍ଧା ଏହାର କାର୍ଯ୍ୟକୁ ନେଟ୍ ୱାଟର ପଜିଟିଭ କରିବା କମ୍ପାନୀର ଲକ୍ଷ୍ୟ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା ୟୁନିଟ୍)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଆମର ଜଳ ପ୍ରବନ୍ଧନ ପ୍ରଚେଷ୍ଟା ୟୁଏନ୍ ସଷ୍ଟେନବେଲ ଡେଭଲପମେଣ୍ଟ ଗୋଲ୍ (ଏସ୍‌ଡିଜି) ଆଧାରିତ। ଆମେ ଜଳ ବ୍ୟବହାରକୁ କମ୍ କରିବା ପାଇଁ ପ୍ରୟାସ କରୁଛୁ। ଜଳ ପ୍ରବନ୍ଧନ ଯୋଜନା ବେଦାନ୍ତର ଏକ ଆଭ୍ୟନ୍ତରୀଣ ଅଂଶ। ଏହା ଶୂନ୍ୟ ଲିକୁଇଡ୍ ଡିସ୍‌ଚାର୍ଜ ନୀତିକୁ ଆପଣାଇଥାଏ, ଯାହାଦ୍ୱାରା ନିର୍ଗମିତ ହେଉଥିବା ଜଳକୁ ପ୍ରକ୍ରିୟାକୃତ କରାଯାଇ ପ୍ଲାଣ୍ଟରେ ପୁନଃ ବ୍ୟବହାର କରାଯାଏ। ସ୍ଥାୟୀ ଜଳ ସମାଧାନ ପାଇଁ କମ୍ପାନୀ ପକ୍ଷରୁ ୪ସ୍ତମ୍ଭ ବିଶିଷ୍ଟ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ୧୮ରେ 'ଫେରି ଆସୁଥିବି କୋଳକୁ ତୋର'



ଜୀ ସାର୍ଥକର ନୂଆ ସିନେମା 'ଫେରି ଆସୁଥିବି କୋଳକୁ ତୋର'ର ଅଡିଓ ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ଭୁବନେଶ୍ୱର,୬।୯

ଓଡ଼ିଶାର ପ୍ରମୁଖ ମନୋରଞ୍ଜନଭିତ୍ତିକ ଟିଭି ଚ୍ୟାନେଲ ଜୀ ସାର୍ଥକର ନୂଆ ସିନେମା 'ଫେରି ଆସୁଥିବି କୋଳକୁ ତୋର'ର ୱାଲର୍ଡ ଟିଭି ପ୍ରିମିୟର ଆସନ୍ତା ସେପ୍ଟେମ୍ବର ୧୮ରେ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ୟୁନିଟ-୮ର ଏକ ହୋଟେଲ ପରିସରରେ ଏହାର ଅଡିଓ ରିଲିଜ ହୋଇଯାଇଛି। ଏହି ଅବସରରେ ଜୀ ସାର୍ଥକର ବାଣିଜ୍ୟ ମୁଖ୍ୟ ପ୍ରତୀଙ୍କ ସିଲ୍‌ଙ୍କ ସମେତ ବହୁ ଜଣାଶୁଣା କଳାକାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ସିନେମାର ମୌଳିକ କାହାଣୀ ଓ ସୁମଧୁର ଗୀତଗୁଡିକ ଦର୍ଶକଙ୍କ ହୃଦୟ ଜିତିପାରିବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ଜୀ ସାର୍ଥକ ଫିଲ୍ମସ ବ୍ୟାନରରେ ତଥା ସାଇ ହରି ଭିଜନ ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ 'ଫେରି ଆସୁଥିବି କୋଳକୁ ତୋର'ରେ ଜ୍ୟୋତି ପଣ୍ଡାଙ୍କ ସମେତ ପ୍ରଥମ ଥର ପାଇ ଜୀ ସାର୍ଥକ ଚଳଚ୍ଚିତ୍ରରେ ପୁନମ ମିଶ୍ରଙ୍କୁ ଦର୍ଶକମାନେ ଦେଖିବାକୁ ପାଇବେ ବୋଲି ଚ୍ୟାନେଲ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଶିଶୁ ଭ୍ରୂଣ ହତ୍ୟା ସମ୍ପର୍କିତ ଏକ ବଳିଷ୍ଠ ବାର୍ତ୍ତା ସହ ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ବେଶ ଉଚ୍ଚକୋଟିର ହୋଇଛି। ଉପରୋକ୍ତ ଚଳଚ୍ଚିତ୍ରର କାହାଣୀ ଓ ନିର୍ଦ୍ଦେଶନା ସଂଜୟ ନାୟକ ଦେଇଥିବା ବେଳେ ରବି ମିଶ୍ର ପ୍ରଯୋଜନା ଏବଂ ଗୁଡ୍‌ଲୀ ରଥ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସମସ୍ତ ଗୀତ ସୂର୍ଯ୍ୟ ମହାପାତ୍ର ରଚନା କରିଛନ୍ତି। ଏକ ପାରିବାରିକ କାହାଣୀ ସହ ରୋମାନ୍ସ ଓ ରୋମାଞ୍ଚ କାହାଣୀରେ ଏହା ଭରି ରହିଛି। ସେହିଭଳି ନୂଆ କିଛି କରିବାର ଆଶା ନେଇ ପୂରା ଟିମ୍ ଉତ୍ସାହିତ ଥିବା ବେଳେ ଆସନ୍ତା ସେପ୍ଟେମ୍ବର ୧୮ ସନ୍ଧ୍ୟା ୬ ଟା ୩୦ ମିନିଟରେ 'ଫେରି ଆସୁଥିବି କୋଳକୁ ତୋର'ର ୱାଲର୍ଡ ଟିଭି ପ୍ରିମିୟର ଜୀ ସାର୍ଥକରେ ହେବାକୁ ଯାଉଛି।

# ଏମ୍ ଆଣ୍ଡ ଏଚ୍‌ସିଭି ସେଗ୍‌ମେଣ୍ଟ ସହ ୫ ସିଏନ୍‌ଜି ଟ୍ରକ୍ ଉନ୍ମୋଚିତ

ମୁମ୍ବାଇ,୬।୯

ଦେଶର ପ୍ରମୁଖ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋଟର୍ସ ପକ୍ଷରୁ ଭାରତର ପ୍ରଥମ ସିଏନ୍‌ଜି ଚାଳିତ ମିଡିୟମ ଆଣ୍ଡ ହେଭି ଭେଇକଲ (ଏମ୍ ଆଣ୍ଡ ଏଚ୍‌ସିଭି) ଟ୍ରକ୍‌ର ଶୁଭାରମ୍ଭ ସହ ପୁଣି ଥରେ ନୂତନ ଟ୍ରାକିଂ ଇତିହାସ ସୃଷ୍ଟି କରିଛି। ଏକ ଅଭିନବ ପ୍ରସ୍ତୁତି, ଉନ୍ନତ ଡ୍ରାଇଭର ସହାୟତା ବ୍ୟବସ୍ଥା(ଆଡା) ଏବଂ ଡ୍ରାଇଭିଂ ଆରାମକୁ ବଢାଇବା ପାଇଁ ପ୍ରାଇମା, ସିଗ୍ନା ଏବଂ ଅଲ୍ଟ୍ରା ଟ୍ରକ୍‌ର ସର୍ବାଧିକ ବିକ୍ରି ପରିସରକୁ ସମୃଦ୍ଧ କରିଛି। ଏପରିକି ଉନ୍ନତ ବହୁ-ପ୍ରୟୋଗ ଆବଶ୍ୟକତା, ବିଶେଷକରି ଦ୍ରୁତଗତିରେ ବଢୁଥିବା ଲଜିଷ୍ଟିକ୍ସ ଏବଂ ଭିତ୍ତିଭୂମି କ୍ଷେତ୍ରର ସେବା ପାଇଁ ଉନ୍ନତ ହାଲୁକା ବାଣିଜ୍ୟିକ ଯାନ (ଆଇ ଆଣ୍ଡ ଏଲ୍‌ସିଭି) ଟିପ୍ପର ଏବଂ ଟ୍ରକ୍‌ଗୁଡ଼ିକର ଏକ ନୂତନ ଶୃଙ୍ଖଳାର ମଧ୍ୟ ଆରମ୍ଭ କରାଯାଇଥିଲା।

ଏ ସମ୍ପର୍କରେ ଟାଟା ମୋଟର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରୀଶ ୱାଘ କହିଛନ୍ତି, ଆମର ଟ୍ରକ୍ ଭାରତକୁ ସଂଯୋଗ କରିଛି ଏବଂ ଦେଶର ଅର୍ଥନୀତିର ଇଞ୍ଜିନକୁ ଶକ୍ତି ପ୍ରଦାନ କରିଛି। ଉଦ୍ୟୋଗ ନେତା ଭାବେ ଆମେ ନିରନ୍ତର ଭବିଷ୍ୟତ-ପ୍ରସ୍ତୁତ ଉତ୍ପାଦ, ସେବା ଏବଂ ସମାଧାନ ପ୍ରଦାନ କରି କାର୍ଯ୍ୟକାରିତା, ଉତ୍ପାଦକତା, ସଂଯୋଗୀକରଣ ଏବଂ କାର୍ଯ୍ୟଦକ୍ଷତାର ନୂତନ ପ୍ରତିମାନ ସୃଷ୍ଟି କରୁଛୁ। ଧକ୍କା ହ୍ରାସ ପ୍ରଣାଳୀ, ଲେନ୍ ଛାଡ଼ିବା ସତର୍କତା, ଇଲେକ୍ଟ୍ରୋନିକ ସ୍ଥିରତା ନିୟନ୍ତ୍ରଣ, ଡ୍ରାଇଭର ଆଲର୍ଟ ଏବଂ ଟାୟାର ଚାପ ନିୟନ୍ତ୍ରଣ କରୁଥିବା ଉନ୍ନତ ଡ୍ରାଇଭର ସହାୟତା ପ୍ରଣାଳୀ (ଆଡାସ) ଦ୍ୱାରା ଟ୍ରକ୍‌ଗୁଡିକ ବର୍ଦ୍ଧମାନ ନିରାପଦ ପରିବହନର ଆବଶ୍ୟକତାକୁ ସମାଧାନ କରୁଛି । ବୈକଳ୍ପିକ ଇନ୍ଧନ ପାୱାର ଟ୍ରେନର ଏକ ସମୃଦ୍ଧ ଯାଚନା ସହ କ୍ଲିନର ଗତିଶୀଳତା ସମାଧାନ ମଧ୍ୟ ସେମାନେ ପ୍ରଦାନ କରିଥାନ୍ତି। ବିଶେଷକରି ସ୍ୱତନ୍ତ୍ର ପ୍ରୟୋଗକୁ ପୂରଣକରିବା ପାଇଁ ଏହି ଟ୍ରକ୍‌ଗୁଡିକର ପ୍ରତ୍ୟେକ ବିଭବ ଉଦ୍ଦେଶ୍ୟମୂଳକ ଭାବେ ଉତ୍ସର୍ଗ କରାଯାଇଛି । ସର୍ବୋତ୍ତମ ଅପରେଟିଂ ଅର୍ଥନୀତି ଏବଂ ଉନ୍ନତ ସଂଯୋଗୀକରଣ ଦ୍ୱାରା ସର୍ବୋତ୍ତମ ଆରାମ ପ୍ରଦାନ କରିବାକୁ ଡିଜାଇନ କରାଯାଇଥିବାଏହି ସ୍ମାର୍ଟ ଟ୍ରକ୍ ସହିତ ବାଣିଜ୍ୟିକ ଯାନଗୁଡିକର ଅମେଳ ପୋର୍ଟଫୋଲିଓକୁ ଆହୁରି ମଜଭୁତ କରି ଆମେ ଆନନ୍ଦିତ । ଲଜିଷ୍ଟିକ ଶୃଙ୍ଖଳାକୁ ଅଧିକ ଦକ୍ଷ କରି ଆମର ଗ୍ରାହକ, ସେମାନଙ୍କର ଡ୍ରାଇଭର, ସିପର୍ସ ଏବଂ ଆମ ଦେଶକୁ 'ପ୍ରଗତି ବିତରଣ' କରି ଆମେ ପରିବହନକୁ ପୁନଃ ପରିଭାଷିତ କରିବା ଜାରି ରଖିଛୁ । ସମସ୍ତ ସେଗ୍‌ମେଣ୍ଟ ଏବଂ ପ୍ରୟୋଗରେ କାର୍ଗୋ ଓ ନିର୍ମାଣ ପରିବହନର ଆବଶ୍ୟକତାକୁ ପୂରା କରିବା ପାଇଁ ଆରମ୍ଭ ହୋଇଥିବା ବିକଶିତ ଏବଂ ଅଭିନବ ଇଞ୍ଜିନିୟରିଂରେ ନିର୍ମିତ ଅତ୍ୟାଧୁନିକ ଟ୍ରକ୍ ଉଚ୍ଚତର ଉତ୍ପାଦକତା ବିତରଣ କରିବା ସହ ମାଲିକାନା ଡ୍ରାଇଭିଂ ଫ୍ଲିଟ୍ ଲାଭଦାୟକ ହୋଇଥାଏ।



ଟାଟା ମୋଟର୍ସର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କମ୍ପାନୀର ବିଭିନ୍ନ ବର୍ଗର ଟ୍ରକ୍‌ଗୁଡିକର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି।

**ଟାଟା ମୋଟର୍ସ ଭାରତର ଟ୍ରକ୍‌ଗୁଡିକୁ ସ୍ମାର୍ଟ, ନିରାପଦ ଏବଂ ଅଧିକ ଦକ୍ଷ କରିଛି**

# ଅସ୍ଥିରତା ମଧ୍ୟରେ ଭଲ ପ୍ରଦର୍ଶନ କରୁଛି ଟଙ୍କା: ଶକ୍ତିକାନ୍ତ

**ନୂଆଦିଲ୍ଲୀ,୬।୯:** ଗତ କିଛି ମାସ ହେବ ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ରହିଛି। ଏପରିକି ମୁଦ୍ରା ବିନିମୟ ବଜାରରେ ଘୋର ଅସ୍ଥିରତା ସତ୍ତ୍ୱେ ମଧ୍ୟ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ପ୍ରଦର୍ଶନ ଭଲ ରହିଛି। ସେହିଭଳି ଅନ୍ୟ ଦେଶଗୁଡ଼ିକର ମୁଦ୍ରା ଦୁର୍ବଳ ପ୍ରଦର୍ଶନ କରୁଥିବା ବେଳେ ଭାରତୀୟ ଟଙ୍କାର ମୂଲ୍ୟରେ ସୁଧାର ସାଙ୍ଗକୁ ପୂର୍ବ ସ୍ଥିତିର କାରବାର ବଜାୟ ରଖିପାରିଛି। ସେହିପରି ମୁଦ୍ରାବଜାରରେ ଲାଗି ରହିଥିବା ଅସ୍ଥିରତାକୁ ରୋକିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମଧ୍ୟ ଆବଶ୍ୟକ ପଦକ୍ଷେପ ସାଙ୍ଗକୁ କାରବାର ସମୟରେ ହସ୍ତକ୍ଷେପ କରୁଛନ୍ତି। ଫଳରେ ଦେଶରେ ଥିବା ୫୬,୧୦୦ କୋଟି ଡଲାରର ଗଚ୍ଛିତ ବୈଦେଶିକ ମୁଦ୍ରାଭଣ୍ଡାର ଦୈନିକ ହ୍ରାସର ମୁକାବିଲା କରିବାରେ ସହାୟକ ହେଉଛି ବୋଲି ଆର୍‌ବିଆଇର ଗଭର୍ନର ଶକ୍ତିକାନ୍ତ ଦାସ ନିକଟରେ ଜାତୀୟସ୍ତରର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏଭଳି କିଛି ମତବ୍ୟକ୍ତ କରିଛନ୍ତି।

# ଟ୍ରାକ୍ଟରରେ ଉଦ୍ଧାର ହେଲେ ସିଇଓଙ୍କ ପରିବାର

## ପ୍ରବଳ ବର୍ଷାରେ ବେଙ୍ଗାଲୁରୁ ଜଳାର୍ଣ୍ଣବ

ବେଙ୍ଗାଲୁରୁ,୬।୯



ବେଙ୍ଗାଲୁରୁରେ ଗତ ୭୫ ବର୍ଷ ମଧ୍ୟରେ ତୃତୀୟ ସର୍ବାଧିକ ବର୍ଷା ହୋଇଛି। ତିନିଦିନର ଲଗାଣ ବର୍ଷାରେ ସହର ଜଳାର୍ଣ୍ଣବ ହୋଇଯିବାରୁ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ବର୍ଷା ସାଙ୍ଗକୁ ବିଦ୍ୟୁତ୍ କାଟ, ଟ୍ରାଫିକ୍ ଜାମ ସମସ୍ୟାକୁ ଦ୍ୱିଗୁଣିତ କରିଛି। ରାସ୍ତା ପାଣିରେ ବୁଡ଼ି ରହିଥିବାବେଳେ ଜଣେ ସିଇଓଙ୍କ ପରିବାର ଓ ତାଙ୍କ ପୋଷା କୁକୁରଙ୍କୁ ଏକ ଟ୍ରାକ୍ଟର ଯୋଗେ ଉଦ୍ଧାର କରାଯାଉଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶିକ୍ଷାପ୍ରଯୁକ୍ତି ପ୍ଲାଟଫର୍ମର ଅନ୍‌ଏକାଡେମି ସିଇଓ ଗୌରବ ମୁଞ୍ଜାଲ ନିଜେ ଏହି ଭିଡିଓ ଶେୟାର କରିଛନ୍ତି। ତାଙ୍କ ରେସିଡେନ୍ସିଆଲ ସୋସାଇଟ୍ ଜଳମଗ୍ନ ହୋଇଯାଇଛି। କେବଳ ତାଙ୍କ ସୋସାଇଟି ନୁହେଁ, ଅଧିକାଂଶ ବସ୍ତୀ ଅଞ୍ଚଳ ପାଣିଘେରରେ ରହିଥିବାରୁ ଲୋକେ ଟ୍ରାକ୍ଟର ଯୋଗେ ନିରାପଦ ସ୍ଥାନକୁ ଯାଉଥିବା ଦେଖାଯାଇଛି। ସିଲିକନ୍ ଭାଲିର ଅନେକ ଆଇଟି କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି।

ପ୍ରବଳ ବର୍ଷାଜନିତ ବନ୍ୟା ଯୋଗୁ ସହରର ସ୍ଥିତି ବେହାଲ ହୋଇଯାଇଛି। ଅନେକ ବିଳାସପୂର୍ଣ୍ଣ ବଙ୍ଗଳା ପାଣିଘେରରେ ଥିବାବେଳେ ଦାମୀ କାରଗୁଡ଼ିକ ପାଣିରେ ବୁଡ଼ିରହିଛି। କର୍ନାଟକ କଂଗ୍ରେସ ନେତା ରକ୍ସିଥ ଶିବରାମ ଏଭଳି ଏକ ଭିଡିଓ ପୋଷ୍ଟ କରିଛନ୍ତି। ଲୋକେ ଟ୍ରାକ୍ଟର ଓ କ୍ରେନ୍ ଯୋଗେ ଏପ୍‌ସିଲୋନ ଅତିକ୍ରମ କରୁଥିବା ଦେଖାଯାଇଛି। ଏହି ଅଞ୍ଚଳରେ ଘରଗୁଡ଼ିକର ଦାମ୍ ୩୦ କୋଟି ଟଙ୍କାରୁ କମ୍ ନୁହେଁ ବୋଲି ଶିବରାମ ଲେଖିଛନ୍ତି।

ଫୁର୍‌ସତ୍

# ଅମିତାଭଙ୍କ ସହ କାମ କରିବା ସ୍ୱପ୍ନ ଥିଲା

**ମୁମ୍ବାଇ:** ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ସହ ଏକାଠି କାମ କରିବାର ସ୍ୱପ୍ନ ପିଲାଦିନରୁ ରହିଥିଲା ବୋଲି ବଲିଉଡ୍ ଚଳଚ୍ଚିତ୍ର ପ୍ରଯୋଜିକା ଏକତା କପୁର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅମିତାଭ, ରଶ୍ମିକା ମନ୍ଦାନ୍ନା ଏବଂ ନୀନା ଗୁପ୍ତା ଅଭିନୀତ ଗୁଡ୍‌ବାଏର ଟ୍ରେଲର ଶୁଭାରମ୍ଭ ଅବସରରେ ସେ ଏହା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଗ୍ ବି ଭର୍ଚୁଆଲି ଯୋଗଦେଇଥିବାବେଳେ ଏକତା କପୁରଙ୍କ ସହ ରଶ୍ମିକା ଏବଂ ନୀନା ମଞ୍ଚରେ ଉପସ୍ଥିତ ଥିଲେ। ଏକତା ପ୍ରଥମ ଥର ପାଇଁ ବିଗ୍ ବି'ଙ୍କ ସହ ଏକ ଚଳଚ୍ଚିତ୍ରରେ ଏକାଠି କାର୍ଯ୍ୟ କରିଛନ୍ତି। ସେ ବଲିଉଡ୍ ସୁପରଷ୍ଟାର ଖାନ୍‌ମାନଙ୍କ ସହ କାମ କରିବାକୁ କଦାପି ସ୍ୱପ୍ନ ଦେଖି ନ ଥିଲେ ବୋଲି ଏହି ଅବସରରେ ଏକତା କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବିଗ୍ ବି ତାଙ୍କ ପାଇଁ ଆଦର୍ଶ। ସେ ପିଲାଦିନେ ଅମିତାଭଙ୍କ ଘରକୁ ଯାଇ ତାଙ୍କ ଜନ୍ମଦିନ ପାର୍ଟିରେ ଭାଗ ନେଉଥିଲେ। ଅଭିଷେକ ବଚ୍ଚନ ଓ ଶ୍ୱେତା ବଚ୍ଚନ ନନ୍ଦ ତାଙ୍କ ବନ୍ଧୁ ଥିଲେ। ଶେଷରେ ତାଙ୍କ ସ୍ୱପ୍ନ ସତ ହୋଇଛି, ସେ ଅମିତାଭଙ୍କ ସହ କାମ କରିବାର ସୁଯୋଗ ପାଇଛନ୍ତି ବୋଲି ଏକତା କହିଛନ୍ତି।



ଏକତା କପୁର

## ସମୋସା ପ୍ଲେଟ୍‌ରେ ନ ଦେବାରୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍

**ଛତ୍ରପୁର:** ମଧ୍ୟପ୍ରଦେଶର ଜଣେ ଦୋକାନୀ ସମୋସା ପ୍ଲେଟ୍‌ରେ ପରିବେଷଣ ନ କରିବା ଏବଂ ଚାମଚ ନ ଦେବାରୁ ଜଣେ ଗ୍ରାହକ ଉତ୍‌କ୍ଷିପ୍ତ ହୋଇ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ହେଲ୍ପଲାଇନକୁ ଫୋନ ଲଗାଇଥିଲେ। ଛତ୍ରପୁର ବସ୍‌ଷ୍ଟାଣ୍ଡରେ ଥିବା 'ରାକେଶ ସମୋସା' ନାମକ ଜଳଖିଆ ଦୋକାନ ନାଁରେ ଅଭିଯୋଗ ଦାଏର ଲାଗି ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କହିଥିଲେ। ଅଭିଯୋଗରେ ଯୁବକ ଜଣକ ଦର୍ଶାଇଛନ୍ତି, ସେ ଜଳଖିଆ ଦୋକାନରୁ ସମୋସା କିଣିଥିଲେ ମଧ୍ୟ ଦୋକାନୀ ତାଙ୍କୁ ପ୍ଲେଟ୍ ଓ ଚାମଚରେ ତାହା ପରିବେଷଣ କରିବାକୁ ମନା କରିଦେଇଥିଲେ। ଅଭିଯୋଗକାରୀଙ୍କ ନାମ ବଂଶ ବାହାଦୁର ବୋଲି ଜଣାପଡ଼ିଛି। ଏଠାରେ ସମୋସା ପ୍ୟାକେଟରେ ଦିଆଯାଉଥିବାରୁ ଦୋକାନୀ ପ୍ଲେଟ୍ କିମ୍ବା ଚାମଚ ଦେଉନାହାନ୍ତି। ଏହି ସମସ୍ୟାର ଯଥାଶୀଘ୍ର ସମ୍ଭବ ସମାଧାନ କରାଯାଉ ବୋଲି ଯୁବକ ଜଣକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁରୋଧ କରିଛନ୍ତି।



## ଠକେଇ ମାମଲା: ସରେଣ୍ଡର କରିପାରନ୍ତି ସ୍ୱପ୍ନା ଚୌଧୁରୀ

ଲକ୍ଷ୍ନୌ

ହରିୟାଣାର ଜଣାଶୁଣା ଡ୍ୟାନ୍ସର ତଥା ସିଙ୍ଗର ସ୍ୱପ୍ନା ଚୌଧୁରୀଙ୍କ ଅଡୁଆ ବେଳକୁ ବେଳ ବଢିବାରେ ଲାଗିଛି। ୪ ବର୍ଷ ତଳର ଏକ ଠକେଇ ମାମଲାରେ ତାଙ୍କୁ ଗିରଫ କରାଯାଇପାରେ। ଗିରଫଦାରି ଏଡାଇବା ପାଇଁ ସପନା କୋର୍ଟରେ ସରେଣ୍ଡର କରିପାରନ୍ତି ବୋଲି କୁହାଯାଉଛି। ସେଥିପାଇଁ ସେ ମଙ୍ଗଳବାର ସକାଳୁ ଲକ୍ଷ୍ନୌରେ ପହଞ୍ଚି ଯାଇଛନ୍ତି। ଡ୍ୟାନ୍ସ କୁଇନଙ୍କ ବିରୋଧରେ ଲକ୍ଷ୍ନୌର ଏକ ଅଦାଲତଙ୍କ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନ ଜାରି କରାଯାଇଛି। ଏହାପରେ ତାଙ୍କ ଉପରେ ଗିରଫ ହେବାର ଖଣ୍ଡା ଝୁଲୁଛି । କୁହାଯାଉଛି କି ଲକ୍ଷ୍ନୌ ପୋଲିସ ସ୍ୱପ୍ନା ଚୌଧୁରୀଙ୍କୁ ଖୋଜୁଛି। ସ୍ୱପ୍ନା ନିଜେ କୋର୍ଟରେ ଆତ୍ମସମର୍ପଣ ନ କଲେ, ପୋଲିସ ତାଙ୍କୁ ଗିରଫ କରିନେବ । ସୂଚନାଯୋଗ୍ୟ, ଲକ୍ଷ୍ନୌସ୍ଥିତ ଆଶିୟାନା ଥାନାରେ ଡ୍ୟାନ୍ସ କୁଇନ ସ୍ୱପ୍ନା ଚୌଧୁରୀଙ୍କ ସମେତ ଅନ୍ୟ କେତେଜଣଙ୍କ ବିରୋଧରେ ମାମଲା ରୁଜୁକରାଯାଇଛି। ତାଙ୍କ ଉପରେ ଠକେଇ ମାମଲାରେ ଏଫଆଇଆର ହୋଇଛି। ଏହି ମାମଲା ୨୦୧୮ ଅକ୍ଟୋବର ୧୩ର । ସେତେବେଳେ ଆଶିୟାନାର ଏକ ଘରୋଇ କ୍ଲବରେ ସ୍ୱପ୍ନା ଚୌଧୁରୀଙ୍କ ଶୋ'ର ଆୟୋଜନ କରାଯାଇଥିଲା। ଡ୍ୟାନ୍ସ ଶୋ' ପାଇଁ ପଇସା ନେଇଥିଲେ ମଧ୍ୟ ସ୍ୱପ୍ନା ପହଞ୍ଚି ନ ଥିଲେ। ଫଳରେ ଶୋ' ଆୟୋଜନକାରୀ ଥାନାରେ ଏତଲା ଦେଇଥିଲେ। ଏହାପରେ ସେ କୋର୍ଟରେ ହାଜର ହୋଇନାହାନ୍ତି।

## ସଂକ୍ଷେପରେ

### ନୂତନ ପରିବାର ଅଦାଲତ ଜଜ୍‌ଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୬।୯(ବ୍ୟୁରୋ): ରାଜଧାନୀରେ ଦ୍ୱିତୀୟ ପରିବାର ଅଦାଲତ ଶୁକ୍ରବାର ଉଦ୍‌ଘାଟିତ ହୋଇଥିଲା। ମଙ୍ଗଳବାର ଏଠାରେ ନୂତନ ଜଜ୍ ଭାବେ ନରେଶ ମହାନ୍ତି ଯୋଗଦେଇଛନ୍ତି। ତାଙ୍କୁ ଭୁବନେଶ୍ୱର ଓକିଲ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ନୂତନ କୋର୍ଟ ଖୋଲିବା ଦ୍ୱାରା ଜନସାଧାରଣ ତ୍ୱରିତ ନ୍ୟାୟ ପାଇବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହାବ୍ୟତୀତ ନୂତନ ଭାବେ ଯୋଗଦେଇଥିବା ଦ୍ୱିତୀୟ ଶ୍ରେଣୀ ବିଚାରପତି ଦେୱାନ ସତ୍ୟଦର୍ଶୀ, ଗିରିଶ ଚନ୍ଦ୍ର ମୁଦୁଲି, ସାଇପ୍ରିୟା ତ୍ରିପାଠୀଙ୍କୁ ମଧ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ରବିନାରାୟଣ ସାମନ୍ତରାୟ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ସହସମ୍ପାଦକ ରାଜେନ୍ଦ୍ର କୁମାର ଦାସ ସମେତ ପ୍ରମୁଖ ଉପସ୍ଥିତ ଥିଲେ ।

### କଂସା, ପିତ୍ତଳ ହସ୍ତଶିଳ୍ପ ସାମଗ୍ରୀର ଜିଆଇ ମାନ୍ୟତା ପାଇଁ ଆବେଦନ

ଭୁବନେଶ୍ୱର,୬।୯(ବ୍ୟୁରୋ): ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଚଳିତ ମାସ ୫ ତାରିଖରେ ଓଡ଼ିଶା କଂସା ଓ ପିତ୍ତଳ କାମର ଜିଆଇ ମାନ୍ୟତା ପାଇଁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଅଧୀନ 'ଉତ୍କଳିକା' ମାଧ୍ୟମରେ ଆବେଦନ କରାଯାଇଛି। ବର୍ଷକ ମଧରେ ହସ୍ତଶିଳ୍ପ କ୍ଷେତ୍ରରେ ଭୌଗୋଳିକ ସୂଚକାଙ୍କ ପଞ୍ଜୀକରଣ ନିମନ୍ତେ ଏହା ହେଉଛି ତୃତୀୟ ଆବେଦନ। କଂସା ଓ ପିତ୍ତଳ କାମ ପାଇଁ ପିତ୍ତଳ ଏବଂ ଅନ୍ୟ ଧାତୁ ବ୍ୟବହାର କରି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପ୍ରଚଳିତ ଉତ୍ପାଦନ ପ୍ରଣାଳୀ ଓ ସାମଗ୍ରୀଗୁଡିକର ବିସ୍ତୃତ ବିବରଣୀ ପ୍ରସ୍ତୁତି କ୍ରମେ ଆବେଦନ କରାଯାଇଛି। ଏଥିପାଇଁ ୨୮ଟି ଜିଲାରେ ଅବସ୍ଥିତ ଅନେକ କଂସା ଓ ପିତ୍ତଳ ହସ୍ତଶିଳ୍ପ ପୁଞ୍ଜରୁ ତଥ୍ୟ ସଂଗ୍ରହ ହୋଇଛି। ପୂର୍ବରୁ କୋଣାର୍କ ପଥର ଖୋଦେଇ, ପିପିଲି ଚାନ୍ଦୁଆ, ଓଡ଼ିଶା ପଟଚିତ୍ରର ଭୌଗୋଳିକ ସୂଚକାଙ୍କ ପଞ୍ଜୀକରଣ କରାଯାଇଥିଲା। ଏତଦ୍‌ବ୍ୟତୀତ କଟକ ଚାନ୍ଦି ତାରକସି ଓ କାଇଁଚ କାମ ହସ୍ତଶିଳ୍ପର ଭୌଗୋଳିକ ସୂଚକାଙ୍କ ପଞ୍ଜୀକରଣ ନିମନ୍ତେ ଆବେଦନ କରାଯାଇଛି ଏବଂ ଏହା ଏବେ ଚେନ୍ନାଇସ୍ଥିତ ଭୌଗୋଳିକ ସୂଚକାଙ୍କରେ ପଞ୍ଜୀକରଣ ପାଇଁ ବିଚାରାଧୀନ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ବେଲଗୁଣ୍ଠାର ନମନୀୟ ପିତ୍ତଳ ମାଛ, ବରପାଲିର ଟେରାକୋଟା ଛାତ ଟାଇଲ୍, ପୁରୀର କାଗଜମୁଖା, ଢେଙ୍କାନାଳ ଜିଲା ଜିରାଳର ନଡ଼ା କାମ , ବାଲେଶ୍ୱରର ଲାଖ କଣ୍ଢେଇ, ଓଡ଼ିଶା ଢୋକରା କାଷ୍ଟିଙ୍ଗ, ନୀଳଗିରିର ପଥର କାମ ଓ ପଥର ବାସନ, ବଲାଙ୍ଗୀରର ଧାନରୁ ପ୍ରସ୍ତୁତ ହସ୍ତଶିଳ୍ପ, ସୁବର୍ଣ୍ଣପୁରର ଟେରାକୋଟା, ଗଜପତି ଜିଲାର ଶିଙ୍ଗ କାମ, ନବରଙ୍ଗପୁରର ଲାଖ ପେଡ଼ି ଓ ପୁରୀର ତାଳପତ୍ର ପୋଥିଚିତ୍ର ପରି ହସ୍ତଶିଳ୍ପର ଜିଆଇ ମାନ୍ୟତା ଲାଗି ଆବେଦନ ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

# ତୋରଣରେ 'କମିଶନରେଟ୍ ପୋଲିସ'

**ପାର୍ବଣ ଋତୁରେ ମା'ଙ୍କ ଆଗମନ ପାଇଁ ରାଜଧାନୀରେ ଆରମ୍ଭ ହୋଇଗଲାଣି ପୂଜା ପ୍ରସ୍ତୁତି। କରୋନା ପାଇଁ ୨ ବର୍ଷ ହେବ କଟକଣାରେ କେବଳ ବିଧିରକ୍ଷା ପୂର୍ବକ ଦଶହରା ପାଳନ କରାଯାଉଥିଲା। ମାତ୍ର ଚଳିତ ଥର କଟକଣା ନ ଥିବାରୁ ଦେବୀ ଦୁର୍ଗାଙ୍କୁ ଆବାହନ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର କରାଯାଇଛି। କିଏ କେମିତି ଓ କେତେ ସୁନ୍ଦର ଭାବେ ମା'ଙ୍କ ମୃଣ୍ମୟୀ ପ୍ରତିମା ଗଢ଼ିବ ଏବଂ ତୋରଣ ସଜାଇବ ସେନେଇ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି କ୍ରମରେ ସାର୍ବଜନୀନ ଦୁର୍ଗାପୂଜା ସମିତି, ଭିଏସ୍‌ଏସ୍ ନଗର ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି କରାଯାଉଛି।**



### ୧୯୭୮ରୁ ଆରମ୍ଭ ହୋଇଥିଲା ପୂଜା

ମା' ଦଶଭୁଜାଙ୍କ ଆବାହନ ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଭିନ୍ନ ଭିନ୍ନ ତୋରଣ କରି ଚର୍ଚ୍ଚାରେ ରହିବାକୁ ସମସ୍ତ ପୂଜା କମିଟି ପ୍ରୟାସ ଚଳାଇଛନ୍ତି। ଏହି କ୍ରମରେ ଚଳିତ ବର୍ଷ ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଭିନ୍ନ ଧରଣର ତୋରଣ କରାଯିବା ପାଇଁ ଯୋଜନା ହୋଇଛି। ଚଳିତ ବର୍ଷ ସମିତି ଏହାର ୪୪ତମ ପୂଜା ଆୟୋଜନ କରୁଛି। ୧୯୭୭ ମସିହାରୁ ଓଡ଼ିଶା ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ବାସଗୃହ ନିର୍ମାଣ ହୋଇ ନଗର ସ୍ଥାପନା ହୋଇଥିଲା। ଏହାପରେ ଭିଏସ୍‌ଏସ୍ ନଗରରେ ୧୯୭୮ ମସିହାରୁ ଦୁର୍ଗାପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ ପୂଜାର ବଜେଟ ୮ଲକ୍ଷ ଟଙ୍କା ରଖାଯାଇଛି। ଏଥର ପୂଜାମଣ୍ଡପରେ ଭୁବନେଶ୍ୱର କମିଶନରେଟ୍ ପୋଲିସର କାର୍ଯ୍ୟାଳୟ କୋଠା ଆକର୍ଷଣ ସାଜିବ। ଏହାର ଉଚ୍ଚତା ପ୍ରାୟ ୪୦ ଫୁଟ ରହିବ। ସେହିପରି ମା' ଦୁର୍ଗାଙ୍କ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ ଏବଂ ବାରଙ୍ଗ ଫୁଲ ପୋଖରୀରୁ ଆସୁଥିବା ଜରି ମେଢ଼ର ଉଚ୍ଚତା ୧୮ ଫୁଟ ରହିବ। ସୁନିଆ ତିଥିରେ କୁଆଖାଇ ନଦୀରୁ ମାଟି ଅନୁକୂଳ ହେବ। ଏହାପରେ କୋଲକାତା କାରିଗରଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ କରାଯିବ। ମା'ଙ୍କ ସହିତ ପାର୍ଶ୍ୱ ଦେବଦେବୀଙ୍କ ଶରୀରରେ ରୁପା ମୁକୁଟ ଓ ରୁପାହାର ଶୋଭା ପାଇବ। ଭିଏସ୍‌ଏସ୍ ନଗର ଦୁର୍ଗାପୂଜା ପରମ୍ପରା ଅନୁଯାୟୀ ଅଷ୍ଟମୀରେ ଖେଚୁଡ଼ି ଡାଲମା ଓ ଦଶମୀରେ ଦହିପଖାଳ, ଶାଗଭଜା ଭୋଗ କରାଯିବ। ଦୁଇବର୍ଷ ପରେ ମା'ଙ୍କ ପୂଜା ଧୁମ୍‌ଧାମ୍‌ରେ କରାଯିବ। ଏଥିପାଇଁ ସମିତି ପକ୍ଷରୁ ନବମୀ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ। କଣ୍ଠଶିଳ୍ପୀ ସୁଧାକର ମିଶ୍ର, ରବୀନ୍ଦ୍ର ମହାପାତ୍ର ଓ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ନିୟମ ଅନୁଯାୟୀ କଲୋନୀର ସବୁ ଘରେ (ପ୍ରାୟ ୨୫୦୦ ଘର) ଭୋଗ ଦିଆଯିବା ସହିତ ପୂଜା ପରେ ସମସ୍ତ ଆଦାୟ ଓ ଖର୍ଚ୍ଚର ହିସାବ ଦିଆଯିବ। ସେହିପରି ଭସାଣି ଦିନ ଭିଏସ୍‌ଏସ୍ ନଗରରୁ ଶହୀଦନଗର, ରୁପାଲି ଛକ ଦେଇ ରାଜମହଲ ଛକ ପର୍ଯ୍ୟନ୍ତ ଭସାଣି ଯାତ୍ରା ହୋଇ କୁଆଖାଇ ନଦୀରେ ମୂର୍ତ୍ତି ବିସର୍ଜନ କରାଯିବ। ଭସାଣି ଯାତ୍ରାରେ ପାରମ୍ପରିକ ଶିଙ୍ଗବାଜା ସହିତ ଡିଜେ ବାଜା ପ୍ରକମ୍ପନରେ ମା'ଙ୍କୁ ମେଲାଣି ଦିଆଯିବ।

ଆସୁଛନ୍ତି



**ମା'**

**ଭିଏସ୍‌ଏସ୍ ନଗର**

**ଝଲସିବ ରୁପା ମୁକୁଟ, ରୁପାହାର**

### ପୋଲିସଙ୍କୁ ସମ୍ମାନ ଜଣାଇ ତୋରଣର ପରିକଳ୍ପନା



୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏଠାରେ ରୀତିନୀତି ଅନୁଯାୟୀ ପୂଜା କରାଯାଉଛି। ଏଥର କମିଶନରେଟ୍ ପୋଲିସ କାର୍ଯ୍ୟାଳୟ ତୋରଣ ସମସ୍ତଙ୍କୁ ଆକୃଷ୍ଟ କରିବ। ଲୋକଙ୍କ ଧନଜୀବନ ସୁରକ୍ଷା ଦାୟିତ୍ୱ ପୋଲିସଙ୍କ ଉପରେ ନ୍ୟସ୍ତ ରହିଛି। ସେମାନେ ନିଷ୍ଠାପର ଭାବେ ଏହାକୁ ତୁଲାଉଛନ୍ତି। ତେଣୁ ସେମାନଙ୍କୁ ସମ୍ମାନ ଦେବା ପାଇଁ ଏଭଳି ତୋରଣର ପରିକଳ୍ପନା କରାଯାଇଛି।

**- ଶୀତଳ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ**

### ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ



କରୋନା ପାଇଁ ୨ବର୍ଷ ହେଲା ପୂଜା ଠିକ୍ ଭାବେ ହୋଇପାରୁ ନ ଥିଲା। ତେଣୁ ଏଥର ଧୁମ୍‌ଧାମ୍‌ରେ ପୂଜା କରିବାକୁ ଯୋଜନା ରହିଛି। ପୂଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ। ଦର୍ଶନ ସମୟରେ ଯେପରି ଅତ୍ୟଧିକ ଭିଡ଼ ନ ହୁଏ, ସେଥିପ୍ରତି ଦୃଷ୍ଟି ଦିଆଯିବ।

**- ଦିଲୀପ ଦାଶଶର୍ମା ଉପସଭାପତି**

### ନନ୍ଦନକାନନକୁ ଆସିଲା ଘଡ଼ିଆଳ କୁମ୍ଭୀର ଛୁଆ

ବାରଙ୍ଗ,୬।୯(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ମଙ୍ଗଳବାର ଏକ ଘଡ଼ିଆଳ କୁମ୍ଭୀର ଛୁଆ ଆସିଛି। ବଡ଼ମ୍ବା ରେଞ୍ଜ ଅଧୀନ ଗୋପୀନାଥପୁରରୁ ବନବିଭାଗ କର୍ମଚାରୀମାନେ ଘଡ଼ିଆଳ କୁମ୍ଭୀର ଛୁଆକୁ ଉଦ୍ଧାର କରି ନନ୍ଦନକାନନରେ ଛାଡ଼ିଥିଲେ। କୁମ୍ଭୀର ଛୁଆଟି ନନ୍ଦନକାନନରେ ପହଞ୍ଚିବା ପରେ ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତାକୁ ଘଡ଼ିଆଳ କୁମ୍ଭୀର ଟାଙ୍କିରେ ଛଡାଯାଇଛି। ପ୍ରାୟ ୧ବର୍ଷ ବୟସର ଏହି କୁମ୍ଭୀର ଛୁଆଟିର ଓଜନ ୧୧ଶହ ଗ୍ରାମ ଓ ଲମ୍ବ ୯୦.୫ମିଟର ବୋଲି ଜଣାପଡିଛି।

### ଜିଲା ପରିଷଦ ସଭ୍ୟାଙ୍କ କାର୍ ଜାଳିଦେବା ଘଟଣାରେ ୨ ଗିରଫ

ନିରାକାରପୁର,୬।୯(ଡି.ଏନ୍.ଏ.)

ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ୯ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟା ମିତାଞ୍ଜଳି ବଳିୟାରସିଂହଙ୍କ କାର୍‌କୁ ଦୁର୍ବୃତ୍ତ ଜାଳି ଦେଇଥିଲେ। ଏହି ଘଟଣାରେ ମଙ୍ଗଳବାର ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବଡ଼ପୋଖରୀୟା ଗ୍ରାମର ଆମ୍ରୀ ପ୍ରକାଶ ଗଜେନ୍ଦ୍ର ଏବଂ ଜିତେନ୍ଦ୍ର ବଡ଼ଜେନା। ସୂଚନାଥାଉ କି, ଗତ ଗୁରୁବାର ମିତାଞ୍ଜଳିଙ୍କ କାର୍ (ଓଡି-୦୨-ବିଏନ୍-୨୬୩୪) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିଲା। ତେବେ କୌଣସି କାରଣକୁ ନେଇ ଦୁର୍ବୃତ୍ତ ରାତିରେ ସେଥିରେ ନିଆଁ ଲଗାଇ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରହୁଥିବା ଜଣେ ବ୍ୟକ୍ତି କାର୍ ଜଳୁଥିବା ଦେଖି ସାଗରଙ୍କୁ ଜଣାଇଥିଲେ। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏନେଇ ମିତାଞ୍ଜଳିଙ୍କ ସ୍ୱାମୀ ସାଗର ବଳିୟାରସିଂହଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୭୩/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

## ବିଦ୍ୟୁତ୍ ବିଲ୍ ପୈଠ ଅପଡେଟ ନାଁରେ ଠକେଇ

ଭୁବନେଶ୍ୱର, ୬।୯(ବ୍ୟୁରୋ)

**ଅବସରପ୍ରାପ୍ତ ଅଧାପକ ହରାଇଲେ ୨୪ ହଜାର ଟଙ୍କା**

ବିଦ୍ୟୁତ ବିଲ ପୈଠ କରିବାକୁ କହି ସାଇବର ଠକମାନେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଲକ୍ଷାଧିକ ଟଙ୍କା ନେଇଯାଉଥିବା ବାରମ୍ବାର ଅଭିଯୋଗ ହେଉଛି । ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ଟୁଇଟ କରି ସଚେତନତା କରାଯାଉଛି। ଏହା ସତ୍ତ୍ୱେ ଲୋକେ ସହଜରେ ସାଇବର ଠକଙ୍କ ଜାଲରେ ପଡ଼ିଯାଉଛନ୍ତି। ଏଭଳି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ଅଧାପକଙ୍କୁ ଚୁନ ଲଗାଇଛନ୍ତି ସାଇବର ଠକ। ବିଦ୍ୟୁତ ବିଲ୍ ପେମେଣ୍ଟ ନାଁରେ ଅଧାପକଙ୍କଠାରୁ ୨୪ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ସମ୍ପୃକ୍ତ ଅବସରପ୍ରାପ୍ତ ଅଧାପକ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ଅଧାପକଙ୍କୁ ବିଦ୍ୟୁତ ବିଲ ପୈଠ ପାଇଁ ମେସେଜ ଆସିଥିଲା। ମେସେଜରେ ଦିଆଯାଇଥିବା ନମ୍ବରରେ ଅବସରପ୍ରାପ୍ତ ଅଧାପକ ଯୋଗାଯୋଗ କରି ବିଦ୍ୟୁତ ବିଲ ପୈଠ ହୋଇଥିବା କହିଥିଲେ। ହେଲେ ସାଇବରଠକମାନେ ଅପଡେଟ କରିବା ଆଳରେ କହି ତାଙ୍କୁ ଏଟିଏମ୍ କାର୍ଡ ଫଟୋ କପି ମାଗିଥିଲେ। ସାଇବର ଠକଙ୍କ କଥାରେ ବିଶ୍ୱାସ ରଖି ଅଧାପକ ଜଣଙ୍କ ଏଟିଏମ୍ କାର୍ଡର ଫଟୋ ଉଠାଇ ତାଙ୍କୁ ପଠାଇଥିଲେ। ଏହାପରେ ସାଇବର ଠକ ଦୁଇଟି ପର୍ଯ୍ୟାୟରେ ସମ୍ପୃକ୍ତ ଅଧାପକଙ୍କ ଆକାଉଣ୍ଟରୁ ୨୪ ହଜାର ଟଙ୍କା ଉଠାଇ ନେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ନମ୍ବରରେ ସେ ଯେତେ ଫୋନ କରିଥିଲେ ମଧ ଫୋନ ସ୍ୱିଚ୍‌ଅଫ ଥିଲା। ଠକେଇର ଶିକାର ହେବା ଜାଣି ଅବସରପ୍ରାପ୍ତ ଅଧାପକ ଜଣକ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଲୁହାଗ୍ରୀଲ ଚୋରି, ୨ଗିରଫ

ଭୁବନେଶ୍ୱର,୬।୯(ବ୍ୟୁରୋ)

ଲୁହା ଗ୍ରୀଲ ଚୋରି କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଅଞ୍ଚଳର ଟୁକୁନା ମାଟିଆ ଓ ରଞ୍ଜିତ ମାଟିଆ। ଉଭୟଙ୍କ ଠାରୁ ଲୁହାଗ୍ରୀଲ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୪୨୭/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି ।

## ପୁଅକୁ ଧରି ଶାଶୁଘର ଆଗରେ ମହିଳାଙ୍କ ଧାରଣା

ପୁରୀ ଅଫିସ,୬।୯

ନ୍ୟାୟ ପାଇଁ ଶାଶୁଘର ଆଗରେ ଧାରଣାରେ ବସିଛନ୍ତି ବୋହୂ ଶୁଭଲକ୍ଷ୍ମୀ ପ୍ରଧାନ। ଜିଲା ପରିବାର କୋର୍ଟରେ ତାଙ୍କ ସ୍ୱାମୀ ପ୍ରହଲ୍ଲାଦ ପ୍ରଧାନ କରିଥିବା ଛାଡ଼ପତ୍ର ମାମଲା ଖାରଜ ହେବା ପରେ ୫ ବର୍ଷର ପୁଅକୁ ଧରି ସ୍ୱାମୀଙ୍କ ଘର ଆଗରେ ଶୁଭଲକ୍ଷ୍ମୀ ଧାରଣା ଦେଉଛନ୍ତି। ତାଙ୍କ ସହ ସାମାଜିକ କର୍ମୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ଶୁଭଲକ୍ଷ୍ମୀଙ୍କ ମା ଓ ଅନ୍ୟ ପରିବାର ଲୋକେ ମଧ ଘଟଣା ସ୍ଥଳରେ ଉପସ୍ଥିତ ରହିଛନ୍ତି। ସୂଚନା ଅନୁଯାୟୀ, ପୁରୀ ଚନ୍ଦନପୁର ଅନ୍ତର୍ଗତ ଜିରାକନ୍ଦି ଗାଁର ଶୁଭଲକ୍ଷ୍ମୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପ୍ରହଲ୍ଲାଦଙ୍କୁ ୨୦୧୫ରେ ବିବାହ କରିଥିଲେ। ପରେ ତାଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା। ମାତ୍ର କିଛିଦିନ ପରେ ଶାଶୁ ଓ ନଣନ୍ଦଙ୍କ ନିର୍ଯାତନା ଦେବାରୁ ଶୁଭଲକ୍ଷ୍ମୀ ବାପଘରକୁ ଚାଲିଯାଇଥିଲେ। ବାରମ୍ବାର ଦୁଇପକ୍ଷ ମଧରେ ଆଲୋଚନା ସତ୍ତ୍ୱେ ସମାଧାନ ହୋଇପାରି ନ ଥିଲା। ଇତିମଧ୍ୟରେ ତାଙ୍କ ସ୍ୱାମୀ ପରିବାର କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରିବା ପରେ ମାମଲା ବିଚାରଧୀନ ହୋଇଥିଲା। ଗତ ୪ ତାରିଖରେ ଏହି ମାମଲାର ଶୁଣାଣି ବେଳେ ସ୍ୱାମୀ ପ୍ରହଲ୍ଲାଦ କୋର୍ଟରେ ଉପସ୍ଥିତ ନ ହେବାରୁ ବିଚାରପତି ଛାଡ଼ପତ୍ର ଆବେଦନକୁ ଖାରଜ କରିଥିଲେ। ଏହାପରେ ଶୁଭଲକ୍ଷ୍ମୀ ପୁଅ ସହ ଶାଶୁ ଘରକୁ ଯାଇଥିଲେ ମଧ ନ ରଖିବାରୁ ଧାରଣାରେ ବସିଛନ୍ତି।

## କେନାଲରୁ ଯୁବକଙ୍କ ମୃତଦେହ ଜବତ

ବାଲିପାଟଣା,୬।୯(ଡି.ଏନ୍.ଏ.)

ସ୍ଥାନୀୟ ମହୁଖଣ୍ଡା ମୁଖିସାହି ଗ୍ରାମ ନିକଟ କେନାଲରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଏହି ଗ୍ରାମର ବିନୋଦ ବିହାରୀ ଜେନା। ସେ ରେଲ୍‌ୱେର ସୁରକ୍ଷା ବାହିନୀରେ ଚାକିରି କରିଥିଲେ। ସୂଚନା ମୁତାବକ, ସନ୍ଧ୍ୟାରେ କେନାଲରେ ଏକ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ଟଙ୍କା ନ ଦେବାରୁ ମାଡ଼ମାରି ଲୁଟ୍ ଅଭିଯୋଗରେ ୨ ଗିରଫ

ଭୁବନେଶ୍ୱର,୬।୯ (ବ୍ୟୁରୋ)

ଟଙ୍କା ଦେବାକୁ ମନା କରିବାରୁ ଜଣେ ବ୍ୟକ୍ତିଙ୍କୁ ମାଡ଼ମାରି ଲୁଟିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ବାବୁଲି ଓରଫ ଅବିନାଶ ଦୀକ୍ଷିତ ଓ ପିକୁ ଓରଫ ଉମେଶ କୁମାର ମହାପାତ୍ର। ତାଙ୍କଠାରୁ ୨ ଟି ମୋବାଇଲ ଫୋନ୍, ଗୋଟିଏ ବୁଲେଟ ଗାଡ଼ି ଜବତ କରାଯାଇଛି। ସେହିପରି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୨୩/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଅଭିଯୁକ୍ତ ଦୀକ୍ଷିତଙ୍କ ନାମରେ ଲିଙ୍ଗରାଜ ଥାନାରେ ୨ ଟି ମାମଲା ରହିଛି।

ରସୁଲଗଡ଼ସ୍ଥିତ ଏକ ମଲ୍‌ରେ ସିକ୍ୟୁରିଟି ଭାବେ କାର୍ଯ୍ୟରତ ଅଭୟ ବେହେରା ମଙ୍ଗଳବାର ଡ୍ୟୁଟି ସାରି ଘରକୁ ଫେରୁଥିଲେ। ଏହି ସମୟରେ ବିଏମ୍‌ସି ମାର୍କେଟ କମ୍ପ୍ଲେକ୍ସ ନିକଟରେ ହଠାତ୍ ଏକ ମୋଟରସାଇକେଲରେ ଅଭିଯୁକ୍ତ ବାବୁଲି, ଅବିନାଶ ଓ ତାଙ୍କର ଜଣେ ସହଯୋଗୀ ଅଭୟଙ୍କୁ ଅଟକାଇ୨ ହଜାର ଟଙ୍କା ଦେବାକୁ କହିଥିଲେ । କିନ୍ତୁ ଟଙ୍କା ଦେବାକୁ ଅଭୟ ମନା କରିବାରୁ ୩ଜଣ ଅଭିଯୁକ୍ତ ତାଙ୍କୁ ମାଡ଼ମାରି ତାଙ୍କ ପକେଟରୁ ବଳପୂର୍ବକ ୧୨ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅନ୍ୟ ଜଣେ ଫେରାର ଥିବାରୁ ତାଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି।

# ଅସମ୍ଭାଳ ଭିଡ଼, ଲୋକେ ହଇରାଣ

ଭୁବନେଶ୍ୱର,୬।୯(ବ୍ୟୁରୋ)




**■ ଭିଡ଼ରେ ଫସିଲା ଆମ୍ବୁଲାନ୍ସ**

**■ ଚାଲି ଚାଲି ଗଲେ ରେଳଷ୍ଟେଶନ**

**■ ବିମାନ ବନ୍ଦରକୁ ଯିବା ହେଲା କଷ୍ଟ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀଠାରେ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ଜୀବନବ୍ୟାପୀ ସାଧନା ପୁରସ୍କାର ଗ୍ରହଣ କରି ମଙ୍ଗଳବାର ଓଡ଼ିଶା ଫେରିବା ପରେ ତାଙ୍କୁ ବିଜେଡି ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିପାଇଁ ରାଜଧାନୀ ଭୁବନେଶ୍ୱରରେ ବଡ଼ଧରଣର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀର ହଜାର ହଜାର କର୍ମୀ ଓ ନେତା ଏକାଠି ହୋଇ ତାଙ୍କୁ ସ୍ୱାଗତ କରିଥିଲେ। ତେବେ ଗୋଟିଏ ପଟେ ବିଜେଡିର ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ଅନ୍ୟପଟେ ରାଜଧାନୀର ବିଭିନ୍ନ ସ୍ଥାନରେ ଅସମ୍ଭାଳ ଭିଡ଼ ଯୋଗୁ ଜନସାଧାରଣଙ୍କୁ ହଇରାଣ ହେବାକୁ ପଡ଼ିଛି। ବିମାନବନ୍ଦର, ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ରେଳଷ୍ଟେଶନ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ଜରୁରୀ କାମରେ ଯାଉଥିବା ଲୋକେ ଦୀର୍ଘ ସମୟ ଧରି ସହରର ଗୁରୁତ୍ୱପୂର୍ଣ୍ଣ ଛକରେ ଅଟକି ରହିଥିଲେ। ପ୍ରାୟ ୫ଘଣ୍ଟା ଧରି ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଟ୍ରାଫିକ୍‌ବ୍ୟବସ୍ଥା ଏକପ୍ରକାର ଅଚଳ ହୋଇପଡ଼ିଥିଲା।

ଉକ୍ତ କାର୍ଯ୍ୟକ୍ରମ ଲାଗି ଭିଡ଼ ହେବାକୁ ଥିବାରୁ ସୋମବାର କମିଶନରେଟ ପୋଲିସ ସ୍ୱତନ୍ତ୍ର ପରାମର୍ଶ ଜାରି କରି ବିମାନଯାତ୍ରୀଙ୍କୁ ଧାର୍ଯ୍ୟ ସମୟଠାରୁ ୩ଘଣ୍ଟା ପୂର୍ବରୁ ବିମାନବନ୍ଦରରେ ପହଞ୍ଚିବାକୁ କହିଥିଲା। ଏପରିକି ଦଳୀୟ କର୍ମୀଙ୍କ ଗାଡ଼ି ରହିବାକୁ ୩ଟି ପାର୍କିଂ ସ୍ଥଳ କରାଯିବା ସହ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ହେଲେ ଏସବୁ ବ୍ୟବସ୍ଥା ସତ୍ତ୍ୱେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ସକାଳ ପ୍ରାୟ ୭ଟାରେ ବିଭିନ୍ନ ନିର୍ବାଚନମଣ୍ଡଳୀର ନେତାମାନେ ଦଳୀୟ ପତାକା ଓ ପ୍ଲାକାର୍ଡ ସହ ନିଜ ନିଜ କର୍ମୀଙ୍କୁ ନେଇ ବିମାନବନ୍ଦର ଅଭିମୁଖେ ବାହାରିଥିଲେ। ସେମାନେ ଆସିଥିବା ଗାଡ଼ି ଯୋଗୁ ଟ୍ରାଫିକ୍ ଜାମ୍ ହୋଇଥିଲା। ବିମାନବନ୍ଦରକୁ ସଂଯୋଗ କରୁଥିବା ସହରର ସମସ୍ତ ରାସ୍ତାରେ ପ୍ରବଳ ଭିଡ଼ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲରୁ ଏୟାରପୋର୍ଟ ରାସ୍ତା, ରାଜଭବନରୁ ଏଜି ଛକ, ରାଜମହଲରୁ ଏଜି ଛକ, ବିଧାନସଭା ସମ୍ମୁଖ ରାସ୍ତା, ଶିଶୁଭବନ ଛକରୁ କ୍ୟାପିଟାଲ ହସ୍ପିଟାଲ ଛକ ପ୍ରଭୃତି ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ିଗୁଡ଼ିକ ଅଟକି ରହିଥିଲା। ଏପରିକି ମଧ୍ୟାହ୍ନ ପ୍ରାୟ ୧୨ଟା ୨୦ରେ ରାଜଭବନ ଛକରୁ ଏଜି ଛକ ଆଡ଼କୁ ଯାଉଥିବା ଏକ ଆମ୍ବୁଲାନ୍ସ ଫସିଯାଇଥିଲା। ଫଳରେ ୩୦ ମିନିଟ୍ ଅଟକି ରହିଥିଲା। ସେହିପରି ଅନ୍ୟ କେତୋଟି ଆମ୍ବୁଲାନ୍ସ ରୋଗୀ ଆଣିବାକୁ ଯାଇ ତ ଆଉ କେହି ରୋଗୀ ଆଣି ରାସ୍ତାରେ ଫସି ରହିଥିଲେ। ପୂର୍ବାହ୍ନରେ ଜଣେ ବ୍ୟକ୍ତି ତାଙ୍କ ଭଉଣୀ ଏବଂ ମା'ଙ୍କ ସହ ଶିଶୁଭବନ ଛକରୁ ରେଳଷ୍ଟେଶନ ଯିବାବେଳେ କୌଣସି ଗାଡ଼ି ମିଳି ନ ଥିଲା। ଫଳରେ ସେମାନେ ଚାଲି ଚାଲି ଯାଇଥିଲେ। ସେହିପରି ଜରୁରୀ କାମରେ କ୍ୟାପିଟାଲ ହସ୍ପିଟାଲ ଯାଉଥିବା ଜଣେ ବ୍ୟକ୍ତି କହିଛନ୍ତି, ମୁଁ ଟ୍ରାଫିକ୍ ଜାମ୍ ପାଇଁ ଫସିଯାଇଥିଲି। ଯଦି କୌଣସି କାରଣରୁ ଏଭଳି ଭିଡ଼ ସୃଷ୍ଟି ହେବ ତାହା ଗଣତନ୍ତ୍ର ଲାଗି ଶୋଭନୀୟ ନୁହେଁ। ସୂଚନାଯୋଗ୍ୟ, ସକାଳ ପ୍ରାୟ ୭ଟାରୁ ଏଭଳି ପରିସ୍ଥିତି ଅପରାହ୍ନ ୨ଟା ପର୍ଯ୍ୟନ୍ତ ଲାଗିରହିଥିଲା। ତେବେ ବିଜେଡି ପକ୍ଷରୁ ଏପରି କାର୍ଯ୍ୟକ୍ରମ କରାଯାଇ ସାଧାରଣ ଲୋକଙ୍କୁ କାହିଁକି ହଇରାଣ କରାଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ହୋଇଛି।

ଅପରପକ୍ଷରେ ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି, ଆଶାଠାରୁ ଅଧିକ ସଂଖ୍ୟାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଗାଡ଼ି ଆସିଥିଲା। ଉକ୍ତ ଗାଡ଼ିଗୁଡ଼ିକୁ ୩ଟି ପାର୍କିଂ ସ୍ଥଳକୁ ଯିବାକୁ କୁହାଯାଇଥିଲା। ତେବେ ସେଗୁଡ଼ିକ ମଧ୍ୟରୁ କିଛି ଭୁବନେଶ୍ୱର ଟ୍ରାଫିକ୍ ବ୍ୟବସ୍ଥା ସଂକ୍ରାନ୍ତରେ ଅଜ୍ଞ ଥିବାରୁ ଠିକ ଭାବେ ପାର୍କିଂ ସ୍ଥଳକୁ ଯାଇ ପାରି ନ ଥିଲେ। ଏପରିକି ସେମାନଙ୍କୁ ପୋଲିସ ପକ୍ଷରୁ ମଧ ସଚେତନ କରାଯାଉଥିଲା। ଏନେଇ ଆଗାମୀ ଦିନରେ ଦୃଷ୍ଟି ଦିଆଯିବ ବୋଲି ଏସିପି ପଣ୍ଡା କହିଛନ୍ତି।

## ୮ରେ ଲଘୁଚାପ

**ଭୁବନେଶ୍ୱର,୬।୯(ବ୍ୟୁରୋ):** ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ବୁଧବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ୮ରୁ ଦକ୍ଷିଣ ଓଡ଼ିଶା ଓ ୯ରୁ ଉପକୂଳ ଓଡ଼ିଶାରେ ବର୍ଷା ହୋଇପାରେ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ବୁଧବାର ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ମୁତାବକ ବୁଧବାର ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ରାଜ୍ୟରେ ଜୁନ ପହିଲାରୁ ସେପ୍ଟେମ୍ବର ୬ ସୁଦ୍ଧା ସ୍ୱାଭାବିକ ବର୍ଷା ହୋଇଛି।

# ହନୁମାନ ପଇସା ଠକେଇ: ୫ ଗିରଫ


ଗିରଫ ଅଭିଯୁକ୍ତମାନେ ଓ ଜବତ ସାମଗ୍ରୀ।

**ଝାରସୁଗୁଡ଼ା ଅଫିସ,୬।୯**

ଝାରସୁଗୁଡ଼ା ପୋଲିସ ଏକ ଆନ୍ତଃ ଜିଲା ହନୁମାନ ପଇସା ଠକେଇ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁନ୍ଦରଗଡ଼ର ଟିଙ୍କୁ ଜୋତ୍‌ବା (୩୨), ସୋନି କୁମାର (୩୭), ଦଶରଥ ସୋରେନ୍ (୩୨), ମାଧବ ମିଞ୍ଜ ଓ ହାସନ ଖାନ୍। ଏମାନଙ୍କ ନିକଟରୁ ଠକେଇରେ ବ୍ୟବହୃତ ହୋଇଥିବା ଓଆର୍୦୨ବିପି-୦୦୫୫ନଂ. କାର୍, ଓଡି୧୬ଏଚ୍-୭୬୫୪ନଂ. ବାଇକ୍, ୬ ମୋବାଇଲ୍ ଫୋନ୍, ନକଲି ହନୁମାନ ପଇସା, ଆଧାର କାର୍ଡ, ଭୋଟର କାର୍ଡ, ପାନ୍ କାର୍ଡ ଓ

### ମୁଦ୍ରା, କାର୍ ସହ ଲୁଟ୍ ୯୦ ହଜାର ଜବତ

ଲୁଟ୍ ହୋଇଥିବା ୯୦ ହଜାର ଟଙ୍କା ଜବତ କରାଯାଇଛି। ଠକେଇର ଶିକାର ହୋଇଥିବା କେନ୍ଦ୍ରାପଡ଼ାର ଠିକାଦାର ରବୀନ୍ଦ୍ର କୁମାର ଦାସଙ୍କ ଅଭିଯୋଗକୁ ଭିତ୍ତିକରି ଝାରସୁଗୁଡ଼ା ଟାଉନ ଥାନା ପୋଲିସ ଏକ ମାମଲା (ନଂ.୪୯୩/୨୨) ରୁଜୁକରି ତଦନ୍ତ ଚଳାଇଛି।

ଝାରସୁଗୁଡା ଏସ୍‌ଡିପିଓ ନିର୍ମଳ ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଠକାମିର ଶିକାର ହୋଇଥିବା ଠିକାଦାର ଦାସ ଝାରସୁଗୁଡାରେ ରହି ବିଭିନ୍ନ ଠିକା କାମ କରନ୍ତି। ତାଙ୍କ ସହିତ ଅଭିଯୁକ୍ତ ସୋନି ବନ୍ଧୁତ୍ୱ ସ୍ଥାପନ କରି ହନୁମାନ ପଇସାର ଆନ୍ତର୍ଜାତିକ ବଜାରରେ ଚାହିଦା ରହିଛି କହି ପ୍ରଲୋଭନ ଦେଖାଇଥିଲେ। ପରେ ଲଇକେରାର ଜଣେ ବ୍ୟକ୍ତିଙ୍କ ନିକଟରେ ହନୁମାନ ପଇସା ରହିଛି ଓ ସେ ୧ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ କହୁଛନ୍ତି। ଏହାକୁ ଆମେ ଲକ୍ଷେ ଟଙ୍କାରେ ଆଣି ୬ଲକ୍ଷ ଟଙ୍କାରେ ବିକ୍ରି କରିବା। ଏହି ଟଙ୍କାକୁ ଉଭୟ ଭାଗବାଣ୍ଟି ନେବା ପାଇଁ ସୋନି ତାଙ୍କୁ କହିଥିଲେ। ଠିକାଦାର ସୋନୁଙ୍କ କଥାରେ ରାଜିହୋଇ ହନୁମାନ ପଇସା କିଣିବା ପାଇଁ ଟଙ୍କା ଯୋଗାଡ଼ କରିଥିଲେ। ଉଭୟ ୧ଲକ୍ଷ ଟଙ୍କା ଧରି ଲଇକେରା ଯାଉଥିବାବେଳେ ରାସ୍ତାରେ ୪ଜଣ ବ୍ୟକ୍ତି ଅଟକାଇ ଟଙ୍କା, ମୋବାଇଲ୍ ଆଦି ଲୁଟିନେଇ ଫେରାର୍ ହୋଇ ଯାଇଥିଲେ। ଠକାମିର ଶିକାର ହେବା ପରେ ଠିକାଦାର ଦାସ ଗତ ୨୭ ତାରିଖରେ ଝାରସୁଗୁଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଆଇଆଇସି ସାବିତ୍ରୀ ବଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଏହି ର୍ୟାକେଟ୍‌ର ଚେର ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା ଓ ସୋନପୁର ଆଦି ଜିଲାକୁ ଲମ୍ବିଥିବା ପୋଲିସ ତଦନ୍ତରୁ ଜଣାପଡିଛି।


**ଜନ୍ମବାର୍ଷିକ ଶୁଭେଚ୍ଛା**



**ସ୍ୱପ୍ନାରାଣୀ ମହାନ୍ତି**
ତିରିମଲ୍ଲ, କଟଣୀ
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୪୫୦

**22th Birthday Wishes**
**RUPSA RANI SWAIN (LUINA)**
**NIMAPADA, PURI**



ଆଜି ତୁମର ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥ ଓ ମା' ମଙ୍ଗଳାଙ୍କ ଅଶେଷ କୃପାରୁ ତୁମର ଭବିଷ୍ୟତ ଓ ଜୀବନ ସୁଖମୟ ହେଉ, ଏହାହିଁ ପ୍ରଭୁଙ୍କ ପାଖରେ ମୋର ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ: ବାଦଲ ସାହୁ (ଦିବ୍ୟ)
ଧ-୧୪୪୫


## ଗୁରୁଦିବସ ପାଳନ ନ କରି ୨ ଶିକ୍ଷୟିତ୍ରୀ ନିଲମ୍ବିତ

**ଫୁଲବାଣୀ ଅଫିସ, ୬।୯**

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଲାହାବାଡ଼ି ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳନ ନ ହେବାରୁ ବ୍ଲକ ଶିକ୍ଷାଧିକାରୀ ୨ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଣ୍ଡା ଓ ସହକାରୀ ଶିକ୍ଷୟିତ୍ରୀ ସରିତା ମିଶ୍ର। ଗତ ସୋମବାର ଗୁରୁଦିବସ ଲାଗି ପିଲାମାନେ ସକାଳ ପ୍ରାୟ ସାଢେ ୬ଟାରେ ସ୍କୁଲକୁ ଆସି ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ହେଲେ ଶିକ୍ଷୟିତ୍ରୀମାନେ ଆସି ନ ଥିଲେ। ପରେ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟ କମିଟି ସଦସ୍ୟା ଜାନକୀ କଟାଙ୍କୁ ଫୋନ କରି ସ୍କୁଲ ଛୁଟି ବୋଲି କହିବାରୁ ଛାତ୍ରୀଛାତ୍ରମାନେ ଘରକୁ ଫେରିଥିଲେ। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମଙ୍ଗଳବାର ଅଭିଭାବକଙ୍କ ସମେତ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ସ୍କୁଲ ଫାଟକରେ ତାଲା ପକାଇଥିଲେ। କିଛି ସମୟ ପରେ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀ ଆସିବାରୁ ଆନ୍ଦୋଳନକାରୀ ସେମାନଙ୍କୁ ସ୍କୁଲରେ ପୂରାଇ ଦେଇ ନ ଥିଲେ। ସ୍କୁଲରେ ୩ ତାରିଖରେ ଗୁରୁ ଦିବସ ପାଳନ କରାଯାଇଛି ବୋଲି ଶିକ୍ଷୟିତ୍ରୀ କହିଥିଲେ। ସାରାଦେଶରେ ୫ତାରିଖରେ ଗୁରୁଦିବସ ପାଳନ ହେଉଥିବା ବେଳେ ଏଠାରେ ୩ ତାରିଖରେ କିଭଳି ପାଳନ କରାଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଖବରପାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର ସ୍କୁଲରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ।

## ସଂକ୍ଷେପରେ

### ଟ୍ରେନ ଆଗକୁ ଡେଇଁ ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା
#### ବିଦ୍ୟାଳୟରେ ନିର୍ଯାତନା ଅଭିଯୋଗ

**ବାଲେଶ୍ୱର ଅଫିସ, ୬।୯:** ବିଦ୍ୟାଳୟରେ ନିର୍ଯାତନା ସହି ନ ପାରି ଜଣେ ଦଶମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣା ବାଲେଶ୍ୱରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏନେଇ ତାଙ୍କ ପରିବାର ଲୋକେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ଦେବା ସହ ଛାତ୍ରଙ୍କ ମୃତଦେହ ଧରି ସ୍କୁଲ ଆଗରେ ଧାରଣାରେ ବସିଛନ୍ତି। ସୁନ୍ଦରଗଡ଼ ଜିଲା ଲାଠିକଟା ଅଞ୍ଚଳର ସନ୍ତୋଷ କୁମାର ଗୁପ୍ତା ବାଲେଶ୍ୱର ସହରର ଭୋଇସାହି ଅଞ୍ଚଳରେ ପୁଅର ପାଠପଢ଼ା ପାଇଁ ଘରଭଡା ନେଇ ରହୁଥିଲେ। ପୁଅ ସୁରଜ ଭୋଇସାହିରେ ଥିବା ଏକ ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀରେ ପଢୁଥିଲେ। ଗତ ୧ ତାରିଖରେ ପୁଅ ସ୍କୁଲରୁ ଘରକୁ ଫେରିବା ବେଳେ ତାଙ୍କ ବେକରେ ଏକ କଟା ଦାଗ ରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଘରେ ଅଭିଭାବକ ପଚାରିବାରୁ ଜଣେ ଶ୍ରେଣୀ ପିଲା ସୁରଜଙ୍କୁ କାଠଫାଳିଆରେ ମାଡ଼ ମାରିଥିବା ପ୍ରକାଶ କରିଥିଲେ। ପରଦିନ ଅର୍ଥାତ ୨ତାରିଖରେ ସୁରଜଙ୍କ ବାପା ସ୍କୁଲ କର୍ତ୍ତୃପକ୍ଷଙ୍କ ପାଖରେ ଘଟଣା ସମ୍ପର୍କରେ କହିଥିଲେ ମଧ୍ୟ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ସ୍କୁଲର ଜଣେ ଶିକ୍ଷକ ସୁରଜଙ୍କୁ ତାଗିଦ୍ କରିବା ସହ ମାନସିକ ଭାବେ ନିର୍ଯାତନା ଦେଇଥିବା ସନ୍ତୋଷ ଏତଲାରେ ଉଲ୍ଲେଖ କରିଛନ୍ତି। ଶିକ୍ଷକଙ୍କ ଏଭଳି ନିର୍ଯାତନା ସହି ନ ପାରି ସୁରଜ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

### ପୁଣି ଜଣେ ଯୁବକଙ୍କୁ ଡେଙ୍ଗୁ, ଜିଲାରେ ୩୫ ଆକ୍ରାନ୍ତ

**ବ୍ରହ୍ମପୁର ଅଫିସ,୬।୯:** ଗଞ୍ଜାମ ଜିଲାରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପାତ୍ରପୁରର ଜଣେ ୨୪ ବର୍ଷର ଯୁବକଙ୍କୁ ଜ୍ୱର ଲାଗି ରହିଥିଲା। ତାଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ଡେଙ୍ଗୁ ପରୀକ୍ଷା ପାଇଁ ଏମ୍‌କେସିଜି ପଠାଯାଇଥିଲା। ତାଙ୍କ ରିପୋର୍ଟ ପଜିଟିଭ ଆସିଛି। ଜିଲାରେ ଏବେ ୩୫ ଜଣ ଆକ୍ରାନ୍ତ ହୋଇଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କିଛିଦିନ ପୂର୍ବରୁ ପାତ୍ରପୁର ବ୍ଲକରେ ଦିନକରେ ୯ଜଣଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଥିଲା। ଏଣୁ ଉକ୍ତ ଅଞ୍ଚଳରେ ଡେଙ୍ଗୁ ମଶା ବଂଶବୃଦ୍ଧି ହେବାରୁ ସେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଛି। ସେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ରହିଥିବା ଜଣାପଡିଛି। ଅନ୍ୟପଟେ ଜିଲାରେ ଥିବା ବିଭିନ୍ନ ଘରୋଇ ନର୍ସିଂହୋମ୍‌ରେ ଅଧିକାଂଶ ଡେଙ୍ଗୁ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ଜାଣିବାକୁ ମିଳିଛି।

### ଆତ୍ମସମର୍ପଣ କଲେ ମହିଳା ମାଓବାଦୀ ପାର୍ବତୀ

**ମାଲକାନଗିରି,୬।୯(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର କାଙ୍କେର ଏସ୍‌ପି ଶଲଭ ସିହ୍ନାଙ୍କ ନିକଟରେ ଜଣେ ମହିଳା ମାଓବାଦୀ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପାର୍ବତୀ ସୋଡି। ତାଙ୍କ ନାମରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା। ଗତ ୩ବର୍ଷ ତଳେ ସେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିଲେ। ମାଓବାଦୀ ସଙ୍ଗଠନ ନିଜ ନୀତି ଆଦର୍ଶ ହରାଇବା ଏବଂ କ୍ୟାଡର ମାଓବାଦୀଙ୍କ ଶୋଷଣ ଦିନକୁ ଦିନ ବଢୁଥିବାରୁ ଅତ୍ୟାଚାରରେ ଅତିଷ୍ଠ ହୋଇ ପାର୍ବତୀ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ ପରେ ପାର୍ବତୀଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ ସହ ଅନ୍ୟାନ୍ୟ ସୁବିଧା ମିଳିବ ବୋଲି ଏସପି ସିହ୍ନା କହିଛନ୍ତି।

## ପତିଆରା ପାଇଁ ହତ୍ୟା | ମାଟିତଳୁ ଗଳିତ ମୃତଦେହ ଜବତ

**ରେଙ୍ଗାଲି,୬।୯(ଡି.ଏନ.ଏ.)**

ପତିଆରା ଜାହିର କରିବା ଜଣେ ଯୁବକ ପାଇଁ ମହଙ୍ଗା ପଡିଛି। ଏଥିଲାଗି ତାଙ୍କୁ ଜୀବନ ହରାଇବାକୁ ପଡିଛି। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ତାଲଭଟା ପଡ଼ାରେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜ୍ୟୋତିର୍ମୟୀ ମଲ୍ଲିକଙ୍କ ଉପସ୍ଥିତିରେ ମଙ୍ଗଳବାର ମାଟିତଳୁ ମୃତଦେହ ଜବତ ହୋଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଗୋଲୁ ବିଭାର(୨୨)। କ୍ଷେତରାଜପୁର ପୋଲିସ ଏହି ଘଟଣାରେ ସ୍ଥାନୀୟ ଷ୍ଟେଶନପଡ଼ାର ୪ଜଣ ଯୁବକଙ୍କୁ ଅଟକରଖି ପଚରାଉଚୁରା କରୁଛି। ଅନ୍ୟପଟେ ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି, ମଦବୋତଲ, ରଶି, ରକ୍ତ ଲଗା କପଡ଼ା ଆଦି ଜବତ ହୋଇଛି। ମୃତକଙ୍କ ଭଉଣୀ ମମତା ବିଭାରଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସି ଦଫା ୩୦୨ରେ ମାମଲା (ନଂ.୨୬୦/୨୨) ରୁଜୁ କରିଛି।

କ୍ଷେତରାଜପୁର ଥାନା ଅଧିକାରିଣୀ ମମତା ନାୟକଙ୍କ କହିବା ଅନୁଯାୟୀ, ତାଲଭଟାପଡ଼ାର ଗୋଲୁ ଓ ଷ୍ଟେଶନପଡ଼ାର ଅଟକ ଥିବା ୪ ଯୁବକଙ୍କ ଭଲ ସମ୍ପର୍କ ଥିଲା। ଅନେକ ସମୟରେ ଏମାନଙ୍କ ମଧ୍ୟରେ ବଚସା ଲାଗୁଥିଲେ ମଧ୍ୟ ସମାଧାନ ହୋଇଯାଉଥିଲା। ଗୋଲୁ ପତିଆରା ଦେଖାଇବା ପାଇଁ ସବୁବେଳେ ଚେଷ୍ଟା କରୁଥିଲେ। ଏହାକୁ ନେଇ ଗୋଲୁଙ୍କ ଉପରେ ଯୁବକମାନଙ୍କ ଆକ୍ରୋଶ ରହିଥିଲା। ୨ଦିନ ପୂର୍ବରୁ ଗୋଲୁ ଓ ଅନ୍ୟ ଯୁବକମାନେ ଷ୍ଟେଶନପଡ଼ାରେ ଥିବା ଏକ ପରିତ୍ୟକ୍ତ ମିଲ୍ ଭିତରକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ପରସ୍ପର ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ୪ ଯୁବକ ଗୋଲୁଙ୍କୁ ମଦ ବୋତଲ ଓ ଭୁଜାଲିରେ ଆକ୍ରମଣ କରି ହତ୍ୟା କରିଥିଲେ। ପରେ ସେଠାରେ ଗାତଖୋଳି ମୃତଦେହକୁ ପୋତି ଦେଇଥିଲେ। ଘରକୁ ନ ଫେରିବାରୁ ଗୋଲୁଙ୍କ ଭଉଣୀ ମମତା କ୍ଷେତରାଜପୁର ଥାନାରେ ଅଭିଯୋଗ କରିଥିଲେ। ଗୋଲୁଙ୍କୁ ହତ୍ୟାକରି ମିଲ୍‌ଭିତରେ ପୋତି ଦିଆଯାଇଥିବା ପରିବାର ଓ ସମ୍ପର୍କୀୟ ଲୋକେ ସୂଚନା ପାଇ ପୋଲିସକୁ ଜଣାଇଥିଲେ। ପୋଲିସ ୪ ଯୁବକଙ୍କ ମଧ୍ୟରୁ ଜଣଙ୍କୁ ଉଠାଇନେଇ ପଚରାଉଚୁରା କରିଥିଲା। ତାଙ୍କ ବୟାନକୁ ଆଧାରକରି ପୋଲିସ ମୃତଦେହ ଜବତ କରିଥିଲା।

## ପକ୍ଷ ରଖିଲେ ରାଜୀବ, ମହିଳା ସାମାଜିକ କର୍ମୀ

### ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ନଚେଇବା ପ୍ରସଙ୍ଗ

**ଜୟପୁର, ୬।୯ (ନି.ପ୍ର.)**

ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ଥିବା ବେଳେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିଲେ। ଏହି ସମୟରେ ତାଙ୍କ ନିକଟରେ ହସ୍ପିଟାଲ ପକ୍ଷରୁ ରାଜୀବ ହିଆଲ ଦେଖାଶୁଣା କରିବାକୁ ଉପସ୍ଥିତ ଥିଲେ। କମଳା ଚିକିତ୍ସାଧୀନ ଥିବା ସମୟରେ ତାଙ୍କୁ ଜଣେ ମହିଳା ସାମାଜିକ କର୍ମୀ ସାକ୍ଷାତ୍ କରିବାକୁ ଯାଇଥିଲେ। ସେ ଅସୁସ୍ଥ କମଳାଙ୍କୁ ମେଡିକାଲରେ ନଚାଇ ଏହାର ଭିଡିଓ ଭାଇରାଲ କରିଥିଲେ। ଏହାକୁ ଜିଲା ପ୍ରଶାସନ ଗୁରୁତର ସହ ନେଇଥିଲା। ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ ଉଭୟଙ୍କୁ ନୋଟିସ ଜାରି କରିଥିଲେ। ସେମାନେ ୬ ତାରିଖରେ ଉପଜିଲାପାଳଙ୍କ ନିକଟରେ ଉପସ୍ଥିତ ରହିବାକୁ ନୋଟିସରେ କୁହାଯାଇଥିଲା। ସେହି ଅନୁସାରେ ମଙ୍ଗଳବାର ରାଜୀବ ଉପଜିଲାପାଳ ପ୍ରଧାନଙ୍କ ନିକଟରେ ଉପସ୍ଥିତ ରହି ଲିଖିତ ରୂପେ ନିଜ ପକ୍ଷ ରଖିଥିଲେ। ରାଜୀବ କହିଛନ୍ତି ଯେ, ସେ ସମ୍ପୃକ୍ତା ମହିଳା ସାମାଜିକ କର୍ମୀଙ୍କୁ ଜାଣିନାହାନ୍ତି। ସେ ଆସିବା ଦିନଠାରୁ ଫଟୋ, ଭିଡିଓ ଉଠାଉଥିଲେ। ଏପରି କାର୍ଯ୍ୟ ନିଜେ କରି ତାଙ୍କ ନାମରେ ମହିଳା ଜଣକ ଯେଉଁ ଅଭିଯୋଗ ଉଠାଉଛନ୍ତି ତାହା ମିଥ୍ୟା। ଏହାର ତଦନ୍ତ କରିବାକୁ ରାଜୀବ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ମହିଳା ସାମାଜିକ କର୍ମୀ ଜଣକ ଅନୁପସ୍ଥିତ ରହି ମଧ୍ୟ ଲିଖିତ ଭାବେ ତାଙ୍କ ପକ୍ଷ ରଖିଥିବା ଜଣାଯାଇଛି।

## ଜିଲାପାଳଙ୍କୁ ଭେଟିବାକୁ ରାସ୍ତାରେ ଛାତ୍ରୀଛାତ୍ର



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଛାତ୍ରୀଛାତ୍ର।

**ବାରିପଦା ଅଫିସ,୬।୯**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଏକଲବ୍ୟ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଭେଟି ଦାବି ଜଣାଇବାକୁ ରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସ୍କୁଲ ବନ୍ଦ କରି ଆନ୍ଦୋଳନ କରିବା ପରେ ୬କି.ମି. ଚାଲି ଚାଲି ବ୍ଲକ କାର୍ଯ୍ୟାଳୟରେ ଅଟକିଥିଲେ। ପରେ ୪୯ନଂ. ଏନ୍ଏଚ୍‌ରେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ +୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି। ପଦାର୍ଥ ଓ ରସାୟନ ବିଜ୍ଞାନ ଶିକ୍ଷକ ପଦବୀ ଫାଙ୍କା ପଡ଼ିଥିବାରୁ ପାଠପଢ଼ାରେ ବାଧା ଉପୁଜିଛି। ସେହିପରି ପ୍ରାକ୍ଟିକାଲ ଅଭ୍ୟାସରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଥିବା ବେଳେ ଖାଦ୍ୟପେୟର ସମସ୍ୟା ଦୀର୍ଘ ଦିନ ଧରି ଲାଗିରହିଛି। ଶିକ୍ଷକ ପଦବୀ ପୂରଣ ହେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ପରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇବାକୁ ୬କି.ମି. ପର୍ଯ୍ୟନ୍ତ ଚାଲି ଚାଲି ଆସିଥିଲେ। ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟଠାରେ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ଅଟକାଇଥିଲେ। ସେଠାରେ ଭିଡିଓ କନଫରେନ୍ସ ଜରିଆରେ ଜିଲାପାଳ ସେମାନଙ୍କ ସହ କଥାବାର୍ତ୍ତା ହୋଇ ୭ଦିନ ମଧ୍ୟରେ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଦୂର ହେବ ବୋଲି କହିଥିଲେ ମଧ୍ୟ ଛାତ୍ରୀଛାତ୍ର ଜିଦ୍‌ରେ ଅଟଳ ରହିଛନ୍ତି। ଜିଲାପାଳଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା ଦାବିରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସେମାନେ ୪୯ନଂ. ଜାତୀୟ ରାଜପଥ ଅବରୋଧ କରିଥିବା ସୂଚନା ମିଳିଛି।

## ରାଜଭବନ ଆଗରେ ଭାଜପାର ଧାରଣା

### ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ


ରାଜଭବନ ସମ୍ମୁଖରେ ମଙ୍ଗଳବାର ଧାରଣାରେ ବସିଥିବା ଭାଜପା କର୍ମୀ।

**ଭୁବନେଶ୍ୱର,୬।୯(ବ୍ୟୁରୋ):** ୨୨ବର୍ଷର ନିରଙ୍କୁଶ ଶାସନ ପରେ ମଧ୍ୟ ଓଡ଼ିଶାର ମହିଳାମାନେ ଅସୁରକ୍ଷିତ। ନାରୀ ନିର୍ଯାତନା ଏବଂ ଅତ୍ୟାଚାରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାଜନକ ଘଟଣା ବୋଲି ଭାଜପା ଅଭିଯୋଗ କରିଛି। ଗୋଟିଏ ପଟେ ରାଜ୍ୟରେ ନାରୀ ନିର୍ଯାତନା, ଶିଶୁ ନିଖୋଜ, ଅପହରଣ ଘଟଣା ଦିନକୁ ଦିନ ବୃଦ୍ଧି ପାଇବା ଏବଂ ଅଧିକାଂଶ କ୍ଷେତ୍ରରେ ଶାସକ ବିଜେଡିର ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତି ପଦାକୁ ଆସୁଥିବାବେଳେ ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟୋଜିତ ପୁରସ୍କାର ଗ୍ରହଣ କରିବାକୁ ଦିଲ୍ଲୀ ଯିବା ଆହୁରି ନିନ୍ଦନୀୟ ବୋଲି ଭାଜପା ଅଭିଯୋଗ କରି ମଙ୍ଗଳବାର ରାଜଭବନ ସମ୍ମୁଖରେ ପ୍ରତିବାଦ ସଭା କରିଛି। ଭାଜପା ଆହୁରି ଅଭିଯୋଗ କରିଛି, ଏପରିକି ପୁରସ୍କାର ଓ ସମ୍ବର୍ଦ୍ଧନା ଆଳରେ ଦିଲ୍ଲୀ ଯାଇଥିବା ବିଜେଡିର ମନ୍ତ୍ରୀ ଓ ନେତାମାନେ ନିଶାସକ୍ତ ଅବସ୍ଥାରେ ବିମାନବନ୍ଦରରେ ଘଟାଇଥିବା ଅସ୍ୱାଭାବିକ ବ୍ୟବହାର ଯୋଗୁ ଓଡ଼ିଶା ସମ୍ମାନ ହରାଇ ଲଜ୍ଜିତ ହୋଇଛି। ରାଜ୍ୟର ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଶାସକ ଦଳକୁ ଆଉ କେତେବର୍ଷ ଲାଗିବ ବୋଲି ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ପ୍ରଶ୍ନ କରିଛନ୍ତି। 'ବିଜେଡି ଶାସନରେ ମହିଳା ବିପଦରେ ଏବଂ ଓଡ଼ିଶାରେ ମହିଳା ବିରୋଧୀ ହିଂସା'କୁ ବିରୋଧ କରି ଭାଜପା ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ସ୍ମାରକପତ୍ର ପ୍ରଦାନ କରିବା ସହିତ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

## ୨ ହାଇସ୍କୁଲର ପ୍ରଧାନଶିକ୍ଷକ, କର୍ମଚାରୀଙ୍କ ଦରମା ବନ୍ଦ

**ନବରଙ୍ଗପୁର,୬।୯(ବି.ପ୍ର.)**

ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ମଙ୍ଗଳବାର ୨ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ଦରମା ବନ୍ଦ କରିଛନ୍ତି। ଜିଲାର ସମସ୍ତ ବ୍ଲକ ସଦର ମହକୁମା ହାଇସ୍କୁଲରେ ମଙ୍ଗଳବାର ଏନ୍ଆରଟିଏସ୍ ପରୀକ୍ଷା ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ରହିଥିଲା। ପାପଡାହାଣ୍ଡି ବ୍ଲକ ସରକାରୀ ଲାଲ ବାହାଦୂର ହାଇସ୍କୁଲରେ ପରୀକ୍ଷା ପରେ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଅନୁପସ୍ଥିତ ଥିଲେ। ବିଦ୍ୟାଳୟରେ ତାଲା ପଡିରହିଥିଲା। ଜିଲା ଶିକ୍ଷା ଅଧିକାରୀ ପରିଦର୍ଶନରେ ଯିବା ସମୟରେ ତାଲା ପଡିଥିବା ଦେଖିଥିଲେ। ଏହାପରେ ପ୍ରଧାନ ଶିକ୍ଷକଙ୍କ ସମେତ ବିଦ୍ୟାଳୟର ୧୧ଜଣଙ୍କ ଦରମା ବନ୍ଦ କରାଯାଇଛି। ମୈଦଲପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉପସ୍ଥାପନ ଅତି କମ ସହ ଅବ୍ୟବସ୍ଥା ଦେଖି ଡିଇଓ ବିଗିଡି ଥିଲେ। ଏନେଇ ପ୍ରଧାନ ଶିକ୍ଷକଙ୍କ ସମେତ ବିଦ୍ୟାଳୟର ୯ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

## ୬ ସପ୍ତାହ ମଧ୍ୟରେ ଜବାବ ଦେବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

### ମାରିୱାଡ଼ା ଆଶ୍ରମ ସ୍କୁଲର ଅନ୍ତେବାସୀ ୨୦ କିଲୋମିଟର ଚାଲିଚାଲି ଯିବା ଘଟଣା

**ଭୁବନେଶ୍ୱର,୬।୯(ବ୍ୟୁରୋ)**

ମାଲକାନଗିରି ଜିଲା ମାରିୱାଡ଼ା ଆଶ୍ରମ ସ୍କୁଲର ଅନ୍ତେବାସୀମାନେ ୨୦ କିଲୋମିଟର ଚାଲିଚାଲି ଯାଇ ଜିଲା ଅଧିକାରୀଙ୍କୁ ଅଭିଯୋଗ କରିବା ଘଟଣାରେ ଲୋକାୟୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେପ୍ଟେମ୍ବର ୪ ତାରିଖରେ ଗଣମାଧ୍ୟମରେ 'ଛାତ୍ରମାନେ ହଷ୍ଟେଲ ମେସ୍ ବିରୋଧରେ ଅଭିଯୋଗ କରିବା ପାଇଁ ୨୦ କିଲୋମିଟର ଚାଲିଚାଲି ଯିବା' ଏବଂ 'ଛାତ୍ରମାନଙ୍କୁ ନିମ୍ନମାନର ଖାଦ୍ୟ ଖାଇବାକୁ ଦିଆଯାଉଥିବା' ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମାଲକାନଗିରି ଜିଲା ଅନ୍ତର୍ଗତ କୋରୁକୋଣ୍ଡା ବ୍ଲକରେ ଥିବା ମାରିୱାଡ଼ା ଆଶ୍ରମ ସ୍କୁଲର ୨୦ରୁ ଅଧିକ ଅନ୍ତେବାସୀ ଛାତ୍ରାବାସ ପାଚେରି ଡେଇଁ ୨୦ କିଲୋମିଟର ଚାଲି ଚାଲି ଯାଇ ଜିଲାସ୍ତରୀୟ ଅଧିକାରୀଙ୍କୁ ସେମାନଙ୍କୁ ଦିଆଯାଉଥିବା ଚାଉଳ ଶିକ୍ଷକମାନଙ୍କ ଦ୍ୱାରା ବିକ୍ରି କରାଯାଉଥିବା ଓ ଛାତ୍ରାବାସରେ ଦିଆଯାଉଥିବା ଖାଦ୍ୟ ନିମ୍ନମାନର ବୋଲି ଅଭିଯୋଗ କରିବାକୁ ଯାଇଥିଲେ। ଏହି ଅଭିଯୋଗ ସମ୍ପର୍କରେ ଲୋକାୟୁକ୍ତ ନିଜଆଡୁ ଘଟଣାର ଅନୁଧ୍ୟାନ କରି ଏ ସମ୍ପର୍କରେ ମାଲକାନଗିରି ଜିଲାପାଳ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ମାଲକାନଗିରି, ଜିଲା ମଙ୍ଗଳ ଅଧିକାରୀ, ମାଲକାନଗିରି, ମାରିୱାଡ଼ା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୬ ସପ୍ତାହ ମଧ୍ୟରେ ଏହାର ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨୬ ତାରିଖରେ ଏନେଇ ପରବର୍ତ୍ତୀ ଶୁଣାଣି କରାଯିବ।


**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ**
**2% ସୁଧ**
**45% ଛାଡ଼**
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
**08779988242**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଓଁ ଉମାରାଣୀ ସୁଆର**
ବ୍ରହ୍ମେଶ୍ୱର ବାଗ, ଭୁବନେଶ୍ୱର
ଆବିର୍ଭାବ :୧୬-୧୧-୧୯୪୪
ତିରୋଧାନ : ୧୮-୦୯-୨୦୨୧
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ବିଶ୍ୱାସ ହେଉନାହିଁ। ଏବେବି ତୁମର ଅନୁପସ୍ଥିତି ଆମମାନଙ୍କୁ ମର୍ମାହତ କରୁଛି। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ସମସ୍ତଙ୍କ ଅତୁଲା ସ୍ମୃତି ହୋଇ ରହିବ। ତୁମେ ଯେଉଁଠି ଅଛ, ଶାନ୍ତିରେ ଥାଇ ଆମକୁ ଆଶୀର୍ବାଦ କରୁଥାଅ। ପ୍ରଥମ ବର୍ଷ ଶ୍ରାଦ୍ଧ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ - ସ୍ୱାମୀ - ଗୌରହରି, ପୁତ୍ର - ଅଖିଳ ଏବଂ ପରିବାର ବର୍ଗ।
ଧ-୧୪୪୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଓଁ ଉମାରାଣୀ ସୁଆର**
ବ୍ରହ୍ମେଶ୍ୱର ବାଗ, ଭୁବନେଶ୍ୱର
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକ ସନ୍ତପ୍ତ -
ସ୍ୱାମୀ- ଶ୍ରୀ ଗୌରହରି ସୁଆର, ପୁତ୍ର- ଅଖିଳ କୁମାର, ବୋହୂ- କୃଷ୍ଣାରାଣୀ, ଝିଅ- ଝୁନୁ, ରୁନୁ, ନାନୁ, ଭାଇ- ଆଦିତ୍ୟ, ରଞ୍ଜନ, ଭକ୍ତ, ନାତି- ତିଲନ, ଚନ୍ଦନ, ପ୍ରିତମ୍, ମିଲନ, ବୁବୁନ, ଶିବୁନ, ନାତୁଣୀବୋହୂ- ରୋନା, ଗୁଡ୍‌ଲି, ନାତୁଣୀ- ଲୁସି, ନଣନ୍ଦ, ନଣନ୍ଦେଇ, ଭାଇନା, ଭାଉଜ, ଭଣଜା, ଭାଣିଜି, ପୁତୁରା, ଝିଆରୀ ଇତ୍ୟାଦି ପରିବାର ବର୍ଗ ଏବଂ ଆତ୍ମୀୟ ସ୍ୱଜନ ବର୍ଗ।
ଧ-୧୪୪୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଓଁ ବାପି**
ଜନ୍ମ: ବୈଶାଖ ମାସ ପ୍ରତିପଦା
ଦେହାନ୍ତ: ଭାଦ୍ରବ ମାସ ସୁନିଆଁ
ବାପିରେ, ମୋ ଜୀବନ, ଲାଗୁଛି କାଲିପରି ତୋ ହସରେ ହସୁଥିଲା ଘର। ତୁ ଗଲାଦିନୁ ମୋ ଘର ଅନ୍ଧାର। ଅଳ୍ପଦିନ ପାଇଁ ଆସିଥିଲୁ ଖୁସି ଦେବାକୁ। ଆମେ ମରିବା ସମାନ, ତୋ ବାପା, ମା, ଭଉଣୀ ଆଖିରୁ ଲୁହ ଶୁଖୁନି। ତୋ ମା ତୋ ଫୋନ୍ ଆସିବା ବାଟକୁ ଲୁହଝରି ଚାହିଁ ବସିଛି। ଚାହୁଁ ଚାହୁଁ ଦୁଇବର୍ଷ ଚାଲିଗଲା। ତୋ ବୋଉର ତୁ ଜୀବନ। କେମିତି ବଞ୍ଚିବି। ଈଶ୍ୱର ତୋତେ ପୂନର୍ଜନ୍ମ ଦିଅନ୍ତୁ। ତୋ ଅଧୁରା ସ୍ୱପ୍ନ ପୂରଣ ହେଉ। ତୋ ବାପା, ବୋଉଙ୍କ ଆଶୀର୍ବାଦ, ଭଉଣୀର ଅନାବିଳ ସ୍ନେହ, ଈଶ୍ୱର ତାଙ୍କ ପାଦତଳେ ଆଶ୍ରା ଦିଅନ୍ତୁ।
ଧ-୭୪୦୧୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଓଁ ଶାନ୍ତିଲତା ପାତ୍ର**
ସ୍ୱାମୀ: ଶଶଧର ପାତ୍ର
କ୍ୱାର୍ଟର ନଂ.-ଏ/୧୨୬, ସେକ୍ଟର-୪, ରାଉରକେଲା
ଆବିର୍ଭାବ-୧୫।୦୪।୧୯୫୫
ତିରୋଧାନ- ୧୮।୦୯।୨୦୨୧
ମା', ଚାହୁଁ ଚାହୁଁ ଏକବର୍ଷ ବିତିଗଲା, କାଳର କରାଳ ଗତିରେ ତମେ ଆମ୍ଭମାନଙ୍କୁ ଚିରଦିନ ପାଇଁ ଶୋକ ସାଗରରେ ଭସାଇ ଦେଇ ଚାଲିଗଲ। ତମର ଅନୁପସ୍ଥିତି ଆମ୍ଭମାନଙ୍କ ଜୀବନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯାହା ଅପୂରଣୀୟ। ତମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣ ତଳେ ଏତିକି ପ୍ରାର୍ଥନା ତମ ଅମର ଆତ୍ମାର ସଦ୍‌ଗତି ହେଉ। ଯେଉଁଠି ବି ଥାଅ ଆମମାନଙ୍କ ଉପରେ ସଦାସର୍ବଦା ତୁମର ଆଶୀର୍ବାଦ ଥାଉ। ଶୋକସନ୍ତପ୍ତ: ପୁତ୍ର: ରତି, ପାଗୁଲୁ, କୁନିଆ, ପୁତ୍ରବଧୂ: ଭାନୁ, ବେବି, ଲିମା, ନାତି: ପାପୁନ, ଓମ୍, ଆଦି, ଇସୁ, ସୋମ୍।
ଧ-୧୪୪୬

## ସୂର୍ଯ୍ୟମୁଖୀ: କଳଙ୍କି ରୋଗ ଦମନ



**ସୂ**ର୍ଯ୍ୟମୁଖୀ ଚାଷରେ କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫୁଲଶଢ଼ା ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ । ଏହି ଚାଷରେ ଧଳାମାଛି ଦମନ ଲାଗି ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ସକାଶେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ।

## ଅଧିକ ଅମଳକ୍ଷମ ଭେଣ୍ଡି ବିହନ

**ଅ**ଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଭଲ। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ସକାଶେ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଓ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ। ଭେଣ୍ଡି ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ପ୍ରତି ୨ ଦିନରେ ଥରେ ଫଳ ତୋଳିବା ବିଧେୟ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ ।



## ଢିପ ଜମିରେ ଡାଲିଜାତୀୟ ଫସଲ



**ଢି**ପଜମିରେ ମୁଗ, ବିରି, କୋଳଥ ଆଦି ଡାଲିଜାତୀୟ ଫସଲ ଚାଷ କରନ୍ତୁ। ଏଗୁଡ଼ିକର ଉନ୍ନତ କିସମ ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି। ମୁଗ : ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା, ଧଉଳି, ଆଇ.ପି.ଏମ୍.-୨-୩ ଓ ଆଇ.ପି.ଏମ୍.-୨-୧୪। ବିରି : ଟି-୯, ପନ୍ତ ୟୁ-୩୦, ପନ୍ତୟୁ-୩୫, ପ୍ରସାଦ, ଶେଖର-୨, ସାରଳା, ଉଜ୍ଜ୍ୱଳା। କୋଳଥ: ଉର୍ମୀ, ଡି.ଏ.ଏସ୍. ୧-୨-୨, ଡି.ଏ.ଏସ୍. ୧-୨, ସି.ଇ.-୧, ପାୟେର-୨। ମୁଗ, ବିରି ହେକ୍ଟର ପ୍ରତି ୨୦ ରୁ ୨୫ କିଲୋଗ୍ରାମ୍ ଓ କୋଳଥ ୩୦ କିଲୋଗ୍ରାମ୍ ଆବଶ୍ୟକ ହୋଇଥାଏ। ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍‌ରେ ଗୋଳାଇ ବିଶୋଧନ କରନ୍ତୁ। ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର କିଲୋଗ୍ରାମ୍ ପ୍ରତି ୨୦ ଗ୍ରାମ୍ ହିସାବରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ମୁଗ, ବିରି ବା ହରଡ଼ ଫସଲରେ ଦେଖାଦେଲେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ।

# ବନ୍ୟା ପରବର୍ତ୍ତୀ ଚାଷ





ପ୍ର. ସୁବୋଧ କୁମାର ସାହୁ

**ଓ**ଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ରାଜ୍ୟର ୩ ପ୍ରତିଶତ ଜମି ମୌସୁମୀ ବର୍ଷା ଉପରେ ନିର୍ଭର କରେ । ମୌସୁମୀ ବର୍ଷା ସଠିକ୍ ପରିମାଣ, ଅନୁପାତ ଏବଂ ବିତରଣ ହେଲେ ଫସଲ ଅମଳ ଆଶାନୁରୂପ ହୁଏ । କୃଷିର ଉପରୋକ୍ତ ତିନିଗୋଟି ଅବସ୍ଥା ମୁଖ୍ୟତଃ ପ୍ରକୃତି ଉପରେ ନିର୍ଭର କରେ । ବର୍ଷାର ପରିମାଣ ଫସଲର ଆବଶ୍ୟକତା ଠାରୁ କମ୍ ହେଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ । ବର୍ଷାର ବିତରଣ ସମାନୁପାତରେ ନ ହେଲେ ଫସଲର ଅମଳ କମେ । ମାତ୍ରାଧିକ ବର୍ଷାହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ । ଫସଲ ଧୋଇ ନଷ୍ଟ ହୁଏ । ଚଳିତବର୍ଷ ବିଭିନ୍ନ ସମୟରେ ଏକାଧିକ ଲଘୁଚାପ ସୃଷ୍ଟି ହୋଇ ମାତ୍ରାଧିକ ବର୍ଷା ହେବା ଦ୍ୱାରା ରାଜ୍ୟର ୧୦ ଜିଲାରେ ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଶ୍ରାବଣ ମାସର ମଧ୍ୟଭାଗ ଏବଂ ଭାଦ୍ରବ ମାସର ପ୍ରଥମ ଭାଗରେ ବନ୍ୟା ଆସି ରାଜ୍ୟର ମୁଖ୍ୟ ଧାନ ଏବଂ ପରିବା ଫସଲ ନଷ୍ଟ ହୋଇଛି। ଢିପ ଏବଂ ଖାଲ କିସମ ଜମିରେ ବୁଣା ଯାଇଥିବା ଧାନ ଏବଂ ମଧ୍ୟମ କିସମ ଜମିରେ ସଦ୍ୟ ରୁଆ ଯାଇଥିବା ଧାନ ଫସଲ ଧୋଇ ନଷ୍ଟ ହୋଇଛି । ଏବେବି ସମୟ ଅଛି, ଚାଷୀ ଧୈର୍ଯ୍ୟହରା ନ ହୋଇ ସାହସର ସହ ଚଳିତ ବନ୍ୟାଜନିତ କ୍ଷତିର ସମ୍ମୁଖୀନ ହୋଇପାରିବେ।

ଧାନ ଏପରି ଏକ ଫସଲ, ଯାହା ନିର୍ଦ୍ଦିଷ୍ଟ ସୂର୍ଯ୍ୟାଲୋକ ଏବଂ ଉତ୍ତାପରେ ଭଲ ବଢ଼େ। ଭଲ ଅମଳ ପାଇଁ ଧାନ ଦୈନିକ ୮ ଘଣ୍ଟା ସୂର୍ଯ୍ୟାଲୋକ ଏବଂ ବିଭିନ୍ନ ବର୍ଦ୍ଧନ ସମୟରେ ୨୦୦ରୁ ୩୦୦ ସେଲିସିୟସ ଉତ୍ତାପ ଆବଶ୍ୟକ କରେ । ଆମ ରାଜ୍ୟରେ ଡିସେମ୍ବର ଏବଂ ଜାନୁୟାରୀ ୧୫ ପର୍ଯ୍ୟନ୍ତ ସୂର୍ଯ୍ୟାଲୋକ ଏବଂ ଉତ୍ତାପ କମ୍ ଥିବାରୁ ଉକ୍ତ ସମୟ ଧାନଚାଷ ପାଇଁ ଉପଯୁକ୍ତ ନୁହେଁ । ବର୍ଷର ଅନ୍ୟ ସମୟ ଧାନଚାଷ ସକାଶେ ଉପଯୁକ୍ତ, ଯଦି ପାଣିର ଅଭାବ ନଥାଏ । ତେଣୁ ଜମିରେ ପାଣି ଥିଲେ ଏବଂ ପରବର୍ତ୍ତୀ ସମୟରେ ଉପଯୁକ୍ତ ବର୍ଷା ହେଲେ ଚାଷୀ ଡେରିରେ ଧାନଚାଷ କରି ମଧ୍ୟ ଲାଭବାନ୍ ହେବେ। ବର୍ତ୍ତମାନ ଚାଷୀ ପାଖରେ ୩୦ରୁ ୪୦ ଦିନର ବୟସ୍କ ତଳି ଥିଲେ ଏହାକୁ ରୋଇପାରିବେ। ଧାନ ତଳି ବୟସ୍କ ହୋଇଥିଲେ ୪ ରୁ ୫ ତଳି ରୁଅନ୍ତୁ । ଧୋଇ ନଷ୍ଟ ହୋଇଥିବା ଧାନ କ୍ଷେତରେ ପୂର୍ବରୁ ଫସ୍‌ପେଟ ଏବଂ ପଟାସ ସାର ପ୍ରୟୋଗ ହୋଇଥିଲେ, ଉକ୍ତ ଦୁଇସାର ପ୍ରୟୋଗ ନକରି କେବଳ ଯବକ୍ଷାରଯାନ ସାରରୁ ଏକରକୁ ୮ କିଲୋ ପ୍ରୟୋଗ କରି ଧାନ ରୁଅନ୍ତୁ। ଏହାର ୨୧ ଦିନ ପରେ ଆଉ ୧୨ କିଗ୍ରା ଏବଂ ୪୫ ଦିନରେ ୮ କିଗ୍ରା ଯବକ୍ଷାରଯାନ ସାର ୟୁରିଆ ଭାବରେ ପ୍ରୟୋଗ କରନ୍ତୁ । ବନ୍ୟାପରେ କ୍ଷେତରେ ୫୦ରୁ ୬୦ ଭାଗ ଧାନ ବୁଦା ଥିଲେ ଏବଂ ଉକ୍ତ ବୁଦାରେ ୪ରୁ ୫ ପିଲ ଥିଲେ, ଉକ୍ତ ବୁଦାରୁ ୨ରୁ ୩ ପିଲକୁ ଚେର ସହ ଉଠାଇ ଖାଲିଥିବା ସ୍ଥାନ ପୂରଣ କରିହେବ। ଏହି ସମୟରେ ଏକରକୁ ୧୬ କିଲୋ ଯବକ୍ଷାରଯାନ ସାର ପ୍ରୟୋଗ କଲେ ଧାନଗଛ ବୁଦା ମାରି ସଅଳ ବଢ଼ିବ।

କ୍ଷେତରୁ ସମ୍ପୂର୍ଣ୍ଣ ଧାନଗଛ ନଷ୍ଟ ହୋଇଥିଲେ ବର୍ତ୍ତମାନ ମଧ୍ୟମ ଅବଧି ଧାନ ଯଥା ଆଇଆର-୮, ଆଇଆର-୩୬, ଦୟା, ସାରଥି, କୋଣାର୍କ, ଗଜପତି କିମ୍ବା ସ୍ୱର୍ଣ୍ଣଧାନ ଆଦିକୁ ଦାପକ ପ୍ରଣାଳୀରେ ତଳି ଉଠାଇ କିମ୍ବା ଖଦୁଆ ମାଟିରେ ତଳି ଉତାରି ୧୫ ରୁ ୨୧ ଦିନ ତଳି ରୋଇ ହେବ । ବନ୍ୟାପରେ ମଧ୍ୟମ କିସମ ଖାଲ ଜମିରେ ୧୨ରୁ ୧୫ ସେମି ଠିଆ ପାଣି ଥିଲେ ଏବଂ ଧାନଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲେ ଉକ୍ତ ଜମିରେ ୧୩୫ ରୁ ୧୪୫ ଦିନର ଧାନ ଯଥା ମସୁରି, ଲଲାଟ, କାଞ୍ଚନ, ମହାନଦୀ ଧାନ କିସମ ପୂର୍ବଭଳି ତଳି ଉତାରି ରୋଇ ହେବ । ଠିଆ ପାଣି ଥିବା ଧାନରେ ନିମ ତେଲ ବୋଳା ୟୁରିଆ ପ୍ରୟୋଗ ଦ୍ୱାରା ଯବକ୍ଷାରଯାନ ସାରର ଉପଯୁକ୍ତ ଉପଯୋଗ ହୋଇପାରିବ । ଅଧିକ ଖାଲ ଅର୍ଥାତ୍ ୨୫ରୁ ୩୦ ସେମି ଠିଆ ପାଣି ଥିବା କ୍ଷେତରେ ଜୁନ୍ ମାସରେ ବୁଣାଯାଇଥିବା ବଡ଼ ଅବଧି କିସମ ଧାନଗଛ ଯଦି ବନ୍ୟା ପ୍ରକୋପରୁ ବଞ୍ଚି ଯାଇଥାଏ, ତେବେ ସେ ସ୍ଥଳରେ କେବଳ ବୁଦାରୁ ଚେରଥିବା ପିଲ ଉଠାଇ ଖାଲି ସ୍ଥାନରେ ରୁଆ ଯାଇପାରିବ ।



ଏପରି ସ୍ଥଳେ ୟୁରିଆ ସାର ମାଟିରେ ପ୍ରୟୋଗ ନ କରି ଗଛ ୬୦ରୁ ୭୦ ଦିନର ହେଲେ ୨.୫% ଭାଗ ୟୁରିଆକୁ ୭ଦିନ ବ୍ୟବଧାନରେ ୩ଥର ପତ୍ର ଛିଞ୍ଚା କରାଯାଇପାରେ। ଢିପ କିସମ ଜମିରେ ବୁଣାଧାନ ନଷ୍ଟ ହୋଇଥିଲେ ଉକ୍ତ ଜମିରେ ଧାନ ନ ବୁଣି ମୁଗ, ବିରି, ହରଡ଼, ଚିନାବାଦାମ କିମ୍ବା ରାଶି ବୁଣନ୍ତୁ। ମୁଗ ପାଇଁ ଧଉଳି, ଦୁର୍ଗା, ସୁଜାତା କିମ୍ବା ଜ୍ୟୋତି କିସମ ବାଛିବା ଆବଶ୍ୟକ । ବିରି ପାଇଁ ଶାରଳା କିମ୍ବା ଟି୯ ନମ୍ବର ଉପଯୁକ୍ତ । ହରଡ଼ ଲାଗି ଉପାସ, ଏସ୍-୨୫ କିମ୍ବା ଟି ୨୧ ନମ୍ବର ଉପଯୁକ୍ତ। ଏହି ସମସ୍ତ ଫସଲ ମିରେ ରାଇଜୋବିୟମ କଲଚ଼ର କିଲୋ ପ୍ରତି ୨୦ ଗ୍ରାମ ବୋଳାଇ ୧ରୁ ୧୬ କିଲୋ ଫସ୍‌ପେଟ ସାର ପ୍ରୟୋଗ କରି ଧାଡ଼ିରେ ବୁଣିବା ଭଲ । ରାଶି ବୁଣିବାର ଥିଲେ କନକ, କାଳିକା କିମ୍ବା ବିନାୟକ ବୁଣାଯାଇପାରେ । ଏକରକୁ ୩ କିଲୋ ମିରେ, ଯବକ୍ଷାରଯାନ, ଫସପେଟ୍ ଏବଂ ପଟାସ୍ ଯଥା କ୍ରମେ ୧୨, ୬ ଏବଂ ୬ କିଲୋ ଆବଶ୍ୟକ ହୁଏ।

ବନ୍ୟାରେ ପରିବା ଫସଲ ନଷ୍ଟ ହୋଇଥିଲେ ପୁନଶ୍ଚ ବାଇଗଣ, ଭେଣ୍ଡି, ଝୁଡ଼ଙ୍ଗ, ଲଙ୍କା ଆଦି ଲଗାଯାଇପାରିବ। ବାଇଗଣ ପାଇଁ ୧୧୦ରୁ ୧୨୦ ଦିନରେ ଫଳ ଆସୁଥିବା କିସମ ଯଥା ପୁଷା ପରପଲ ରାଉଣ୍ଡ, ପୁଷା ପରପଲ ଲଙ୍ଗ କିମ୍ବା ପୁଷାକ୍ରାନ୍ତି ବାଛିବା ଭଲ । ସିଲେକ୍‌ସନ୍ ୭ ନମ୍ବର କିସମ ଭେଣ୍ଡି ଏଇ ମାସରେ ଲଗାଇଲେ ଭଲ ଅମଳ ଦେବ। ବର୍ତ୍ତମାନ ଅର୍ଥକରୀ ଫସଲ ଯଥା ବିଲାତି ବାଇଗଣ, ବନ୍ଧାକୋବି ଏବଂ ଫୁଲକୋବି ଉତାରି ରୁଆ ଯାଇପାରିବ । ବିଲାତି ବାଇଗଣ କିସମ ମଧ୍ୟରେ ପାବ ଛୁଆରା ଓ ପାବ କେଶରୀ ଉପଯୁକ୍ତ । ବନ୍ଧାକୋବି ପାଇଁ ଗୋଲ୍‌ଡେନ ଏକର, ପ୍ରାଇଡ୍ ଅଫ ଇଣ୍ଡିଆ କିମ୍ବା ପୁଷାଡ୍ରମ ବାଛି ପାରନ୍ତି । ଫୁଲକୋବି ପାଇଁ ସ୍ନୋବଲ-୧୬ ଜାପାନିଜ ସିନ୍ଥେଟିକ, ମଧୁମତି କିମ୍ବା ଆଘାନି ବାଛିପାରନ୍ତି । ବନ୍ୟାପରେ ଉପରୋକ୍ତ ପରିବା ଫସଲରେ ଅନୁମୋଦିତ ଖତସାର ପ୍ରୟୋଗ କରି ଏବଂ ରୋଗ ପୋକର ପ୍ରତିଷେଧକ ବ୍ୟବସ୍ଥା କଲେ ଚାଷୀ ବନ୍ୟା ଦ୍ୱାରା ହୋଇଥିବା କ୍ଷତିର ଅଭାବ ପୂରଣ କରିପାରିବେ।

- ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ:୯୫୫୬୨୬୬୦୮୫

## ଫଳଚାଷ




**ଅ**ମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛମୂଳରେ ମାଟିଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶୀ ହୁଏ। ଗଛଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ। ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ। ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ଏକଭାଗ ବୋର୍ଡୋକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇ ପାରିବ। ପିଜୁଳି ଓ ଲେମ୍ବୁର ପାଣିକୁଆଁ ସବୁ କାଟି ଦିଅନ୍ତୁ।

## ଚିନାବାଦାମରୁ ଅଧିକ ଅମଳ ଲାଗି...

**ଚି**ନାବାଦାମ ଚାଷ ହୋଇଥିବା ଜମିରୁ ପାଣି କାଟି ଦିଅନ୍ତୁ । ଏଠାରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ। ଫଳରେ ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ଜରୁରୀ। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ। ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ। ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରିକି ମାଟି ଭଲ ଭାବରେ ଭିଜିପାରିବ।



## ଶୀତଦିନିଆ ପନିପରିବା ପାଇଁ ପ୍ରସ୍ତୁତି

**ଶୀ**ତଦିନିଆ ପନିପରିବା ଚାଷ କରିବା ପାଇଁ ଏବେଠାରୁ ଚାରା ପକାଇବା ଆରମ୍ଭ କରନ୍ତୁ। ଏକ ଏକର ଜମିରେ ପରିବା ଚାଷ କରିବା ପାଇଁ ୫୦ ବର୍ଗମିଟର ଜାଗାରେ ୧ ମିଟର ଓସାର ଓ ୩ ମିଟର ଲମ୍ବର ମାଟି ପତନଠାରୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ତଳିଘରା ମଧ୍ୟରେ ୫୦ ସେ.ମି. ବ୍ୟବଧାନରେ ନାଳି ରଖନ୍ତୁ। ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନରେ ୨ ଗ୍ରାମ୍ କାର୍ବୋକ୍ସିନ୍ ଓ ଥିରାମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରନ୍ତୁ। ତଳିଘରାରେ ମଧ୍ୟ କ୍ୟାପ୍‌ଟାନ୍ (୦.୨%) ସିଞ୍ଚନ କରନ୍ତୁ। ତଳିଘରାରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ। ସଅଳ ଶୀତଦିନିଆ ଉନ୍ନତ ପନିପରିବା କିସମଗୁଡ଼ିକ ହେଲା- ମୂଳା: ପୁଷା ଚେତକି, ପୁଷା ରଶ୍ମି, ପୁଷା ହିମାନୀ। ଫୁଲକୋବି : ପୁଷା ଦୀପାଳି, ପୁଷା କୁଆଁରୀ, ପୁଷା କାଟକୀ, ଅର୍ଲି ସିନ୍ଥେଟିକ୍। ବନ୍ଧାକୋବି : ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲ୍‌ଡେନ୍ ଏକର, ଗ୍ରୀନ୍ ବଲ୍, ପ୍ରିୟା। ଗୁଆଁର : ପୁଷା ସଦାବାହାର, ପୁଷା ନୌବାହାର । ଟମାଟୋ : ଉତ୍କଳ ଦୀପ୍ତି, ଉତ୍କଳ କୁମାରୀ, ଉତ୍କଳ ଶ୍ରାବଣୀ। ବିନ୍: ଆର୍କାକୋମଲ, ଆର୍କାସୁବିଧା। ବଜାରରେ ମିଳୁଥିବା ସଙ୍କର କିସମ ବିହନ ମଧ୍ୟ ଚାଷ କରାଯାଇପାରିବ। ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ।



# ପ୍ରାଣୀଙ୍କ ଯତ୍ନ ନେବେ କିପରି



**ଶା**ହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବା ପାଇଁ ପ୍ରାଣୀଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ। ଟିକା ଦେବାର ୧୫-୨୦ ଦିନ ଆଗରୁ କୃମିନାଶକ ଔଷଧ ଖାଇବାକୁ ଦିଅନ୍ତୁ। ବର୍ଷାଦିନେ ଗୋରୁଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁ ହୋଇଥାଏ। ଏହାଦ୍ୱାରା ଶରୀରର ଉତ୍ତାପ ୧୦୩ ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକ, ଆଖି ଓ ପାଟିରୁ ପାଣି ବାହାରେ। ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ । ଏହାର ପ୍ରତିକାର ଲାଗି ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ। ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ। ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ। ପ୍ରତିକାର ସକାଶେ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

- ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋ ଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ। ବର୍ଷାଦିନେ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ । କୁକୁଡ଼ାଘର ଭିତରକୁ ବର୍ଷାପାଣି ନ ଛାଟିବାର ବ୍ୟବସ୍ଥା କରନ୍ତୁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୭/୨୦୨୨ Bhubaneswar, Wednesday, September 7/ 2022

# ଚତୁର୍ଥ ରାଉଣ୍ଡରୁ ନାଡାଲ ବିଦା

**ନ୍ୟୁୟର୍କ,୬।୯(ପି.ଟି.)**

ୟୁଏସ୍ ଓପନ ଚତୁର୍ଥ ରାଉଣ୍ଡରୁ ବିଦା ହେଲେ ସ୍ପେନର ରାଫେଲ ନାଡାଲ। ୨୨ଟି ଗ୍ରାଣ୍ଡସ୍ଲାମ ବିଜୟୀ ନାଡାଲ ପ୍ରଥମ ଥର ପାଇଁ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପହଞ୍ଚିବାରେ ବିଫଳ ହୋଇଛନ୍ତି। ଏହା ସହିତ ନାଡାଲଙ୍କ କ୍ରମାଗତ ୨୨ ମ୍ୟାଚ୍ ବିଜୟରେ ମଧ୍ୟ ରୋକ୍ ଲାଗିଛି। ସୋମବାର ବିଳମ୍ବିତ ରାତିରେ ଫ୍ରାନ୍ସେସ୍ ଟିଆଫୋଙ୍କ ବିପକ୍ଷ ମ୍ୟାଚକୁ ନାଡାଲ ୬-୪, ୪-୬, ୬-୪ ଓ ୬-୩ରେ ହାରି ଯାଇଛନ୍ତି। ଏହି ବିଜୟ ପରେ ଆର୍ଥର ଆଶେ

**ୟୁଏସ୍ ଓପନ**

କୋର୍ଟରେ କାନ୍ଦି ପକାଇଥିଲେ ଫ୍ରାନ୍ସେସ୍ ଟିଆଫୋ। ବିଜୟର କିଛି ମୁହୂର୍ତ୍ତ ଯାଏ ମୋ ଚାରି ପାଖରେ ଦୁନିଆ ଅଟକି ଯାଇଥିଲା। ୟୁଏସ୍ ଓପନରେ ନାଡାଲ ଦୁଇ ନମ୍ବର ସିଡ୍‌ର ମାନ୍ୟତା ପାଇଥିବା ବେଳେ ଟିଆଫୋ ୨୨ନମ୍ବର ସିଡ୍‌ରହିଥିଲେ। ଏହି ବିଜୟ ସହିତ ଆମେରିକାର ପୂର୍ବତନ ଖେଳାଳି ଆଣ୍ଡି ରଡିକ୍‌ଙ୍କ ୧୬ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ୨୪ ବର୍ଷ ବୟସରେ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ସହିତ ସର୍ବକନିଷ୍ଠ ଖେଳାଳି




ପାଲଟିଛନ୍ତି। ଟିଆଫୋଙ୍କ ମାତାପିତା ମୂଳତଃ ପୂର୍ବଆଫ୍ରିକା ସ୍ଥିତ ସିଏରା ଲିଓନର ବାସିନ୍ଦା। ୧୯୯୦ ଗୃହ ଯୁଦ୍ଧ ସମୟରେ ଉଭୟ ଦେଶଛାଡି ଆମେରିକାର ମେରିଲାଣ୍ଡକୁ ପଳାଇ ଆସିଥିଲେ। ଆମେରିକାରେ ଏକ ଟେନିସ୍ କୋର୍ଟରେ ପିତା କାମ କରୁଥିବା ବେଳେ ସେଠାରୁ ଟେନିସ୍ ଖେଳିବା ଆରମ୍ଭ ହୁଏ। ଏହି ବିଜୟ ପରେ ଟିଆଫୋ କହିଛନ୍ତି, ମୋ ନାତି ନାତୁଣୀଙ୍କୁ ମୁଁ କହିପାରିବି କି ମୁଁ ନାଡାଲଙ୍କୁ ହରାଇଥିଲି। ଏହା ପୂର୍ବରୁ ଦୁଇଥର ସେ ନାଡାଲଙ୍କୁ ଭେଟିଥିବା ବେଳେ ନାଡାଲ ବାଜି ମାରି ନେଇଥିଲେ। ସେହିପରି ପୂର୍ବରୁ ଏକ ନମ୍ବର ମାନ୍ୟତାପ୍ରାପ୍ତ ଡାନିଲ ମେଡଭେଡେଭ ବିଦା ହୋଇ ସାରିଥିବା ବେଳେ ୨୦୦୦ ମସିହା ପରେ ପ୍ରଥମ ଥର ପାଇଁ ଦୁଇ ଟପ୍ ସିଡେଡ୍ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ଅସଫଳ ରହିଛନ୍ତି। ଟିଆଫୋ ପରବର୍ତ୍ତୀ ରାଉଣ୍ଡରେ ୯ ନମ୍ବର ମାନ୍ୟତାରେ ରହିଥିବା ଆଣ୍ଡି ରୁବଲେଭଙ୍କୁ ଭେଟିବେ। ରୁବଲେଭ ବିଶ୍ୱ ମାନ୍ୟତାର ୭ ନମ୍ବର ସ୍ଥାନରେ ରହିଥିବା କାମ୍ ନୋରିଙ୍କୁ ୬-୪, ୬-୪ ଓ ୬-୪ ସେଟରେ ପରାସ୍ତ କରିଛନ୍ତି। ଦୁଇଟି ଗେମ୍ ପଛୁଆ ରହିଥିବା ବିଶ୍ୱ ମାନ୍ୟତାର ୧୧ ନମ୍ବର ଖେଳାଳି ଜାନିକ୍ ସିନର ୬-୧, ୫-୭, ୬-୨, ୪-୬ ଓ ୬-୩ରେ ଇଲ୍ୟା ଇଭାସ୍କାଙ୍କ ବିପକ୍ଷରେ ବିଜୟୀ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ରହିଥିବା କାର୍ଲୋସ ଆଲକାରାଜ ଗାର୍ଫିଆ ମଧ୍ୟ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମାରିନ୍ ସିଲିକଙ୍କ ବିପକ୍ଷ ମ୍ୟାଚକୁ ୬-୪, ୩-୬, ୬-୪, ୪-୬ ଓ ୬-୩ରେ ସେ ଜିତି ନେଇଛନ୍ତି। ମହିଳା ସିଙ୍ଗଲ୍ସରେ ଇଗା ସ୍ୱିଟେକ୍ ପ୍ରଥମ ଥର ୟୁଏସ୍ ଓପନ କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ଆରିନା ସାବାଲେଙ୍କା ଓ କାରୋଲିନା ପ୍ଲିସକୋଭା ମଧ୍ୟ ବିଜୟୀ ହୋଇଛନ୍ତି। ପ୍ରଥମ ସେଟକୁ ହାରିଥିଲେ ହେଁ ପରବର୍ତ୍ତୀ ଦୁଇ ସେଟ ଜିତି ନେଇଥିଲେ ପୋଲାଣ୍ଡର ୨୧ ବର୍ଷୀୟ ସ୍ୱିଟେକ୍। ୨-୬, ୬-୪ ଓ ୬-୦ରେ ସେ ଜୁଲି ନେମିୟରଙ୍କୁ ହରାଇଥିଲେ। କ୍ୱାର୍ଟର ଫାଇନାଲ ମୁକାବିଲାରେ ସେ ଜେସିକା ପେଗୁଲାଙ୍କୁ ଭେଟିବେ। ମହିଳା ସିଙ୍ଗଲ୍ସର ଅନ୍ୟ ମୁକାବିଲାରେ ଆରିନା ସାବାଲେଙ୍କା ୬-୩, ୩-୬,୨-୬ରେ ଡାନିଏଲ କଲିନ୍ସଙ୍କୁ ଓ କାରୋଲିନା ପ୍ଲିସକୋଭା ୭-୫, ୬-୭(୫-୭), ୬-୨ରେ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

## ସମସ୍ତ ଫର୍ମାଟରୁ ରାଇନାଙ୍କ ଅବସର



**ନୂଆଦିଲ୍ଲୀ,୬।୯(ପି.ଟି):** ପୂର୍ବତନ ଭାରତୀୟ ଖେଳାଳି ସୁରେଶ ରାଇନା କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଗ୍ରହଣ କରିଛନ୍ତି। ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରୁ ରାଇନା ଅବସର ଗ୍ରହଣ କରି ସାରିଥିବା ବେଳେ ଘରୋଇ କ୍ରିକେଟ ଓ ଆଇପିଏଲରୁ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଏହା ସହିତ ସେ ଲିଜେଣ୍ଡ ଲିଗ୍ ଏବଂ ବିଭିନ୍ନ ବିଦେଶୀ ଟି୨୦ ଲିଗ୍‌ରେ ବର୍ତ୍ତମାନ ଅଂଶଗ୍ରହଣ କରିପାରିବେ। ଅଗଷ୍ଟ ୧୫, ୨୦୨୦ରେ ମହେନ୍ଦ୍ର ସିଂ ଧୋନୀଙ୍କ ପଛେ ପଛେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଗ୍ରହଣ କରିଥିଲେ। ୨୦୨୧ ଯାଏ ସେ ଆଇପିଏଲ୍ ଖେଳିଥିବା ବେଳେ ୨୦୨୨ରେ ଚେନ୍ନାଇ ସୁପରକିଙ୍ଗସ୍ ପକ୍ଷରୁ ତାଙ୍କୁ ରିଲିଜ୍ କରାଯାଇଥିଲା। ନିଜ ଟ୍ୱିଟର ହ୍ୟାଣ୍ଡେଲରେ ସେ ବିସିସିଆଇ, ଉତ୍ତର ପ୍ରଦେଶ କ୍ରିକେଟ ଓ ସିଏସ୍‌କେକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଘରୋଇ କ୍ରିକେଟରେ ସକ୍ରିୟ ଖେଳାଳି କୌଣସି ବିଦେଶୀ ଟି୨୦ ଲିଗ୍ କିମ୍ବା ଲିଜେଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବା ଉପରେ କଟକଣା ରହିଥିବାରୁ ରାଇନା ଅବସର ଗ୍ରହଣ କରିଥିବା ଚର୍ଚ୍ଚା ହେଉଛି।

## ଜାଡେଜାଙ୍କ ଆଣ୍ଠୁରେ ସଫଳ ଅସ୍ତ୍ରୋପଚାର

**ନୂଆଦିଲ୍ଲୀ, ୬।୯ (ପି.ଟି.):** ଭାରତର ଆଘାତପ୍ରାପ୍ତ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଡାହାଣ ଆଣ୍ଠୁରେ ସଫଳତାର ସହ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି। ସେ ଖୁବ୍ ଶୀଘ୍ର ତାଙ୍କ ରିହାବିଲିଟେଶନ ଆରମ୍ଭ କରିବେ ବୋଲି ମଙ୍ଗଳବାର ସୂଚନା ଦେଇଛନ୍ତି। ୩୩ ବର୍ଷୀୟ ଜାଡେଜା ଏସିଆ କପ୍ ସୁପର-୪ ପର୍ଯ୍ୟାୟ ପୂର୍ବରୁ ଆଘାତପ୍ରାପ୍ତ ହେବାରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ। ବଡ଼ ଧରଣର ଅସ୍ତ୍ରୋପଚାର ହୋଇଥିବାରୁ ଜାଡେଜା ଅନିର୍ଦ୍ଦିଷ୍ଟକାଳ ପାଇଁ ଖେଳିପାରିବେ ନାହିଁ ବୋଲି ବିସିସିଆଇର ଜଣେ ଅଫିସିଆଲ କହିଛନ୍ତି। କିନ୍ତୁ ଅକ୍ଟୋବରରେ ହେବାକୁଥିବା ଟି୨୦ ବିଶ୍ୱକପ୍ ବେଳକୁ ଜାଡେଜା ଠିକ୍ ହୋଇଯାଇପାରନ୍ତି ବୋଲି କୋଚ୍ ରାହୁଲ ଦ୍ରାବିଡ ଆଶା ପ୍ରକାଶ କରି କହିଛନ୍ତି।

# ଅପରାଜିତା ଭାରତୀୟ ଦଳର କୋଚ୍

**ଭୁବନେଶ୍ୱର, ୬।୯ (କ୍ରୀଡ଼ା ପ୍ରତିନିଧି)**

ଚଳିତମାସ ୧୫ରୁ ୨୮ ପର୍ଯ୍ୟନ୍ତ ଜର୍ଜିଆର ବାଟୁମିଠାରେ ହେବାକୁ ଯାଉଛି ଫିଡେ (ଆନ୍ତର୍ଜାତୀୟ ଚେସ୍ ଫେଡେରେଶନ୍) ୱାର୍ଲ୍ଡ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶାର କ୍ୟାଣ୍ଡିଡେଟ ମାଷ୍ଟର ତଥା ଫିଡେ ଇନ୍‌ଷ୍ଟ୍ରକ୍ଟର ଅପରାଜିତା ଗୋଚ୍ଛିକାର ଭାରତୀୟ ଚେସ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ଜର୍ଜିଆ ଚେସ୍ ଫେଡେରେଶନ ଆନୁକୂଲ୍ୟରେ

**ବିଶ୍ୱ କ୍ୟାଡେଟ୍ ଚେସ୍**


ଅପରାଜିତା ଗୋଚ୍ଛିକାର

୮, ୧୦ ଓ ୧୨ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଭାରତରୁ ମୋଟ ୬୫ ଜଣିଆ ପ୍ରତିନିଧି ଦଳ ବାଟୁମି ଅଭିମୁଖେ ଯାତ୍ରା କରିଛନ୍ତି। ଅପରାଜିତା ଗୋଚ୍ଛିକାର ପ୍ରଧାନୀଙ୍କ ସମେତ ଏସ୍. ସି. ସୁବ୍ରମଣ୍ୟମଙ୍କୁ କୋଚ୍ ଦାୟିତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୧୮ରେ ସ୍ପେନରେ ଆୟୋଜିତ ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍‌ରେ ଅପରାଜିତା ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ। ଏଥିରେ ଭାରତ ରୌପ୍ୟ ପଦକ ହାସଲ କରିଥିଲା। ଏହା ବ୍ୟତୀତ ତାସ୍‌କେଣ୍ଟରେ ଆୟୋଜିତ ଏସୀୟ ଯୁବ ଚେସ ଚାମ୍ପିୟନଶିପ୍‌ରେ ସେ ଭାରତୀୟ ଯୁବ ଦଳର ପ୍ରଶିକ୍ଷକ ଥିଲେ ଏବଂ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ନିକଟରେ ଚେନ୍ନାଇରେ ଶେଷ ହୋଇଥିବା ୪୪ ତମ ଫିଡେ ଚେସ୍ ଅଲିମ୍ପିଆଡ୍‌ରେ ଫିଡେ ଦ୍ୱାରା ମନୋନୀତ ହୋଇଥିବା ଫେୟାର ପ୍ଲେ ପ୍ୟାନେଲ (ଏଫ୍‌ପିପି)ର ସଦସ୍ୟ ଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ଜି. ସି. ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ମୁଖ୍ୟ ପୃଷ୍ଠପୋଷକ ଅଚ୍ୟୁତ ସାମନ୍ତ, ଏଓସିଏର ଅନ୍ୟ ସମସ୍ତ ସଦସ୍ୟ ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ପ୍ରମୁଖ ଅପରାଜିତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଟି୨୦ ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକା ଦଳ

**ଜୋହାନ୍ସବର୍ଗ, ୬।୯ (ପି.ଟି.)**

ଟି୨୦ ବିଶ୍ୱକପ୍ ଓ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ମଙ୍ଗଳବାର ଟ୍ରିଷ୍ଟିଆନ୍ ଷ୍ଟବ୍ସଙ୍କୁ ଦକ୍ଷିଣ ଆଫ୍ରିକା ଦଳ ଅଧିନାୟକ ମନୋନୀତ କରାଯାଇଛି। ହ୍ୱାଇଟ ବଲ୍ ଅଧିନାୟକ ଟେମ୍ବା ବଭୁମା ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଷ୍ଟ୍ରେଲିଆରେ ଆଇସିସି ଇଭେଣ୍ଟରେ ଭାଗ ନେବା ପୂର୍ବରୁ ଭାରତ ଟୁର୍‌ରେ ଯିବ ଦକ୍ଷିଣ ଆଫ୍ରିକା। **ଦକ୍ଷିଣ ଆଫ୍ରିକା ଟି୨୦ ଦଳ** :ଟେମ୍ବା ବଭୁମା (ଅଧିନାୟକ), କ୍ୱିଣ୍ଟନ ଡି'କକ୍, ରିଜା ହେଣ୍ଡ୍ରିକ୍ସ, ହେନରିଚ୍ କ୍ଲାସେନ୍, କେଶବ ମହାରାଜ, ଏଡେନ ମାର୍କ୍ରାମ, ଡେଭିଡ ମିଲର, ଲୁନ୍‌ଗି ଏନଗିଡି, ଏନରିଜ ନର୍ଜେ, ୱେନ ପାର୍ନେଲ, ଡ୍ୱେନ ପ୍ରିଟୋରିଅସ୍, କାଗିସୋ ରାବାଡା, ରିଲି ରୋସୋ, ଟାବ୍ରେଜ୍ ସାମ୍‌ସି, ଟ୍ରିଷ୍ଟାନ ଷ୍ଟବ୍ସ। **ଦକ୍ଷିଣ ଆଫ୍ରିକା ଦିନିକିଆ ଦଳ:** ଟେମ୍ବା ବଭୁମା (ଅଧିନାୟକ), କ୍ୱିଣ୍ଟନ ଡି'କକ୍, ରିଜା ହେଣ୍ଡ୍ରିକ୍ସ, ହେନ୍‌ରିଚ୍ କ୍ଲାସେନ, କେଶବ ମହାରାଜ, ଜାନେମନ ମଲାନ, ଏଡେନ୍ ମାରକ୍ରାମ୍, ଡେଭିଡ ମିଲର, ଲୁନ୍‌ଗି ଏନ୍‌ଗିଡି, ଏନ୍‌ରିଚ ନୋର୍ଜେ, ୱେନ୍ ପାର୍ନେଲ, ଆଣ୍ଡିଲ ଫେଲୁକ୍ୱାୟୋ, ଡ୍ୱେନ ପ୍ରିଟୋରିଅସ, କାଗିସୋ ରାବାଡା, ଟାବ୍ରେଜ୍ ସାମ୍‌ସି।





জাতীয় —
ଜାତୀୟ ଜୁନିୟର ଉସୁ ଚାମ୍ପିୟନଶିପ୍‌ରେ ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ଓଡ଼ିଶା ଜୁନିୟର ଉସୁ ଦଳକୁ ୮ ପଦକ

**ଭୁବନେଶ୍ୱର, ୬।୯ (କ୍ରୀଡ଼ା ପ୍ରତିନିଧି)**

କେରଳର କୋଝିକୋଡେଠାରେ ୨୧ତମ ଜାତୀୟ ଜୁନିୟର ଉସୁ ଚାମ୍ପିୟନଶିପ୍ ଚଳିତମାସ ୧ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଦଳ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସମେତ ମୋଟ ୮ଟି ପଦକ ହାସଲ କରିଛି। ଓଡ଼ିଶାର ବବୁଲୁ ମୁଣ୍ଡା ଜୁନିୟର ବାଳକ ୪୮ କେଜି ସାଣ୍ଡା ଏବଂ ରାଜେଶ ମୁଣ୍ଡା ୟୁଥ୍ ବାଳକ ୪୮ କେଜି ସାଣ୍ଡା ବର୍ଗରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପ୍ରେମ ମୁଣ୍ଡା ଜୁନିୟର ବାଳକ ୪୫କେଜି ଏବଂ ନୁପୂର ପଟ୍ଟନାୟକ ନନ୍‌ଷ୍ଟାଇଲ୍ ବାଳିକା ତାଓଲୁରେ ରୌପ୍ୟ ପଦକ ହାସଲ କରିଛନ୍ତି। ତାଓଲୁରେ ବ୍ରୋଞ୍ଜ ପଦକ ପାଇଥିବା ଓଡ଼ିଶା ଖେଳାଳିମାନେ ହେଲେ ପାୟଲ ପଟ୍ଟନାୟକ (ବାଳିକା ୱିଙ୍ଗଚୁନ୍), ଆଶୁତୋଷ ମହାରଣା (ବାଳକ ଗୁନ୍‌ଶୁ), ରାଜକୁମାର ମୁଣ୍ଡା (ବାଳକ ନାନ୍‌କ୍ୱାନ) ଏବଂ ସୌଭାଗ୍ୟ ଶରନ (ବାଳକ କ୍ୱାଙ୍ଗଶୁ)। ଓଡ଼ିଶାରୁ ୨୨ ଖେଳାଳି ଓ ୫ ଅଫିସିଆଲ୍‌ଙ୍କୁ ମିଶାଇ ମୋଟ ୨୭ ଜଣିଆ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲା। ପ୍ରଦ୍ୟୁମ୍ନ ବେହେରା ତାଇଲୁ ବିଭାଗର ମୁଖ୍ୟ ଜଜ୍ ଥିବାବେଳେ ଅନୁରାଧା ଦୋରା ସାନ୍ଦା ବିଭାଗରେ ଜଜ୍ ଦାୟିତ୍ୱ ତୁଲାଇଥିଲେ। ପଙ୍କଜ ମହନ୍ତ ଓ ସୁଜନ ରଥ ଟିମ୍ କୋଚ୍ ଏବଂ କୃଷ୍ଣଚନ୍ଦ୍ର ସାହୁ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିଥିଲେ। ଉସୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ୍.ଏସ୍. ହରିଚନ୍ଦନ, ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ପ୍ରମୁଖ ପଦକ ବିଜେତା ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଏସିଆ କପ୍: ବିଦାୟ ପଥରେ ଭାରତ

**ଦୁବାଇ, ୬।୯**

ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଖରାପ ପ୍ରଦର୍ଶନ କରି ଭାରତ ଏସିଆ କପ୍ କ୍ରିକେଟର ମଙ୍ଗଳବାର ଅନୁଷ୍ଠିତ ସୁପର ଫୋର ମ୍ୟାଚରେ ଶ୍ରୀଲଙ୍କାଠାରୁ ୬ ଉଇକେଟରେ ପରାସ୍ତ ହୋଇଛି। ଏଥିସହ ଭାରତ ଟୁର୍ନାମେଣ୍ଟରୁ ବିଦାୟ ହେବା ପଥରେ ରହିଛି। ପୂର୍ବ ମ୍ୟାଚରେ ପାକିସ୍ତାନଠାରୁ ମଧ୍ୟ ଭାରତ ହାରିଥିଲା। ବୁଧବାର ପାକିସ୍ତାନ ଯଦି ଆଫଗାନିସ୍ତାନକୁ ପରାସ୍ତ କରିବ ତେବେ ଭାରତ ଓ ଆଫଗାନିସ୍ତାନ ଏଲିମିନେଟ ହେବେ। ଏଠାରେ ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୩ ରନ କରିଥିବାବେଳେ ଶ୍ରୀଲଙ୍କା ୧୯.୫ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରନ ଚେଜ୍ ଅବସରରେ ପଥୁମ ନିଶଙ୍କା ଓ କୁଶାଲ ମେଣ୍ଡିସଙ୍କ ୬୭ ବଲ୍‌ରୁ ୯୭ ରନର ଓପନିଂ ଭାଗୀଦାରି ମ୍ୟାଚର ଟର୍ନିଂ ପଏଣ୍ଟ ଥିଲା। ୧୨ତମ ଓଭରରେ ଯାଇ ଭାରତୀୟ ବୋଲରମାନେ ଶ୍ରୀଲଙ୍କାର ଉଇକେଟ ପତନ ଘଟାଇବାକୁ ସକ୍ଷମ ହୋଇଥିଲେ। ୧୩ ରନ ବ୍ୟବଧାନରେ ଶ୍ରୀଲଙ୍କା ୪ଟି ଉଇକେଟ ହରାଇଥିଲେ ହେଁ ଭାନୁକା ରାଜପାକ୍ସା ଓ ଅଧିନାୟକ ଦଶୁନ ସନକା ଅସମାପ୍ତ ୫ମ ଉଇକେଟରେ ୩୪ ବଲ୍‌ରୁ ୬୪ ରନ ଯୋଗକରି ଦଳକୁ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍
ଦସୁନ ଶନକା

ବିଜୟୀ କରାଇଥିଲେ। କୁଶାଲ ସର୍ବାଧିକ ୫୭ ଓ ନିଶଙ୍କା ୫୨ ରନକରି ଆଉଟ ହୋଇଥିବାବେଳେ ସନକା ୩୩ ଓ ରାଜପାକ୍ସା ୨୫ ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ୟୁଜବେନ୍ଦ୍ର ଚହଲ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୧୩ ରନରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଲୋକେଶ ରାହୁଲ ୬ ଓ ବିରାଟ କୋହଲି ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ରୋହିତ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୫୮ ବଲ୍‌ରୁ ୯୭ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ରୋହିତ ୪୧ ବଲ୍‌ରୁ ୭୨ (୫ ଚୌକା, ୪ ଛକା) ରନ କରିଥିବାବେଳେ ଚାମିକା କରୁଣାରତ୍ନେଙ୍କ ସ୍ଲୋୟର ଶର୍ଟ ବଲ୍‌କୁ ଅପର କଟ୍ ଖେଳି ଆଉଟ ହୋଇଥିଲେ। ଶଟ୍‌ରେ ପର୍ଯ୍ୟାପ୍ତ ପାୱାର ନ ଥିବାରୁ ଡିପ୍ ପଏଣ୍ଟ ଅଞ୍ଚଳରେ ପଥୁମ ନିଶଙ୍କା କ୍ୟାଚ ଧରି ନେଇଥିଲେ। ମିଡିଲ ଅର୍ଡରରେ ସେଟ୍ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ୩୪, ହାର୍ଦ୍ଦିକ ପାଣ୍ଡ୍ୟା ୧୭, ରିଷଭ ପନ୍ତ ୧୭ ଓ ଦୀପକ ହୁଡା ମାତ୍ର ୩ ରନ କରି ଆଉଟ ହୋଇଥିଲେ। ଶେଷ ଭାଗରେ ରବିଚନ୍ଦ୍ରନ ଅଶ୍ୱିନ ୭ ବଲ୍‌ରୁ ୧୫ ରନକରି ଅପରାଜିତ ରହିବାରୁ ଭାରତ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ଶ୍ରୀଲଙ୍କା ପକ୍ଷରୁ ଦିଲସାନ ମଦୁଶନକା ୩ଟି, ଚାମିକା କରୁଣାରତ୍ନେ ଓ ଦସୁନ ସନକା ୨ଟି ଲେଖାଏ ଏବଂ ମହେଶ ଥିକଶାନା ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୭୩/୮ (ରୋହିତ ଶର୍ମା-୭୨, ସୂର୍ଯ୍ୟକୁମାର ଯାଦବ-୩୪, ଦିଲସାନ ମଦୁଶନକା-୩/୨୪, ଚାମିକା କରୁଣାରତ୍ନେ-୨/୨୭, ଦସୁନ ସନକା-୨/୨୬, ମହେଶ ଥିକଶାନା-୧/୨୯)। ଶ୍ରୀଲଙ୍କା ୧୯.୫ ଓଭରରେ ୧୭୪/୪ (କୁଶାଲ ମେଣ୍ଡିସ-୫୭, ପଥୁମ ନିଶଙ୍କା-୫୨, ଦଶୁନ ସନକା-୩୩*, ଭାନୁକା ରାଜପାକ୍ସା-୨୫*, ୟୁଜବେନ୍ଦ୍ର ଚହଲ-୩/୩୪, ରବିଚନ୍ଦ୍ରନ ଅଶ୍ୱିନ-୧/୩୨)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ମଦ, କାର୍ ଜବତ: ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ:** ଆଦର୍ଶ ଥାନା ପୋଲିସ ମଙ୍ଗଳବାର ସ୍ଥାନୀୟ ତରତୁଆ ଛକରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ସହ ଏକ କାର୍ ଜବତ କରିଛି। ଏହି ଘଟଣାରେ ପୋଲିସ ଆଠଗଡ଼ ବିରିପୁଟ ଅଞ୍ଚଳର ଦିଲୀପ ନାୟକ(୩୫)ଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୨୪/୨୨)ରୁଜୁ ହୋଇଛି। ସୂଚନା ମୁତାବକ, ଦିଲୀପ ମଦ ନେଇ ଖୋର୍ଦ୍ଧାକୁ ଆସିଥିବାବେଳେ ତରତୁଆ ଛକ ଠାରେ ପୋଲିସ ତାଙ୍କୁ ଧରିଥିଲା।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ ଘଟଣାରେ ବୃଦ୍ଧ ଗିରଫ

ଜଟଣୀ,୬।୯(ଡି.ଏନ୍.ଏ.): ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ମଙ୍ଗଳବାର ଜଟଣୀ ଥାନା ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମଧୁସୂଦନ ନଗରର ଧୀରୁ ଓରଫ ଧୀରେନ୍ଦ୍ରନାଥ ପାଟଯୋଶୀ(୬୩)। ସୂଚନା ମୁତାବକ, ରାସ୍ତାରେ ପାଣି ଯାଉଥିବାରୁ ଅକ୍ଷୟ କୁମାର ସାହୁ ଉକ୍ତ ସ୍ଥାନରେ ମାଟି ପକାଇବାରୁ ଅଭିଯୁକ୍ତ ଧୀରୁ ବିରୋଧ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଧୀରୁ ଏକ ମାରଣାସ୍ତ୍ରରେ ଅକ୍ଷୟଙ୍କୁ ଆକ୍ରମଣ କରିଥିଲେ। ଫଳରେ ଅକ୍ଷୟ ଗୁରୁତର ଆହତ ହୋଇଥିଲେ। ଏନେଇ ଅକ୍ଷୟଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ଶିବଶକ୍ତି, ତାର୍ଜନ କ୍ଲବ ବିଜୟୀ

ଯାଁଳା,୬।୯(ଡି.ଏନ୍.ଏ.): ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟରେ ମଙ୍ଗଳବାର ଶିବଶକ୍ତି ଭୁବନେଶ୍ୱର ଏବଂ ମା'ଫୁଲବତୀ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫୁଲବତୀ କ୍ଲବ କୌଣସି ଗୋଲ ଦେଇ ପାରି ନ ଥିବା ବେଳେ ମ୍ୟାଚର ୩୫ ମିନିଟରେ ଶିବଶକ୍ତି ଟିମ୍‌ର ଦିପୁ ମଣ୍ଡରୀ ଗୋଟିଏ ଗୋଲ ଦେଇଥିଲେ। ଫଳରେ ଶିବଶକ୍ତି ଟିମ୍ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ତାର୍ଜନ କ୍ଲବ ଜାଗସରା ଓ ଡାଇମଣ୍ଡ କ୍ଲବ ଶରଧାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡାଇମଣ୍ଡ କ୍ଲବ କୌଣସି ଗୋଲ ଦେଇପାରି ନ ଥିବା ବେଳେ ମ୍ୟାଚର ୨୯ ମିନିଟରେ ତାର୍ଜନ କ୍ଲବର ରଜନୀ ଦେହୁରୀ ଗୋଟିଏ ଗୋଲ ଦେଇଥିଲେ। ଫଳରେ ତାର୍ଜନ ଟିମ୍ ବିଜୟୀ ହୋଇଥିଲା। ମନୋରଞ୍ଜନ ଖୁଣ୍ଟିଆ, ନଜିବୁର ରହେମନ, ଆନନ୍ଦ ନାୟକ ଓ ଲଳିତ ମୋହନ ବଳିୟାରସିଂ ମ୍ୟାଚ ପରିଚାଳନା କରିଥିଲେ।

### ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଟାଙ୍ଗୀ(ଖୋର୍ଦ୍ଧା),୬।୯(ଡି.ଏନ୍.ଏ.): କୁହୁଡି ଉଚ୍ଚ ମାଧମିକ ବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ସଂସ୍କୃତ ବିଭାଗର ବରିଷ୍ଠ ଅଧାପକ ବାଳକୃଷ୍ଣ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ମିଶ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ନୂତନ ଅଧକ୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### ଗୁରୁ ପ୍ରସାଦଙ୍କ ବିୟୋଗରେ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୬।୯:** ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ବିୟୋଗରେ ସ୍ଥାନୀୟ ଉତ୍କଳ ସମ୍ମିଳନୀ କାର୍ଯ୍ୟାଳୟରେ ସମ୍ପାଦକ ଅଧିବକ୍ତା ବିଚିତ୍ର ବଡଜେନାଙ୍କ ସଭାପତିତ୍ୱରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଶାଖାର ସଭାପତି ଅଧିବକ୍ତା ଶକ୍ତିଶଙ୍କର ମିଶ୍ର, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, ଜବାହରଲାଲ ସୁବୁଦ୍ଧି, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସାମାଜିକ କର୍ମୀ ରାମଶଙ୍କର, ବିମଳ ଷଡ଼ଙ୍ଗୀ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସୃତି ଚାରଣ କରିଥିଲେ। ସେହିପରି ଖୋର୍ଦ୍ଧା ସାହିତ୍ୟ ସଂସଦ ସଭାପତି ପ୍ରାଧାପକ ଗୋପାଳ କୃଷ୍ଣ ଦାସ, ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ, ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ସମ୍ପାଦକ ଜ୍ଞାନରଞ୍ଜନ ଦାଶ, ପୁଷ୍ପିତା ସାହିତ୍ୟ ସଂସଦ ସଭାପତି ଶୋଭନ ଘୋଷ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ସୁଜନ ମିଶ୍ର, କ୍ଷିତୀଶ ମୋହନ ଦାସ ପ୍ରମୁଖ ସ୍ମୃତି ଚାରଣ କରିଥିଲେ।

# ପାହାଡ଼ ନିଲାମକୁ ଗ୍ରାମବାସୀଙ୍କ ବିରୋଧ

ବାଣପୁର,୬।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ତହସିଲ ଅନ୍ତର୍ଗତ ଶୁଳିଆ ପାହାଡ଼ ସମେତ ୫ଟି ମୁଗୁନି ପଥର ପାହାଡ଼ ନିଲାମ ପାଇଁ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପାହାଡ଼ଗୁଡ଼ିକର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଶତାଧିକ ଗ୍ରାମବାସୀ ନିଲାମକୁ ବିରୋଧ କରିଛନ୍ତି। ମଙ୍ଗଳବାର ୩ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ଲାକାର୍ଡ ଧରି ମା' ଟିକିରାଇ ମନ୍ଦିରରୁ ବାହାରି ତହସିଲ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଜିଲାପାଳ ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବାଣପୁର ତହସିଲ ଅନ୍ତର୍ଗତ ୧୭୦ ଏକରରୁ ଉର୍ଦ୍ଧ୍ୱ ସରକାରୀ ଅନାବାଦୀ ଜାଗାରେ ନରେନ୍ଦ୍ରପୁର, କୋଲଥଡିହ, ଶୁଳିଆପଲ୍ଲୀ, ତୋରସିଂହ ଆଦି ମୌଜାରେ ମୁଗିନି ପଥର ସଇରାତ ରହିଛି। ଏହି ପଥର ସଇରାତଗୁଡ଼ିକୁ ୫ବର୍ଷ ପାଇଁ ଲିଜ୍




ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସୂତ୍ରରେ ନିଲାମ ପାଇଁ ତହସିଲ ପକ୍ଷରୁ ନିଲାମ ଇସ୍ତାହାର ପ୍ରକାଶ ପାଇଛି । ଲିଜ୍ ଆଳରେ ଏହି ସଇରାତଗୁଡିକୁ ପ୍ରଶାସନ ପଥର ମାଫିଆଙ୍କୁ ହସ୍ତାନ୍ତର କଲେ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀଙ୍କ ଅନେକ ସମସ୍ୟା ସୃଷ୍ଟି ହେବ। ଏହା ନିକଟରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମେତ ରାଜସ୍ୱ କାର୍ଯ୍ୟାଳୟ,

### ତହସିଲ କାର୍ଯ୍ୟାଳୟ ଘେରିଲେ

ବିଦ୍ୟାଳୟ, ମନ୍ଦିର ଏବଂ ଗୋଚର ଜମି ରହିଥିବା ବେଳେ ପାହାଡ଼ ପାଦଦେଶରେ ଶତାଧିକ ପରିବାର ବସବାସ କରୁଛନ୍ତି। ସଇରାତଗୁଡିକୁ ଲିଜ୍ ଦେଲେ ଲିଜ୍‌ଧାରୀ ପଥର ଫଟାଇବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ପରିବେଶ ଦୂଷିତ ହେବା ସହ ଲୋକେ ନାହିଁ ନ ଥିବା ହଇରାଣ ହେବେ। ରାଜସ୍ୱ ବିଭାଗ ଏହାକୁ ଦୃଷ୍ଟିରେ ରଖି ନିଲାମ ବ୍ୟବସ୍ଥାକୁ ତୁରନ୍ତ ରଦ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଜିଲା ପରିଷଦ ସଭ୍ୟାଙ୍କ କାର୍ ଜାଳିଦେବା ଘଟଣାରେ ୨ ଗିରଫ

ନିରାକାରପୁର,୬।୯(ଡି.ଏନ୍.ଏ.)

ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ୯ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟା ମିତାଞ୍ଜଳି ବଳିୟାରସିଂହଙ୍କ କାର୍‌କୁ ଦୁର୍ବୃତ୍ତ ଜାଳି ଦେଇଥିଲେ। ଏହି ଘଟଣାରେ ମଙ୍ଗଳବାର ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବଡ଼ପୋଖରିଆ ଗ୍ରାମର ଆତ୍ମା ପ୍ରକାଶ ଗଜେନ୍ଦ୍ର ଏବଂ ଜିତେନ୍ଦ୍ର ବଡ଼ଜେନା। ସୂଚନାଥାଉ କି, ଗତ ଗୁରୁବାର ମିତାଞ୍ଜଳିଙ୍କ କାର୍ (ଓଡି-୦୨-ବିଏନ୍-୨୬୩୪) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିଲା। ତେବେ କୌଣସି କାରଣକୁ ନେଇ ଦୁର୍ବୃତ୍ତ ରାତିରେ ସେଥିରେ ନିଆଁ ଲଗାଇ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରହୁଥିବା ଜଣେ ବ୍ୟକ୍ତି କାର୍ ଜଳୁଥିବା ଦେଖି ସାଗରଙ୍କୁ ଜଣାଇଥିଲେ। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏନେଇ ମିତାଞ୍ଜଳିଙ୍କ ସ୍ୱାମୀ ସାଗର ବଳିୟାରସିଂହଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୭୩/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

# ପାଞ୍ଚଗଡ଼ ମଣ୍ଡଳ ଭାଜପା ସଭାପତି ହେଲେ ସୁମନ୍ତ

ବୋଲଗଡ଼, ୬।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଞ୍ଚଗଡ ମଣ୍ଡଳ ଭାରତୀୟ ଜନତା ପାର୍ଟିର ସଭାପତି ଭାବେ ସୁମନ୍ତ କୁମାର ପ୍ରଧାନ ନିଯୁକ୍ତ ହୋଇଛନ୍ତି। ଜିଲା ଭାଜପା ସଭାପତି ରଶ୍ମି ରଞ୍ଜନ ମହାପାତ୍ର ଏହି ନିଯୁକ୍ତି ପତ୍ର ସୁମନ୍ତଙ୍କୁ ପ୍ରଦାନ କରିବା ସହ ଭୁବନେଶ୍ୱର ଏମ୍‌ପି, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ଏବଂ ଜିଲା ପ୍ରଭାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପାଇଁ ଏହାର ନକଲ ପଠାଇଛନ୍ତି। ନୂତନ ସଭାପତି ସୁମନ୍ତଙ୍କୁ ସାଗରଗୁଆଁରେ ଅନୁଷ୍ଠିତ ଏକ ସଭାରେ ଜିଲା ଭାଜପା ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଜୁଳି, ଏମ୍‌ପିଙ୍କ ବୋଲଗଡ଼ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଯେ, ପୂର୍ବତନ ମଣ୍ଡଳ ସଭାପତି ଅଶୋକ ରାଉତଙ୍କୁ ବିଶୃଙ୍ଖଳିତ ଆଚରଣ ପାଇଁ ବହିଷ୍କାର କରାଯାଇଛି। ଦଳ ମଧ୍ୟରେ ରହି ଦଳୀୟ ସଙ୍ଗଠନକୁ ଦୁର୍ବଳ କରିବା ଏବଂ ବେଗୁନିଆଠାରେ କେତେଜଣ ମଣ୍ଡଳ ସଭାପତିଙ୍କୁ ଏକାଠି କରି ମିଡିଆ ଆଗରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଆକ୍ଷେପ କରି ବକ୍ତବ୍ୟ ପ୍ରଦାନ ଯୋଗୁ ତାଙ୍କୁ ବହିଷ୍କାର କରାଯାଇଛି ବୋଲି ଭାଜପା ଜିଲା ସଭାପତି ମହାପାତ୍ର କହିଛନ୍ତି। ପୂର୍ବତନ ସରପଞ୍ଚ ଦେବରାଜ ପଲାଇ, ମିଥୁନ ପାଇକରାୟ, ରାଜୀବ ସାମନ୍ତରାୟ, କୈଳାସ ପ୍ରଧାନ, ସୁଦର୍ଶନ ବରାଡ, ପୁରୁଷୋତ୍ତମ ପ୍ରଧାନ, ଲକ୍ଷ୍ମୀଧର ପରିଡ଼ା ପ୍ରମୁଖ ନୂତନ ମଣ୍ଡଳ ସଭାପତିଙ୍କୁ ସ୍ୱାଗତ କରିବା ସହ ପାଞ୍ଚଗଡ ମଣ୍ଡଳ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

# ୨୮ରେ ବାଲୁଗାଁରେ ପହଞ୍ଚିବ ଅହିଂସା ରଥ



ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ ଓ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଅଫିସ,୬।୯

ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବ ଅବସରରେ ଅଗଷ୍ଟ ୧୫ରୁ ଭୁବନେଶ୍ୱରରୁ ବାହାରିଥିବା ଅହିଂସା ରଥ ସେପ୍ଟେମ୍ବର ୨୮ରେ ଖୋର୍ଦ୍ଧା ଜିଲାର ବାଲୁଗାଁଠାରେ ପହଞ୍ଚିବ। ଏହି ରଥ ଅକ୍ଟୋବର ପହିଲା ପର୍ଯ୍ୟନ୍ତ ୪ ଦିନ ବିଭିନ୍ନ ବ୍ଲକ ପରିକ୍ରମା କରିବ। ଓଡ଼ିଶାର ସ୍ମାରକୀ ବହନ କରୁଥିବା ଏହି ରଥ ବୀର ସଂଗ୍ରାମୀଙ୍କ ବଳିଦାନର ଗାଥା ପ୍ରଚାର କରୁଛି। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଗସ୍ତକୁ ସ୍ମରଣୀୟ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ଦିବସରେ ଏହି ରଥ ଶୁଭାରମ୍ଭ କରିଥିଲେ। ଏହି ରଥ ରାଜ୍ୟର ସମସ୍ତ ବ୍ଲକ, ସହରାଞ୍ଚଳ ଗସ୍ତ କରି ଆସନ୍ତା ଅକ୍ଟୋବର ୨ରେ ଭୁବନେଶ୍ୱରରେ ପହଞ୍ଚିବ। ଅହିଂସା ରଥ ଭବ୍ୟ ସ୍ୱାଗତ ଲାଗି ମଙ୍ଗଳବାର ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କ ଅଧକ୍ଷତାରେ ଓସ୍ୱାନ

### ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ

ସମ୍ମିଳନୀ କକ୍ଷରେ ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅହିଂସା ରଥକୁ ବାଲୁଗାଁ ଠାରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବ। ଏହା ପରେ ରଥ ବାଲୁଗାଁ ସହର, ଚିଲିକା ବ୍ଲକ, ବାଣପୁର ସହର ଓ ବ୍ଲକ, ଟାଙ୍ଗୀ, ବୋଲଗଡ଼, ବେଗୁନିଆ ବ୍ଲକ ପରେ ଖୋର୍ଦ୍ଧାରେ ପରିକ୍ରମା କରିବ। ସେହିଭଳି ଅନ୍ୟ ଏକ ରଥ ଜଟଣୀ ସହର ଓ ବ୍ଲକ, ବାଲିଅନ୍ତା, ବାଲିପାଟଣା ଓ ଭୁବନେଶ୍ୱର ବ୍ଲକ ପରିକ୍ରମା କରିବ।

ଏହି ରଥଗୁଡିକ ବ୍ଲକ ଓ ବିଜ୍ଞାପିତ କାର୍ଯ୍ୟାଳୟ, ନୋଡାଲ ହାଇସ୍କୁଲ, ଗାନ୍ଧିଜୀ ଗସ୍ତ କରିଥିବା ବାଣପୁର ଓ ବୋଲଗଡ ଅଞ୍ଚଳ, ଅନ୍ୟ ଐତିହାସିକ ଓ ସାଂସ୍କୃତିକ ସ୍ଥାନ ପରିକ୍ରମା କରିବ।

### କଳାକାର ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କର

ଏହି ବୈଠକରେ ୨୦୨୧ ମସିହାରେ ବିଭିନ୍ନ ବ୍ଲକରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ନିମନ୍ତେ ଆବେଦନ କରିଥିବା କଳାକାରମାନଙ୍କ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦିଆଯାଇଛି। ବିଡିଓ ଏବଂ ପୌର ନିର୍ବାହୀ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ପାଢୀ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ବ୍ଲକସ୍ତରରେ ସ୍ଥାନୀୟ ବିଧାୟକ, ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା ଓ ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ ଏବଂ ସାଂସ୍କୃତିକ ଦଳ ସ୍ୱାଗତ କରିବେ।

# ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ନିରାକାରପୁର,୬।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଏବଂ ମୋରମ ଚାଲାଣ ବଢ଼ିଚାଲିଛି। ନୂଆ ଜଗନ୍ନାଥ ସଡକରୁ ମଙ୍ଗଳବାର ପୋଲିସ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ (ଓଆର୍-୦୪ଇ-୪୪୮୪) ଜବତ କରିଥିବା ବେଳେ ଏହାର ଚାଳକ କୌଶଳକ୍ରମେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୭୪/୨୨) ରୁଜୁ ହୋଇଥିବା ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି। ସେହିପରି ଜଙ୍କିଆ ଥାନା ପକ୍ଷରୁ ମୋଟା ଖଣିରେ ଚଢ଼ାଉ କରାଯାଇ ଗୋଟିଏ ମିନିଟ୍ରକ୍, ହାଇୱା ଜବତ କରାଯାଇଛି। ଏହି ଦୁଇ ଗାଡିର ଚାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସବ୍ ଇନ୍ସପେକ୍ଟର ବେଣୁଧର ରାୟ କହିଛନ୍ତି।

# ନଗର କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ

ଜଟଣୀ, ୬।୯(ଡି.ଏନ୍.ଏ.)

ଜଟଣୀ ସ୍ଥିତ ମା'ଉତ୍ତରାୟଣୀ ମନ୍ଦିର ନିକଟ ସାଇବାବା ମନ୍ଦିର ସମ୍ମୁଖରେ ମଙ୍ଗଳବାର ନୂତନ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଯୁବନେତା କ୍ୟାପଟେନ୍ ମନ୍ମଥ ରାଉତରାୟ, ପିସିସି ସମ୍ପାଦକ ଚିନ୍ମୟ ଦାସ, ଏଆଇସିସି ସଦସ୍ୟ ରାଧାରଞ୍ଜନ ଶତପଥୀ, ଆଇନଜୀବୀ ଲିଙ୍ଗରାଜ ସାହୁ, ନଗର କଂଗ୍ରସ ସଭାପତି ଅଶୋକ କୁମାର ମଙ୍ଗରାଜ, ପୂର୍ବତନ ସରପଞ୍ଚ ସୁନୀଲ କୁମାର ରାଉତରାୟ, କଳିଙ୍ଗ କୁମାର ସାହୁ , ଚିନ୍ମୟ ସାହୁ, ବୃନ୍ଦାବନ ସାହୁ, ଲୁସେନ୍ ରାୟ, ସୁଧାକର ଜେନା, କାଳନ୍ଦୀ ନାୟକ, ଦିଲୀପ ପ୍ରଧାନ, ଡ.ଗୌରୀ ପ୍ରସାଦ ସିଂହ, ଜଗଦୀଶ ପ୍ରସାଦ ଅଗ୍ରୱାଲ, ଖୁସ୍‌ବୁ ମୁର୍ମୁ, ଜୀ.ଶ୍ରୀନିବାସ, ବୁଲୁ ମହାପାତ୍ର, ଧନେଶ୍ୱର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସହାୟତା ଅପେକ୍ଷାରେ ଚନ୍ଦନ



ବାପା ମା'ଙ୍କ ସହ ଚନ୍ଦନ।

ଜଟଣୀ, ୬।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ରାମଚନ୍ଦ୍ରପୁର ବଜାରରେ ରହୁଥିବା ଅମିନ ବେହେରାଙ୍କ ପୁଅ ଚନ୍ଦନ ବେହେରା(୧୦)। ଖେଳକୁଦ ଓ ପାଠପଢ଼ା ବୟସରେ ଚନ୍ଦନ ବ୍ଲଡ କ୍ୟାନ୍ସର ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣାରେ ଜୀବନ ବିତାଉଛନ୍ତି। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଚାରି ବର୍ଷ ପୂର୍ବେ ଏହି ଜିଲା ଅଧୀନ ବଉଳାବନ୍ଧ ଗ୍ରାମର ଅମିନ ରୋଜଗାର ଓ ପିଲାମାନଙ୍କୁ ଭଲ ମଣିଷ କରିବା ଉଦ୍ଦେଶ୍ୟରେ ଜଟଣୀ ସହରକୁ ଆସିଥିଲେ। ସାଥିରେ ସ୍ତ୍ରୀ ଛଇନା ବେହେରା ଓ ପିଲାମାନଙ୍କୁ ମଧ୍ୟ ଆଣିଥିଲେ। ଦିନ ମଜୁରିଆ ଭାବେ ଅମିନ କାର୍ଯ୍ୟ କରିବା ସହ ରାମଚନ୍ଦ୍ରପୁର ବଜାରରେ ଭଡାଘରେ ପରିବାର ସହ ରୁହନ୍ତି। ଗତ ଜାନୁୟାରୀରେ ଚନ୍ଦନଙ୍କ ଦେହରେ ଫୋଟକା ପରି କ'ଣ ବାହାରିବାରୁ ପରିବାରଲୋକେ ତାଙ୍କୁ

### ଚିକିତ୍ସାରେ ଅର୍ଥ ବାଧକ

ଡାକ୍ତରଙ୍କୁ ଦେଖାଇଥିଲେ। ଚନ୍ଦନ ବ୍ଲଡ କ୍ୟାନ୍ସରରେ ଆକ୍ରାନ୍ତ ହୋଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଅମିନ ଲୋକଙ୍କଠାରୁ ଧାର କରିବା ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ସାହାଯ୍ୟରେ ପୁଅର ଚିକିତ୍ସା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କରିଥିଲେ। ତେବେ ବିଏସ୍‌କେୱାଇ କାର୍ଡରେ ଥିବା ଅର୍ଥ ସରିଯିବାରୁ କିପରି ପୁଅର ଚିକିତ୍ସା କରିବେ ସେଥିପାଇଁ ଚିନ୍ତାରେ ପରିବାର ଲୋକେ। କୌଣସି ସହୃଦୟ ବ୍ୟକ୍ତି କିମ୍ବା ସରକାରୀ ସାହାଯ୍ୟ ମିଳିଲେ ଚନ୍ଦନଙ୍କ ଚିକିତ୍ସା ହୋଇପାରନ୍ତା ବୋଲି ଛଇନା କହିଛନ୍ତି। ଏହି ମୋବାଇଲ ନମ୍ବର ୮୯୧୭୫୦୪୦୩୨, ୯୧୧୪୬୮୨୪୫୨ରେସମ୍ପର୍କକରିବାପାଇଁ ପରିବାର ଲୋକେ ନିବେଦନ କରିଛନ୍ତି।

# ଜିଲାସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ବୈଠକ

ଖୋର୍ଦ୍ଧା ଅଫିସ,୬।୯

ଖୋର୍ଦ୍ଧା ଜିଲାସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ବୈଠକ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀଙ୍କ ଅଧକ୍ଷତାରେ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ସହ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଯେପରି ଭଲ ଅନୁଭବ ନେଇ ଫେରିବେ ଏଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି। ଜମିଜମା ମାମଲାଗୁଡିକର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ରାଜସ୍ୱ ନିରୀକ୍ଷକ ସର୍କଲ ନିମନ୍ତେ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଶେଷ କରିବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି। ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ରାଜସ୍ୱ ଡେପୁଟି କଲେକ୍ଟର ଉର୍ମିପ୍ରଭା ମହାପାତ୍ର, ସମସ୍ତ ତହସିଲଦାର ଓ ଅଧିକାରୀ ଉପସ୍ଥିତ ଥିଲେ।

# ଭୋଟର ପରିଚୟପତ୍ରରେ ଆଧାର ସଂଯୋଗ ଅଭିଯାନ ସମୀକ୍ଷା

ଖୋର୍ଦ୍ଧା ଅଫିସ,୬।୯

କେନ୍ଦ୍ର ସରକାରଙ୍କ ପକ୍ଷରୁ ଭୋଟର କାର୍ଡ ସହ ମତାଦାତାଙ୍କ ସ୍ୱେଚ୍ଛାକୃତ ଆଧାର ତଥ୍ୟ ପ୍ରଦାନ ଅଭିଯାନ ଜାରି ରହିଛି। ଏହି ଅଭିଯାନର ସମୀକ୍ଷା ବୈଠକ ଖୋର୍ଦ୍ଧା ଓସ୍ୱାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଅଧକ୍ଷତା କରିଥିଲେ। ଭୋଟର ତାଲିକାରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗ ନିମନ୍ତେ ମତଦାତାଙ୍କଠାରୁ ସ୍ୱେଚ୍ଛାକୃତ ଭାବେ ଆଧାର ତଥ୍ୟ ସଂଗ୍ରହ ପାଇଁ ଜିଲାର ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିଏଲଓ ମାନେ ଘର ଘର ବୁଲି ଏହି ତଥ୍ୟ ହାସଲ କରିବେ। ଏପରିକି ଜଣେ ଚାହିଁଲେ ଅନଲାଇନ ମାଧ୍ୟମରେ ଆଧାର ତଥ୍ୟ ପ୍ରଦାନ କରିପାରିବେ। ଫଳରେ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେବା ଆଶଙ୍କା ଦୂର ହୋଇପାରିବ। ଏହି ପ୍ରକ୍ରିୟାକୁ

### ତୁରନ୍ତ ସାରିବାକୁ ପରାମର୍ଶ, ଲୋକଙ୍କ ସହଯୋଗ ଲୋଡିଲେ

ତ୍ୱରାନ୍ୱିତ ଲାଗି ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କୁ ସଚେତନତା ସହ ସାଧାରଣ ଲୋକଙ୍କୁ ଏଥିରେ ସାମିଲ ଲାଗି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ, ସ୍ୱତନ୍ତ୍ର ଶିବିର ଆୟୋଜନ କରାଯିବ।

ଅତିରିକ୍ତ ଜିଲାପାଳ ପାଢୀ କହିଥିଲେ, ଲୋକ ପ୍ରତିନିଧି ଆଇନ ୧୯୫୦ର ଧାରା ୨୩ରେ ସଂଶୋଧନ କରାଯାଇ ପ୍ରଚଳିତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟର ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଥିବା ଭୋଟର ସେମାନଙ୍କ ଆଧାର ବିବରଣୀ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରିବେ। ଏଥିନିମନ୍ତେ ନିର୍ବାଚନ ପଞ୍ଜୀକରଣ ଆଇନ ୧୯୬୦ର ସଂଶୋଧନ କରାଯାଇଛି। ୨୦୨୩ ଏପ୍ରିଲ ପହିଲା ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କର ଆଧାର ନମ୍ବର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବେ। ଆଧାର ବିବରଣୀ ଦାଖଲ ନିମନ୍ତେ ଏକ ନୂତନ ଫର୍ମ ୬(ଖ) ପ୍ରଚଳନ କରାଯାଇଛି। ମତଦାତାମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଆଧାର ତଥ୍ୟ ପ୍ରଦାନ ଲାଗି ଅଫଲାଇନ ଏବଂ ଅନଲାଇନରେ ଭରିପାରିବେ। ତେବେ ଅନଲାଇନ ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ସଂଶୋଧିତ ଆଇନ ଦ୍ୱାରା ୧୭+ ଭୋଟର ମାନେ ଗୋଟିଏ ବର୍ଷ ପୂର୍ବରୁ ନିଜ ନାମ ପଞ୍ଜୀକରଣ କରିପାରିବେ। ୧୮ବର୍ଷ ହେବା ପରେ ସେମାନଙ୍କ ନାମ ଭୋଟର ତାଲିକାରେ ସ୍ଥାନ ପାଇବ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏବଂ ଖୋର୍ଦ୍ଧା(ଅତିରିକ୍ତ ଦାୟିତ୍ୱ) ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସୂଚନା ଅଧିକାରୀ ଜିତେନ୍ଦ୍ରିୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଚାମ୍ପିୟନ

### ଏସ୍‌କେ ନାଜିର ମେମୋରିଆଲ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଅଫିସ,୬।୯

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଯୁବ ସଙ୍ଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଏସ୍‌କେ. ନାଜିର ମେମୋରିଆଲ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ମିଳନ ୟୁଥ କ୍ଲବ ମୁକୁନ୍ଦପ୍ରସାଦ, ୭୨କ୍ଲବ ଥଣାପଲ୍ଲି, ଏଏଫସି କେରଙ୍ଗ, ନ୍ୟୁ ୟୁଥ କ୍ଲବ କରଡ଼ାପଲ୍ଲି, ଏସ୍‌ଏସ୍‌ଏ ଶରଧାପୁର, ଜଟଣୀ୧୧, ଜଗାବଳିଆ ବରସାହି ଏବଂ ରାଇଜିଂ କ୍ଲବ ତରତୁଆ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ କେରଙ୍ଗ ଏବଂ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ




ଅତିଥିଙ୍କ ଗହଣରେ ଫୁଟବଲ ଦଳର ଖେଳାଳିମାନେ।

ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ଶରଧାପୁର ୩-୨ ଗୋଲରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ସେକ୍ ଜାହିଦ ଟୁର୍ନାମେଣ୍ଟର ବେଷ୍ଟ ଅଫ ଦି ପ୍ଲେୟର ଭାବେ ପୁରସ୍କୃତ ହୋଇଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୩ ହଜାର ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମହମ୍ମଦ ନଇମ,ସଗିର ଅହମ୍ମଦ, ଅମଜାଦ ଖାଁ, ବାହାଦୁର ଖାଁ ଏବଂ ସେକ ଓବେଦୁର ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ମନ୍ମଥ ରାଉତରାୟ, କେରଙ୍ଗ ସରପଞ୍ଚ ମବରୁର ହୁସେନ, ଅମିରୁଦ୍ଦିନ ଖାଁ, ମୁନୱର ଅହମ୍ମଦ, ମୌଲାନା ମିର ଅବଦୁଲ ହଫିଜ, ମୌଲାନା ଫଜଲ ହକ ଖାଁ, ସେକ୍ ଶରିଫ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

## ଗୁରୁବ୍ରହ୍ମା ସମ୍ମାନରେ ଶିକ୍ଷକ ସମ୍ବର୍ଦ୍ଧିତ

କଣାସ,(ସ୍ୱ.ପ୍ର): କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଡା ପଞ୍ଚାୟତର ନୂଆଗାଁ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଦିଲୀପ ଶ୍ରୀଚନ୍ଦନ କାର୍ଯ୍ୟ ଓ କୃତିକୁ ନେଇ ଗୁରୁଦିବସରେ ଭୁବନେଶ୍ୱରରେ ଏକ ଉତ୍ସବରେ ଗୁରୁବ୍ରହ୍ମା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ବର୍ତ୍ତମାନ କଣାସର କାଦୁଆ ପଞ୍ଚାୟତର ସାନଓରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ସିଭିରମଣ ଗ୍ଲୋବାଲ୍ ୟୁନିଭରସିଟ୍ ଅଧ୍ୟକ୍ଷ ସଞ୍ଜୀବ ରାଉତ ଅତିଥି ଭାବେ ଯୋଗଦେଇ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଖବର କଣାସ ଅଞ୍ଚଳରେ ପହଞ୍ଚିବା ପରେ ଅନେକେ ଶ୍ରୀଚନ୍ଦନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦିଲୀପ ସାର୍‌ଙ୍କ ପେସା ଶିକ୍ଷକତା ହୋଇଥିଲେ ମଧ ନିଶା ଧର୍ମ ପ୍ରଚାରକରିବା, ରଥଯାତ୍ରାରେ ଧାରାବିବରଣୀ ଦେବା ଏବଂ ପ୍ରତିବର୍ଷ ଛାତ୍ରୀଛାତ୍ରଙ୍କୁ ନେଇ ଗଛ ଲଗାଇବା। ଏଥିସହ ସେ ୧୫ ପୁସ୍ତକ ରଚନା କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୯।୨୦୨୨

| | |
|---|---|
| ୩,୯୬,୧୩୪ ଟଙ୍କା | |
| ସୁନା | ୨୨.୧୫୦ ଗ୍ରାମ |
| ରୁପା | ୧୦.୩୦୦ ଗ୍ରାମ |

# ପୁଅକୁ ଧରି ଶାଶୁଘର ଆଗରେ ମହିଳାଙ୍କ ଧାରଣା

- ସ୍ୱାମୀ ୨ୟ ବିବାହ କରିଥିବା ଅଭିଯୋଗ
- ଛାଡ଼ପତ୍ର ଆବେଦନ ଖାରଜ କରିଛନ୍ତି କୋର୍ଟ

ପୁରୀ ଅଫିସ,୬।୯:



ନ୍ୟାୟ ପାଇଁ ଶାଶୁଘର ଆଗରେ ଧାରଣାରେ ବସିଛନ୍ତି ବୋହୂ ଶୁଭଲକ୍ଷ୍ମୀ ପ୍ରଧାନ। ଜିଲା ପରିବାର କୋର୍ଟରେ ତାଙ୍କ ସ୍ୱାମୀ ପ୍ରହଲ୍ଲାଦ ପ୍ରଧାନ କରିଥିବା ଛାଡ଼ପତ୍ର ମାମଲା ଖାରଜ ହେବା ପରେ ୫ ବର୍ଷର ପୁଅକୁ ଧରି ସ୍ୱାମୀଙ୍କ ଘର ଆଗରେ ଶୁଭଲକ୍ଷ୍ମୀ ଧାରଣା ଦେଉଛନ୍ତି। ତାଙ୍କ ସହ ସାମାଜିକ କର୍ମୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ଶୁଭଲକ୍ଷ୍ମୀଙ୍କ ମା ଓ ଅନ୍ୟ ପରିବାର ଲୋକେ ମଧ ଘଟଣା ସ୍ଥଳରେ ଉପସ୍ଥିତ ରହିଛନ୍ତି। ସେ ନିଜ ପାଇଁ ଓ ପୁତ୍ର ପାଇଁ ନ୍ୟାୟ ମାଗୁଥିବା ବେଳେ ସ୍ୱାମୀଙ୍କ ପୈତୃକ ଘରେ ରହିବାକୁ ଅଡ଼ି ବସିଛନ୍ତି। ସୂଚନା ଅନୁଯାୟୀ, ପୁରୀ ଚନ୍ଦନପୁର ଅନ୍ତର୍ଗତ ଜିରାକନ୍ଦି ଗାଁର ଶୁଭଲକ୍ଷ୍ମୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପ୍ରହଲ୍ଲାଦଙ୍କୁ ୨୦୧୫ରେ ବିବାହ କରିଥିଲେ। ପରେ ତାଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା। ମାତ୍ର କିଛିଦିନ ପରେ ଶାଶୁ ଓ ନଣନ୍ଦ ନିର୍ଯାତନା ଦେବାରୁ ଶୁଭଲକ୍ଷ୍ମୀ ବାପଘରକୁ ଚାଲିଯାଇଥିଲେ। ବାରମ୍ବାର ଦୁଇପକ୍ଷ ମଧରେ ଆଲୋଚନା ସତ୍ତ୍ୱେ ସମାଧାନ ହୋଇପାରି ନ ଥିଲା। ଇତିମଧ୍ୟରେ ତାଙ୍କ ସ୍ୱାମୀ ପରିବାର କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରିବା ପରେ ମାମଲା ବିଚାରାଧୀନ ହୋଇଥିଲା। ଗତ ୪ ତାରିଖରେ ଏହି ମାମଲାର ଶୁଣାଣି ବେଳେ ସ୍ୱାମୀ ପ୍ରହଲ୍ଲାଦ କୋର୍ଟରେ ଉପସ୍ଥିତ ନ ହେବାରୁ ବିଚାରପତି ଛାଡ଼ପତ୍ର ଆବେଦନକୁ ଖାରଜ କରିଥିଲେ। ଏହାପରେ ଶୁଭଲକ୍ଷ୍ମୀ ପୁଅ ସହ ସ୍ୱାମୀ ଘରକୁ ଯାଇଥିଲେ ମଧ ଶାଶୁଘର ରଖି ନ ଥିଲେ। ଏ ନେଇ ଶୁଭଲକ୍ଷ୍ମୀ ସମୁଦ୍ରକୂଳ ଥାନାକୁ ଯିବାରୁ ପୋଲିସ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ ରାଜି ହୋଇ ନ ଥିଲେ। ଫଳରେ ଶୁଭଲକ୍ଷ୍ମୀ ଶାଶୁଘର ଆଗରେ ଥିବା ଦୋକାନ ସମ୍ମୁଖରେ ଧାରଣା ଦେଇଛନ୍ତି।

ଏ ନେଇ ଶୁଭଲକ୍ଷ୍ମୀ କହିଛନ୍ତି, ବିବାହ ଦିନଠାରୁ ମୋତେ ନିର୍ଯାତନା ଦିଆଯାଉଥିଲା। ମୋ ସୁନା ଅଳଙ୍କାର ନେଇଯିବା ସହ ଗର୍ଭବତୀ ଥିବାବେଳେ ଛୁଆକୁ ମାରିବା ପାଇଁ ଶାଶୁ ଓ ନଣନ୍ଦ ଯୋଜନା କରିଥିଲେ। ଫଳରେ ବାପଘରକୁ ଚାଲି ଆସିଥିଲି। ପରେ ଯିବାରୁ ସେମାନେ ଘରେ ପୂରାଇଲେ ନାହିଁ। ଅନ୍ୟପଟେ ସ୍ୱାମୀ ପେଣ୍ଠକଟାରେ ଜଣେ ମହିଳାଙ୍କୁ ବିବାହ କରିଛନ୍ତି। ଏଥିପାଇଁ ସେ ଛାଡ଼ପତ୍ର ଆବେଦନ କରିଥିଲେ। ତେଣୁ ମୋତେ ଓ ମୋ ପୁଅକୁ ନ୍ୟାୟ ଦରକାର ବୋଲି ସେ ଦାବି କରିଛନ୍ତି। ସେହିଭଳି ଶାଶୁ ମନୋରମା ପ୍ରଧାନ କହିଛନ୍ତି, ବୋହୂ ପୁଅ ଦୀର୍ଘଦିନ ହେବ ଅଲଗା ରହୁଥିଲେ। ପୁଅ ଆମ ସହ ନ ରହି ପେଣ୍ଠକଟାରେ ରହୁଛି। ଏଣୁ ସେ ନିଜ ସ୍ୱାମୀ ନିକଟରେ ଦାବି ନ ରଖି ଆମକୁ ହଇରାଣ କରୁଛି। ଏପରିକି ବିବାହ ପରେ ବୋହୂ ମୋତେ ନିର୍ଯାତନା ଦେଉଥିଲେ। ଏନେଇ ମୁଁ ଉଭୟ ମହିଳା କମିଶନ ଓ ଏସଡିଜେଏମ୍ କୋର୍ଟରେ ଦ୍ୱାରସ୍ଥ ହୋଇଛି। ମୋ ଦୋକାନ ସମ୍ମୁଖରେ ବସୁଥିବା ହେତୁ ମୋର ବ୍ୟବସାୟ ବ୍ୟାହତ ହେଉଛି। ଶୁଭଲକ୍ଷ୍ମୀ ସୋମବାର ରାତିରୁ ୫ ବର୍ଷର ପୁଅ ସହ ଧାରଣା ଦେଉଥିବା ହେତୁ ଭୋକ ଉପାସରେ ପୁଅର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଛି। ଫଳରେ ପୁତ୍ର ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛି।

## ବ୍ଲକସ୍ତରୀୟ ପରାମର୍ଶ ଶିବିର



ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ଉପସ୍ଥିତ ଅତିଥି।

ନିମାପଡ଼ା,୬।୯(ଡି.ଏନ୍.ଏ.):

ଓଡ଼ିଶା ଜୀବିକା ମିଶନ ନିମାପଡ଼ା ବ୍ଲକ ପକ୍ଷରୁ ଓର୍‌ମାସ(ପୁରୀ) ସହାୟତାରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ ପରାମର୍ଶ ଶିବିର ମଙ୍ଗଳବାର ସ୍ଥାନୀୟ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓର୍‌ମାସ (ପୁରୀ)ର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ଦାଶ, ଜିଲା ସଂଯୋଜକ ପ୍ରିୟରଞ୍ଜନ ଜେନା, ବିଡିଓ ବସନ୍ତ ମଲ୍ଲିକ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍) ମଧୁଛନ୍ଦା ପ୍ରଧାନ, ବ୍ଲକ ମହିଳା ମହାସଂଘ ସଭାପତି ସୌଦାମିନୀ ବେହେରା ପ୍ରମୁଖ ଯୋଗଦେଇ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶିବିରରେ ୫ଟି ତାଲିମ ପ୍ରଦାନକାରୀ ସଂସ୍ଥାର ଟ୍ରେନର ଆକାଶ ଜେନା, ମିତାଲି ଜେନା, ସଂଘମିତ୍ରା ପାଣିଗ୍ରାହୀ, ରୀତା ଭୂୟାଁ, ଦୟାଳୁ ବାରିକ, ଜ୍ୟୋତ୍ସ୍ନାରାଣୀ ଜେନା, ରଶ୍ମିତା ଜେନା, ମମତା ବରାଳ ପ୍ରମୁଖ ଯୋଗଦେଇ ବିଭିନ୍ନ ସଂସ୍ଥା, ଟ୍ରେଡ୍ ସମ୍ପର୍କରେ ଯୁବତୀ ଯୁବକମାନଙ୍କୁ ଅବଗତ କରିଥିଲେ। ଶିବିରରେ ବ୍ଲକର ୨୫୦ଜଣ ଯୁବତୀ ଯୁବକ ଯୋଗଦେଇଥିଲେ। ସ୍ୱାବଲମ୍ବୀ ହୋଇଥିବା ୫ଜଣ ଆଲୁମ୍‌ନିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ଜୀବିକା ମିଶନ ନିମାପଡ଼ା ବ୍ଲକର ବିଏଲ୍‌ସି ସବ୍ୟସାଚୀ ମହାରଣା, ଜୟସ୍ମିତା ପ୍ରଧାନ, ପ୍ରଦେଶ ମହାନ୍ତି ପ୍ରମୁଖ ଶିବିରର ସଂଯୋଜନା ଓ ପରିଚାଳନା କରିଥିବାବେଳେ ବିପିଏମ୍ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ନିମାପଡ଼ା,୬।୯(ଡି.ଏନ୍.ଏ.): ପୋଖରୀରେ ବୁଡି ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ ମଣିଜଙ୍ଗାପାଟଣା ଗ୍ରାମର ମାଳତୀ ବେହେରା (୬୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ମାଳତୀ ସୋମବାର ରାତିରେ ଗ୍ରାମର ଏକ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ରାତିରେ ବହୁ ଖୋଜାଖୋଜି କରିଥିଲେ ମଧ ମାଳତୀଙ୍କ ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ସକାଳେ ଉକ୍ତ ପୋଖରୀରେ ବୃଦ୍ଧାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ ମୃତାଙ୍କ ପୁଅ ବାଲୁଙ୍କେଶ୍ୱର ବେହେରା(୩୬) ଥାନାରେ ଅଭିଯୋଗ କରିଛନ୍ତି। ବୃଦ୍ଧାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଡେଲାଙ୍ଗ,୬।୯(ଡି.ଏନ୍.ଏ.): ଖୋର୍ଦ୍ଧାରୋଡ-ପୁରୀ ରେଳପଥର ଜଗଦଳପୁର ସନ୍ନିକଟ ଲେଭଲ କ୍ରସିଂର କିଛି ଦୂର ରେଳ ଧାରଣାରୁ ମଙ୍ଗଳବାର ସାକ୍ଷୀଗୋପାଳ ରେଳବାଇ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ଯୁବକଙ୍କ ବୟସ ୩୫ବର୍ଷ ହୋଇଥିବା ପୋଲିସ ଅନୁମାନ କରୁଛି। ତାଙ୍କ ପାଟିରୁ ଫେଣ ବାହାରୁ ଥିବାବେଳେ ଦେହର ରଙ୍ଗ ଗହମ ବର୍ଣ୍ଣ, ଉଚ୍ଚତା ୫ ଫୁଟ ୫ ଇଞ୍ଚ, କଫି ରଙ୍ଗର ପ୍ୟାଣ୍ଟ ଓ ଚେକ ପକା ଧଳା ଶାର୍ଟ ପିନ୍ଧିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୨୬/୨୨)ରୁଜୁ କରିଛି। ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିବା ସାକ୍ଷୀଗୋପାଳ ରେଳବାଇ ପୋଲିସ ଫାଣ୍ଡି ଅଧିକାରୀ ରମେଶ ଦାଶ ସୂଚନା ଦେଇଛନ୍ତି।

### ଟ୍ରାଫିକ୍ ଜାମ୍‌ରେ ଫସିଲା ୧୦୮ ଆମ୍ବୁଲାନ୍ସ

ଗୋପ,୬।୯(ଡି.ଏନ୍.ଏ.)- ଗୋପ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ଟାଫ୍ରିକ୍ ଜାମ ଯୋଗୁ ଗୋଟିଏ ୧୦୮ ଆମ୍ବୁଲାନ୍ସ କିଛି ସମୟ ପାଇଁ ଫସିଯାଇଥିଲା। ପ୍ରକାଶ ଯେ, ଗୋପ ଡାକ୍ତରଖାନାରେ ଗୋଟିଏ ୧୦୮ ଆମ୍ବୁଲାନ୍ସ ଥିବାରୁ ଅଧିକାଂଶ ରୋଗୀ ଆମ୍ବୁଲାନ୍ସ ସେବା ଠିକ୍ ଭାବେ ପାଇପାରୁ ନାହାନ୍ତି। ଆମ୍ବୁଲାନ୍ସର ୪ଟି ଚକାରୁ ତାର ବାହାରିବା ବେଳେ ରୋଗୀମାନେ ଭୟରେ ଆମ୍ବୁଲାନ୍ସରେ ଯାଉଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଏହି ଆମ୍ବୁଲାନ୍ସଟି ଗୋପ ବଜାର ନିକଟରେ ଯାଉଥିବାବେଳେ ଟ୍ରାଫିକ ଜାମ ଲାଗିରହିଥିଲା। ଫଳରେ ଆମ୍ବୁଲାନ୍ସ ପ୍ରାୟ ୨୨ ମିନିଟ ଧରି ଫସି ରହିଥିଲା। ଏଥିଯୋଗୁ ୧୦୮ ଆମ୍ବୁଲାନ୍ସଟି ରୋଗୀ ନେଇ ବିଳମ୍ବ ଯାଇଥିଲା। ବଜାରର ଦୁଇପାର୍ଶ୍ୱରେ ଜବରଦଖଲ ଯୋଗୁ ଏଭଳି ସମସ୍ୟା ଦେଖାଯାଉଛି। ତୁରନ୍ତ ଜବରଦଖଲ ଉଚ୍ଛେଦ କରିବା ସହ ପୋଲିସ ମୁତୟନ ଲାଗି ଦାବି କରାଯାଇଛି।

### ପୁରସ୍କାର ବିତରଣ ଉତ୍ସବ

ପୁରୀ ଅଫିସ,୬।୯ ଜିଲା ଯୋଗାସନ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଅତିଥି ଭାବରେ ବିଦ୍ୟାଳୟର ସମ୍ପାଦକ ମାଧବଚନ୍ଦ୍ର ମହାପାତ୍ର, ସୁରଜ ମଲ ଶାହା, କଲେଜ କ୍ରୀଡ଼ା ପ୍ରଶିକ୍ଷକ ହରିହର କରଙ୍କ ଉପସ୍ଥିତିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ଗତ ୨୮ତାରିଖରେ ବିଦ୍ୟାମନ୍ଦିରରେ ପୁରୀ ଜିଲା ଯୋଗାସନ ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ ପ୍ରତିଯୋଗିତା ହୋଇଯାଇଥିଲା। ପ୍ରତିଯୋଗିତାରେ ୧୦୧ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅଲ ନ୍ୟାଚୁରାଲ ଅଲ ପ୍ରାଇଭେଟ ଲିମିଟେଡ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।



ବିଭିନ୍ନ ଦାବି ନେଇ ଶ୍ରୀକ୍ଷେତ୍ର ଅଟୋ ଚାଳକ ୟୁନିୟନ ପକ୍ଷରୁ ମଙ୍ଗଳବାର ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

## ଅଟୋ ଚାଳକଙ୍କ ପକ୍ଷରୁ ଏସ୍‌ପି ଅଫିସ ଘେରାଉ

ପୁରୀ ଅଫିସ,୬।୯

ପୁରୀରେ ଯାତ୍ରୀ ପରିବହନ ଓ ଅଟୋ ଚାଳନା କ୍ଷେତ୍ରରେ ମାର୍ଗଦର୍ଶିକା ନ ଥିବା ଯୋଗୁ ପୋଲିସ ଜୁଲମର ଶିକାର ହେଉଛନ୍ତି ଅଟୋ ଡ୍ରାଇଭର। ବିନା କାରଣରେ ପୋଲିସ ଗାଡି ନେଇଯାଉଛନ୍ତି ତ କେତେବେଳେ ମାତ୍ରାଧିକ ଜରିମାନା ଆଦାୟ କରୁଛନ୍ତି। ଏଭଳି ବିଭିନ୍ନ କାରଣକୁ ନେଇ ଶ୍ରୀକ୍ଷେତ୍ର ଅଟୋ ଚାଳକ ୟୁନିୟନ ଅଟୋ ଚାଳକମାନଙ୍କ ପକ୍ଷରୁ ମଙ୍ଗଳବାର ଗୁଣ୍ଡିଚା ମନ୍ଦିରଠାରୁ ଶୋଭାଯାତ୍ରା କରି ଏସ୍‌ପି ଅଫିସ ଯାଇ ଘେରାଉ କରାଯାଇଥିଲା। ଏଥିରେ ୟୁନିୟନ ସଭାପତି ଶରତ କୁମାର ରାୟଗୁରୁ, ସମ୍ପାଦକ କୃପାସିନ୍ଧୁ ପଣ୍ଡା, ଜଗନାଥ ଦେଓ, ମନୋରଞ୍ଜନ ମହାରଣା, ରାଜକିଶୋର ସାହୁ, ପୂର୍ଣ୍ଣ ମୁଦୁଲି, ଯୁଧିଷ୍ଠିର ନାୟକ, ଚରଣ ସାହୁ, ରାଜେଶ ଜେନା, ଗୋବିନ୍ଦ ମାନ୍ନା, ନୃସିଂହ ସେଠି, ଚୁନା ନାୟକ, ରତନ ସାହୁ ପ୍ରମୁଖ ସାମିଲ ଥିଲେ। ଅଟୋ ଚାଳନାରେ ଷ୍ଟାଣ୍ଡ ନ କରି ମୁକ୍ତାଞ୍ଚଳ ଘୋଷଣା ସହ ମାର୍ଗଦର୍ଶିକା ଜାରି କରିବା, ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ପରିଚୟ ପତ୍ର ଦେବା, ପୋଲିସ ଜୁଲମ ବନ୍ଦ ପାଇଁ ଆଦି ଦାବି ସମ୍ବନ୍ଧିତ ଏକ ଦାବିପତ୍ର ଦେଇ ଏସ୍‌ପି କେ.ବିଶାଲ ସିଂଙ୍କୁ ଦେବା ସହ ଆଲୋଚନା କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଟ୍ରାଫିକ ଆଇଆଇସି, ଡିଏସପି ସହ ଅଟୋ ୟୁନିଅନ କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା ହୋଇଥିଲା। ଏଥିରେ ଦାବିଗୁଡ଼ିକ ଆଗାମୀ ଦିନରେ ମ୍ୟୁନିସିପାଲିଟି ସହ ବୈଠକ ହୋଇ ନିଷ୍ପତ୍ତି ନିଆଯିବ ବୋଲି ସଭାପତି ରାୟଗୁରୁ ସୂଚନା ଦେଇଛନ୍ତି।

## ବନ୍ୟାଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର ଦାବି

ପୁରୀ ଅଫିସ,୬।୯

କଣାସ ବ୍ଲକ, ସତ୍ୟବାଦୀ ଏବଂ ଡେଲାଙ୍ଗ ବ୍ଲକର ପ୍ରଳୟଙ୍କରୀ ବନ୍ୟା ଓ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ପ୍ରତିକାର ଦାବିରେ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ସଭାପତି କୃଷ୍ଣ ଜଗଦ୍ଦେବ ଓ ସମ୍ପାଦକ କାମାକ୍ଷା ପ୍ରଧାନଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ୮ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦୟା ଓ ମକରା ନଦୀର ଉଭୟ ପାର୍ଶ ବନ୍ଧର ସୁଦୃଢ଼ୀକରଣ, ନଦୀ ଶଯ୍ୟା ଖନନ, ଚିଲିକା ମୁହାଣ ଖନନ, ଖରଖରା, ଲେଣ୍ଟୁ କାଦୁଆ ଘାଟ ରାସ୍ତାରେ ସ୍ଲୁଇସ ଗେଟ ନିର୍ମାଣ ପ୍ରଭୃତି ଦାବିରେ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଏକ ଉଚ୍ଚସ୍ତରୀୟ ବୈଠକର ଆୟୋଜନ କରାଯାଇ ସେଥିରେ ଡିପିଆର ଓ ମାଷ୍ଟରପ୍ଲାନ ପ୍ରସ୍ତୁତି ପାଇଁ ଜିଲାପାଳଙ୍କୁ ପ୍ରୟାସର ପ୍ରତିନିଧିମାନେ ଅବଗତ କରାଇ ଥିଲେ। ଜିଲାପାଳ ବର୍ମା ତୁରନ୍ତ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞଙ୍କର ବୈଠକ ଡାକି ସମସ୍ୟାର ସମାଧାନ ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ କଣାସ ବ୍ଲକ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଆଦିକନ୍ଦ ଶ୍ରୀଚନ୍ଦନ, ବାଲୁଙ୍କିବିଶାଳ, ମହେଶ୍ୱର ସେଠୀ, ବିଶ୍ୱଜିତ ବଡ଼ଜେନା, ବିଷ୍ଣୁଜୟ ମତଗଜସିଂହ, ଶ୍ରୀନିବାସ ପାତ୍ର, କିଶୋର ମାର୍ଥା , ବିଶ୍ୱଜିତ ଜଗଦ୍ଦେବ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ନୀତି ସମ୍ପନ୍ନ

ପୁରୀ ଅଫିସ,୬।୯

ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ପାଶ୍ୱ ପରିବର୍ତ୍ତନ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗମଣ୍ଡପ ଶେଷ ପରେ ତିନିବାଡ଼ରେ ମହାସ୍ନାନ, ନୂଆଲୁଗା ଲାଗି, ଚନ୍ଦନ ଲାଗି ହୋଇଥିଲା। ପରେ ଧୂପ ସନ୍ଧ୍ୟା ଆଳତି ପରେ ଏକାଦଶୀ ବେଢ଼ାକୁ ମଦନମୋହନ ବିଜେ କଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରିଥିଲେ। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ମଦନମୋହନ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ବିଜେ ହୋଇ ଏକ ଘେରା ମନ୍ଦିର ବୁଲିଥିଲେ। ପରେ ଦକ୍ଷିଣଘରକୁ ମଦନମୋହନ ବିଜେ କରିଥିଲେ। ସନ୍ଧ୍ୟାଧୂପ ପରେ ଅନନ୍ତ ବାସୁଦେବ ମନ୍ଦିର ମଧରେ ପବିତ୍ରାଧିବାସ ନିମନ୍ତେ ଦେଉଳ ପୁରୋହିତ ଆଚାର୍ଯ୍ୟବରଣ ହୋଇ ହୋମ କରିଥିଲେ। ପ୍ରଥମ ବଡ଼ସିଂହାର ଭୋଗ ପରେ ଖଟଶେଯ ଘର ଧୋପଖାଳ ହୋଇ ମୁରୁଜରେ ତିନିଟି ମଣ୍ଡଳ କଟାଯାଇଥିଲା ଓ ପୂର୍ଣ୍ଣକୁମ୍ଭ ସ୍ଥାପନ ହୋଇଥିଲା। ତା' ପୂର୍ବରୁ ସେଠାରେ ଖଟଶେଯ ବାହାର କରାଯାଇଥିଲା। ମଣ୍ଡଳରେ ତିନିଟି ଚାଙ୍ଗୁଡ଼ିରେ ପବିତ୍ର ନିଅଁମୂର୍ତ୍ତି, ତିନିମୂର୍ତ୍ତି ପତନି ଘୋଡ଼ାଇ ରଖାଯାଇଥିଲା। ଦେଉଳ ପୁରୋହିତ ବରୁଣ ପୂଜା କରି ନୀତି ସମ୍ପାଦନା କରିଥିଲେ। ଏହି ନୀତି ପରେ ଖଟଶେଯ ଘରଦ୍ୱାର ବନ୍ଦ ହୋଇ ତଢଉକରଣଙ୍କ ଦ୍ୱାରା ମୁଦ ହୋଇଥିଲା। ଏହାପରେ ରତ୍ନବେଦିରେ ଠାକୁରମାନେ ମଇଲମ, ମହାସ୍ନାନ ହୋଇ ନୂଆଲୁଗା ଲାଗି ହୋଇଥିଲେ। ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଘଣ୍ଟ, ଛତ୍ର, କାହାଳୀରେ ୩ଟି ରୁପା ପିଙ୍ଗଣରେ ଚନ୍ଦନ ବିଜେ କରାଯଇ ସର୍ବାଙ୍ଗ ଲାଗି କରାଯାଇଥିଲା। ଏହାପରେ ବଲ୍ଲଭ ବଡ଼ସିଂହାର ବେଶ ହୋଇ ୬ମୂର୍ତ୍ତି ଅଳଙ୍କାର ଲାଗି ହେବା ପରେ ଘଣ୍ଟ, ଛତା, କାହାଳୀ ସହ ତଲୁଛ ମହାପାତ୍ର ଓ ପ୍ରଧାନୀ ସେବକ ପଟୁଆରରେ ବଲ୍ଲଭ ବଡ଼ସିଂହାର ଭୋଗ ଛାମୁକୁ ଆଣିଥିଲେ। ଶ୍ରୀମନ୍ଦିରରେ ୨ଥର ବଡ଼ସିଂହାର ବେଶ ଓ ଭୋଗ ହୋଇଥିଲା। ଷୋଡଶ ଉପଚାର ପୂଜା ଶେଷ ହୋଇ କର୍ପୂର ଆଳତି ହେବା ପରେ ପାର୍ଶ୍ୱପରିବର୍ତ୍ତନ ନୀତି ଅନୁଷ୍ଠିତ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା।

## ଗବେଷକ ସାରଙ୍ଗଧରଙ୍କୁ ଜଗନ୍ନାଥ ଦାସ ସମ୍ମାନ

### ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ବାର୍ଷିକୋତ୍ସବ

ପୁରୀ ଅଫିସ,୬।୯

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପୁରୀର ୩୩ତମ ବାର୍ଷିକୋତ୍ସବ ଜିଲା ସଂସ୍କୃତି ଭବନ ସଭାଗୃହରେ ସାମ୍ମୁଖ୍ୟର ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ମଠର ମଠାଧୀଶ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଓ ଉତ୍ତରପାର୍ଶ୍ୱର ମଠାଧୀଶ ନାରାୟଣ ରାମାନୁଜ ଦାସ ଯୋଗଦେଇଥିଲେ। ମୁଖ୍ୟ ଅତିଥି ରୂପେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଓ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ, ପଣ୍ଡିତ ଦୟାନିଧି ପଣ୍ଡାଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଅତିଥି ପରିଚୟ ଦେଇଥିଲେ ଅନୁଷ୍ଠାନ ଉପ-ସଭାପତି ଶିବସୁନ୍ଦର ମିଶ୍ର। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସାରଙ୍ଗଧର ରାୟଗୁରୁଙ୍କୁ ୨୦୨୨ର ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ଉପଦେଷ୍ଟା ରବୀନ୍ଦ୍ରନାଥ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସେହିପରି କାଶୀନାଥ ଖୁଣ୍ଟିଆ, ସୁକାନ୍ତି ନନ୍ଦ, ଆଶାଲତା ଦାଶ, ସୁଷମା ଲେଙ୍କା, କାନନବାଳା ପଟ୍ଟନାୟକ, ରତ୍ନାକର ବେହେରା (ସର୍ବଗିଳା), ଅଶୋକ କାନୁନ୍‌ଗୋ, ଗୋପୀନାଥ ଦାଶ ଓ ନିଶିକାନ୍ତ କହ୍ନେଇସିଂହଙ୍କୁ ସାରସ୍ୱତ ସମ୍ମାନ ଦିଆଯାଇଥିଲା। ଅନୁଷ୍ଠାନର କୋଷାଧ୍ୟକ୍ଷ ଦୀନବନ୍ଧୁ ଦାଶ ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ ୫୦ ଜଣ କବିଙ୍କୁ ନେଇ କବିତା ପାଠୋତ୍ସବ ହୋଇଥିଲା। କବି ନାଟ୍ୟକାର ହରିହର ମିଶ୍ର ଓ ବ୍ୟଙ୍ଗକବି ଦେବୀପ୍ରସନ୍ନ ନନ୍ଦ, ଗୀତିକବି ବଦ୍ରୀ ମିଶ୍ର, କବି ଦାମୋଦର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ସୁଶ୍ରୀ ହରପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା

### କଣାସରେ ୨୮୭, ଡେଲାଙ୍ଗରେ ୨୦୩ ଛାତ୍ରୀଛାତ୍ର ଭାଗନେଲେ

କଣାସ/ଡେଲାଙ୍ଗ, ୬।୯(ସ୍ୱ.ପ୍ର./ଡେଲାଙ୍ଗ)

ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା-୨୦୨୨ ମଙ୍ଗଳବାର କଣାସ ବ୍ଲକର ୨ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାପାଇଁ ୧୭୯ଜଣ ଆବେଦନ କରିଥିବା ବେଳେ ୧୭୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେହିପରି ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ପାଇଁ ୧୧୨ଜଣ ଆବେଦନ କରିଥିବାବେଳେ ୧୧୧ଜଣ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାକେନ୍ଦ୍ର ୨ଟିକୁ କଣାସ ବିଇଓ ମୀନକେତନ ସାମନ୍ତରାୟ ଏବଂ ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ ପରିଦର୍ଶନ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ଚୌଧୁରୀ ଏବଂ ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ପରିଚାଳନା କରିଥିଲେ। ସେହିପରି ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠରେ ୨୦୩ଜଣ ଛାତ୍ରୀଛାତ୍ର ଏହି ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। ବ୍ଲକରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର ୨୧୧ଜଣ ମଧ୍ୟରୁ ମାତ୍ର ୮ଜଣଙ୍କ ଅନୁପସ୍ଥିତ ଥିଲେ। ଏହି ପରୀକ୍ଷାରେ ପର୍ଯ୍ୟବେକ୍ଷକ ଭାବେ ସହକାରୀ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡା କାର୍ଯ୍ୟ ତୁଲାଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ଭୋଇ ଓ ସହକାରୀ ଶିକ୍ଷକ ଶ୍ରୀଧର ପ୍ରଧାନ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

## ମହମବତି ତାଲିମ ଶିବିର ଉଦ୍‌ଯାପିତ

ପୁରୀ ଅଫିସ,୬।୯:

ବ୍ରହ୍ମଗିରି ବ୍ଲକ୍ କପିଳେଶ୍ୱରପୁର ବ୍ଲକ୍ ୪ର୍ଥ ଶଦନ ଗ୍ରାମରେ ୟୁକୋ ଗ୍ରାମୀଣ ସ୍ୱୟଂ ନିଯୁକ୍ତି ତାଲିମ ଅନୁଷ୍ଠାନ ଦ୍ୱାରା ଚାଲିଥିବା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୧୦ଦିନ ବ୍ୟାପୀ ଚାଲିଥିବା ଏହି ମହମବତି ତାଲିମ ଶିବିରରେ ୩୫ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଶିବିରର ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ପୁରୀ ଜିଲା ଏଲଡିଏମ୍ କେ.କେ ଆଚାର୍ଯ୍ୟ ଓ ଏଫଆରସି ମକର କେତନ ପାତ୍ର ପ୍ରମୁଖ ଉପସ୍ଥିତ ରହି ତାଲିମପ୍ରାପ୍ତ ମହିଳାମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ପ୍ରଶିକ୍ଷିତା ରୁନୁବାଳା ସାହୁ, ପ୍ରତିଭା ସାହୁ, ପ୍ରିୟଦର୍ଶିନୀ ମିଶ୍ର ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ତାଲିମ ନେଇଥିବା ମହିଳାମାନେ ଘରେ ବସି ମହମବତି ପ୍ରସ୍ତୁତ କରିପାରିବେ। ଅନୁଷ୍ଠାନର କର୍ମଚାରୀ ସ୍ୱାଗତିକା ମହାପାତ୍ର, ପ୍ରଭାତ ଆଚାର୍ଯ୍ୟ ଓ ସୁକାନ୍ତ ମୁଦୁଲି ଉପସ୍ଥିତ ଥିଲେ।



ମହମବତୀ ତାଲିମ ଶିବିରରେ ଉପସ୍ଥିତ ଅତିଥିଙ୍କ ଗହଣରେ ତାଲିମ ନେଇଥିବା ମହିଳାମାନେ।

# ସ୍ୱତନ୍ତ୍ର ଯାଞ୍ଚ କମିଟି ପାଇଁ ଦାବି

### ଜିଲାବ୍ୟାପୀ କୃଷକ ଆନ୍ଦୋଳନ ଚେତାବନୀ

ପୁରୀ ଅଫିସ,୬।୯:



ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ବନ୍ୟା ହେତୁ ଚାଷଜମି ବାଲି ଓ କାଦୁଅରେ ପୂର୍ଣ୍ଣ ହୋଇଛି। ଫଳରେ ଚାଷଜମିର ଉର୍ବରତା ନଷ୍ଟ ହୋଇଛି। ସମ୍ପୃକ୍ତ ଜମି ଚାଷ ଉପଯୋଗୀ ହୋଇ ନାହିଁ। ଏଣୁ ଏ ନେଇ ଏକ ସ୍ୱତନ୍ତ୍ର ଯାଞ୍ଚ କମିଟି ଗଠନ କରିବା ପାଇଁ ନୀଳଚାଳ କୃଷ ମହାସଂଘ ଜିଲାପାଳଙ୍କ ନିକଟରେ ଦାବି ରଖିଛି। ଚାଷୀଙ୍କର ଆର୍ଥିକ ବୋଝକୁ କମାଇବା ସହ ସାମ୍ବାଧାନିକ, ମୌଳିକ ଓ ସ୍ଥାୟୀ ଅଧିକାର ଦିଗକୁ ଧ୍ୟାନ ଦେଇ କମିଟି ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରୁ। ଜିଲାପାଳ ଏହାର ଅଧ୍ୟକ୍ଷତା କରନ୍ତୁ। ନଚେତ୍ ଜିଲାବ୍ୟାପୀ ଚାଷୀ ଆନ୍ଦୋଳନ କରାଯିବ ବୋଲି ମହାସଂଘର ସଭାପତି ଗୋପୀନାଥ ମିଶ୍ର ଚେତାବନୀ ଦେଇଛନ୍ତି। ସେହିଭଳି ନଦୀ ଓ ନାଳର ଜଳ ବ୍ୟାପକ ଭାବେ ଏପର୍ଯ୍ୟନ୍ତ ମଧ ଫସି ରହିଛି। ଏହାର ନିଷ୍କାସନ ନେଇ ସରକାର ଦାୟିତ୍ୱ ନିଅନ୍ତୁ ବୋଲି କୃଷକ ମହାସଂଘ ଦାବି କରିଛି। ଅନ୍ୟପକ୍ଷେ କୃଷକ ଅଧିକାର ସଂଘ ସମିତି ଓ ଅଖିଳ ଭାରତ କୃଷକ ମହାସଂଘ ମଧ ଜିଲାପାଳଙ୍କ ନିକଟରେ ପହଞ୍ଚି ଦାବି ରଖିଛନ୍ତି। ଦାବି କରାଯାଇଛି ଯେ, ମାଧିପୁରରେ ଥିବା ଘାଇକୁ ସବୁଦିନ ପାଇଁ ବନ୍ଦ କରାଯାଉ। ଅଥବା ମାଧିପୁର କାଜର ବନ୍ୟାଜଳକୁ ଉଭୟ ପାର୍ଶ୍ୱରେ ସଶକ୍ତ ବନ୍ଧ ନିର୍ମାଣ କରାଯାଇ ଚିଲିକାକୁ ନିଷ୍କାସିତ କରାଯାଉ। ଦୟା, ଭାର୍ଗବୀ, ମକରା, ରାଜୁଆ, ମଳାଗୁଣି ଓ ଲୁଣା ନଦୀଶଯ୍ୟାକୁ ଖନନ କରି ନଦୀବନ୍ଧକୁ ଅତିକମ୍‌ରେ ୫ ଫୁଟ୍ ଉଚ୍ଚା କରାଯାଉ। ବନ୍ୟା ପ୍ରଭାବିତ ଚାଷୀଙ୍କୁ ପ୍ରତ୍ୟେକ ୫୦ ହଜାର ଟଙ୍କାର ବୀମା ରାଶି କ୍ଷତିପୂରଣ ପ୍ରଦାନ କରାଯାଉ। ଜଳସେଚନ ନିମନ୍ତେ କଣାସ ବ୍ଲକ୍‌ର ଢୋଲ ପାଟଣାଠାରେ ନିର୍ମାଣାଧୀନ ରାଜୁଆ ନଦୀର ଆନିକଟକୁ ପୂର୍ଣ୍ଣାଙ୍ଗ କରାଯାଉ। ସେହିଭଳି ପ୍ରଶାସନ ସବୁ ବର୍ଗର ଲୋକଙ୍କୁ ଏକାଠି କରି ସ୍ୱତନ୍ତ୍ର ସମୀକ୍ଷା ଓ ଯୋଜନା ପ୍ରଣୟନ ବୈଠକ କରାଯିବା ନେଇ ଦାବି ଉଠିଛି। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଯାଞ୍ଚ କମିଟି ଗଠନ ନେଇ ପ୍ରଶାସନ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବ। ଚାଷୀଙ୍କର ସାମଗ୍ରିକ ବିକାଶ ପାଇଁ ଯାଞ୍ଚ କମିଟିର ଆବଶ୍ୟକ ଥିଲେ ଏହାକୁ କାର୍ଯ୍ୟକାରୀ କରାଯିବ। ବିଭିନ୍ନ ଚାଷୀ ସଙ୍ଗଠନର ଦାବି ଶୁଣିଛୁ ଓ ତଦନୁଯାୟୀ ନିଷ୍ପତ୍ତି ନିଆଯିବ।

## ଚର୍ଚ୍ଚିକା ମନ୍ଦିର ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଦାବିପତ୍ର

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ମନ୍ଦିର ସଂଲଗ୍ନ ୧୧ନଂ. ୱାର୍ଡର ପୂର୍ବ ଦ୍ୱାର ରାସ୍ତା ଦିନକୁ ଦିନ ସଂକୀର୍ଣ୍ଣ ହେବାରେ ଲାଗିଛି। ଫଳରେ ଜନସାଧାରଣ ଓ ଯାନବାହନ ଚଳାଚଳରେ ଅସୁବିଧା ଦେଖାଦେଉଛି। ଏହି ରାସ୍ତାକୁ ପ୍ରଶସ୍ତୀକରଣ ନିମନ୍ତେ ସେବାୟତ କାଳନ୍ଦୀ ଚରଣ ମହାପାତ୍ର, ବିଜୟ ରଣା, ଅନନ୍ତ ରଣା, ଅଶୋକ ରଣା, ଚନ୍ଦ୍ରଶେଖର ମହାପାତ୍ର, ସୁରିଆ ରଣା, ରାଜେଶ ରଣା, ସୁକାନ୍ତ ରଣା, ସିପୁନ ରଣା, ଅଶ୍ୱିନୀ ମହାପାତ୍ର ପ୍ରମୁଖ ବାଙ୍କୀ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡାଙ୍କୁ ସାକ୍ଷାତ କରି ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### କାଠଯୋଡ଼ିରେ ବୁଡ଼ି ନାବାଳକ ମୃତ, ୨ ଉଦ୍ଧାର

କଟକ ଅଫିସ,୬।୯: ଖାନ୍ନଗର ନିକଟ କାଠଯୋଡ଼ି ନଦୀରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଦାମବାଡି ଥାନା ଅଧୀନ ଅମ୍ବିକା ଲେନ୍‌ରେ ରହୁଥିବା ବିଶ୍ୱରଞ୍ଜନ ରାଉତ(୧୭)। ମିଳିଥିବା ସୂଚନା ଅନୁସାରେ, ଅମ୍ବିକା ଲେନ୍‌ର ୩ ଜଣ ନାବାଳକ ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ କାଠଯୋଡ଼ି ନଦୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ବଶତଃ ସେମାନେ ପାଣିସ୍ରୋତରେ ଭାସି ଯାଇଥିଲେ। ଏହା ଦେଖିବା ପରେ ସ୍ଥାନୀୟ ଲୋକେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରିଥିଲେ। ହେଲେ ବିଶ୍ୱରଞ୍ଜନଙ୍କ ପତ୍ତା ମିଳି ନ ଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୨ ଘଣ୍ଟା କାଳ ଖୋଜିବା ପରେ ବିଶ୍ୱରଞ୍ଜନଙ୍କ ମୃତଦେହ ପାଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି।

### ୩ ପଥର ଟ୍ରକ୍ ଜବତ: ଜରିମାନା ଆଦାୟ

ଖୁଣ୍ଟୁଣୀ,୬।୯(ଡି.ଏନ୍.ଏ.): ୫୫ ନମ୍ବର ଜାତୀୟ ରାଜପଥର ଖୁଣ୍ଟୁଣୀ ବଜାରରୁ ସୋମବାର ରାତିରେ ପୋଲିସ ୩ଟି ମାଙ୍କଡାପଥର ବୋଝେଇ ଟ୍ରକ୍ ଜବତ କରିଛି। ଯାଞ୍ଚବେଳେ କୌଣସି ଟ୍ରକ୍‌ର ଚାଳକ ପଥର ଚାଲାଣ ସଂକ୍ରାନ୍ତୀୟ କାଗଜପତ୍ର ପୋଲିସକୁ ଦେଖାଇପାରି ନ ଥିଲେ। ଫଳରେ ଏହି ଟ୍ରକ୍ ମଙ୍ଗଳବାର ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସଙ୍କ ଜିମା ଦିଆଯାଇଥିଲା। ତହସିଲଦାର ଉକ୍ତ ଟ୍ରକ୍‌ରୁ ୬୦ ହଜାର ଜରିମାନା କରିଥିଲେ। ସେଥିମଧ୍ୟରୁ ଦୁଇଟି ଟ୍ରକ୍ ଆଇନ ଭଙ୍ଗ କରିବା ଯୋଗୁ ଅତିରିକ୍ତ ୨୧୬୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ଦାସ କହିଛନ୍ତି। ଢେଙ୍କାନାଳର ବଳଦିଆବନ୍ଧ ଓ କୁରୁମୁଟାଙ୍ଗର ଅଞ୍ଚଳରୁ ଏହି ବେଆଇନ ମାଙ୍କଡ଼ାପଥର ଚାଲାଣ ହୋଇଥିବା ଜଣାପଡିଛି।

### କର୍ପୋରେଟରଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ବିକ୍ଷୋଭ

କଟକ ଅଫିସ,୬।୯: କଟକ ମହାନଗର ନିଗମ ଅଞ୍ଚଳର ଜଣେ କର୍ପୋରେଟର ଓ ସାନିଟାରୀ ଇନ୍ସପେକ୍ଟରଙ୍କ ଏକ ବାର୍ତ୍ତାଳାପ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଅଡିଓରେ କର୍ପୋରେଟର ଜଣଙ୍କ ସାନିଟାରୀ ଇନ୍ସପେକ୍ଟରଙ୍କୁ ଦୁର୍ବ୍ୟବହାର କରୁଥିବା ପ୍ରସଙ୍ଗକୁ ୪୬ ନଂ. ୱାର୍ଡ କଂଗ୍ରେସ କମିଟି ପକ୍ଷରୁ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ କମିଟି ପକ୍ଷରୁ ମଙ୍ଗଳବାର ଶିଖରପୁର ସୁନାଦେଈ ମନ୍ଦିର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

### ଚୋରି, ୨ କୋର୍ଟ ଚାଲାଣ

ଚୌଦ୍ୱାର,୬।୯(ଡି.ଏନ୍.ଏ.): ଏସି ମେଶିନ୍ ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର କେଦାରେଶ୍ୱର ମୁଣ୍ଡାସାହିର ମିଟୁ ସିଦ୍ଧୁ ଓ ସାଧୁ ଶୁଣ୍ଢୀ। ସେମାନଙ୍କଠାରୁ ଚୋରି ଏସି ମେଶିନ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କେଦାରେଶ୍ୱର ଲକ୍ଷ୍ମୀବିହାର ଅଞ୍ଚଳର ପ୍ରମୋଦ କୁମାର କାନୁନ୍‌ଗୋଙ୍କ ଘରୁ ଏସି ମେଶିନ୍ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୯୪/୨୨) ରୁଜୁ କରିଥିଲା।

### କଟକଚଣ୍ଡୀ ମନ୍ଦିର ମୁଖ୍ୟ ପୂଜକଙ୍କ ପରଲୋକ

କଟକ ଅଫିସ,୬।୯: କଟକ ଚଣ୍ଡୀମନ୍ଦିରର ମୁଖ୍ୟ ପୂଜକ ଲୋକନାଥ ପଣ୍ଡା(୮୫)ଙ୍କର ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଛି। ସେ ଦୀର୍ଘଦିନ ହେବ



ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମଙ୍ଗଳବାର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ବିଶ୍ୱରଞ୍ଜନ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଲୋକନାଥ ସେଖିବଜାର ପୂଜା କମିଟିର ମୁଖ୍ୟ ପରାମର୍ଶଦାତା ଥିଲେ।

# ୨୦୦ ମିଟରରେ ସୀମିତ ରହିବ ଭସାଣି ଶୋଭାଯାତ୍ରା

କଟକ ଅଫିସ,୬।୯





ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପିନାକ ମିଶ୍ର, ମେୟର ସୁବାସ ସିଂ ଓ ବିଧାୟକ ମହମ୍ମଦ ମୋକିମଙ୍କ ସହ ଅନ୍ୟମାନେ।

**କମିଶନରେଟ୍ ପୋଲିସର ଦୁର୍ଗାପୂଜା ପ୍ରସ୍ତୁତି**

- ୨୪ ଘଣ୍ଟିଆ ଆଲୋକ, ପାଣି ଯୋଗାଣ
- ମେଢ଼ ସ୍ଥିତି ଜାଣିବାକୁ ଜିପିଏସ୍, ଡ୍ରୋନ୍ କ୍ୟାମେରା ଲଗାଇବା ପ୍ରସ୍ତାବ

ଚଳିତବର୍ଷ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ କଟକ ସହିଦ ଭବନରେ କମିଶନରେଟ୍ ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୧ରେ ମା' ଦୁର୍ଗାଙ୍କ ମହାଷଷ୍ଠୀ ପୂଜା ଓ ୬ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ୨୦୧୯ରେ ହୋଇଥିବା ପ୍ରଶାସନିକ ନୀତିନିୟମ ଅନୁସାରେ ପୂଜା ପାଳନ କରାଯିବ। ପୂଜା ପୂର୍ବରୁ ସହରର ରାସ୍ତାଘାଟ ମରାମତି, ଆଲୋକୀକରଣ କାର୍ଯ୍ୟ ଶେଷ ସହ ୨୪ ଘଣ୍ଟିଆ ଜଳ ଯୋଗାଣ କରାଯିବ। ସେହିପରି ଜାଇକା ମଧ୍ୟ ପୂଜାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଚାଲିଥିବା କାର୍ଯ୍ୟକୁ ଜନସାଧାରଣଙ୍କ ଉପଯୋଗୀ କରିବ। ରାତି ୧୨ଟା ପର୍ଯ୍ୟନ୍ତ ମାଇକ୍ ବାଜିବା ନିମନ୍ତେ ପୂଜା କମିଟି ପକ୍ଷରୁ ପୋଲିସ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସେହିପରି ବିଭିନ୍ନ ମେଢ଼ର ଅବସ୍ଥିତି ଜାଣିବା ପାଇଁ ଜିପିଏସ୍ ବ୍ୟବସ୍ଥା ସହ ଡ୍ରୋନ୍ କ୍ୟାମେରାର ଉପଯୋଗ କରିବାକୁ ପୂଜା କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ମେଢ଼ଗୁଡ଼ିକର ଲାଇସେନ୍ସ ପ୍ରଦାନ ସ୍ଥାନୀୟ ଥାନାରେ ହିଁ ହେବ। ପୂଜା ସମୟରେ ଟ୍ରାଫିକ୍ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି। ପୂଜା ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ଓହଳି ରହିଥିବା କେବୁଲ ତାର ହଟାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭସାଣିବେଳେ ମେଢ଼ ଶୋଭାଯାତ୍ରାକୁ ୨୦୦ ମିଟର ମଧ୍ୟରେ ସୀମିତ ରଖିବାକୁ ପରାମର୍ଶ ଦିଆଯାଇଛି। ଷଷ୍ଠୀପୂଜାରୁ ଆରମ୍ଭ କରି ଭସାଣି ପର୍ଯ୍ୟନ୍ତ ବିଭିନ୍ନ ଛକରେ ମୋବାଇଲ ଟଏଲେଟ୍ ରଖାଯିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ୍ ବିଶ୍ୱାଳ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ଅମରେନ୍ଦ୍ର ମହାନ୍ତି, ନୟନ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ ବୈଠକ ପରିଚାଳନା କରିଥିଲେ। ସହରର ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ।

# ୧୭ରୁ ମା' ଭଟ୍ଟାରିକାଙ୍କ ଷୋଡ଼ଶ ଉପଚାର ପୂଜା

ବଡ଼ମ୍ବା,୬।୯(ଡି.ଏନ୍.ଏ.)

ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ଷୋଡ଼ଶ ଉପଚାର ପୂଜା ଆସନ୍ତା ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୪ ପର୍ଯ୍ୟନ୍ତ ଚାଲିବ। ଏହାର ଶେଷ ୩ ଦିନ ମହୋତ୍ସବ ଭାବେ ପାଳନ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଭଟ୍ଟାରିକାସ୍ଥିତ ପାନ୍ଥନିବାସଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ତପନ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ମା' ଭଟ୍ଟାରିକାଙ୍କ ମହୋତ୍ସବ ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ଯାତ୍ରା ସମୟରେ ପାନୀୟ ଜଳ, ବିଦ୍ୟୁତ୍, ଶାନ୍ତି ଶୃଙ୍ଖଳା ରକ୍ଷା, ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଭଟ୍ଟାରିକା ଉନ୍ନୟନ ପରିଷଦ କମିଟି ସଭାପତି ଭ୍ରମରବର ନାୟକ, ସମ୍ପାଦକ ସନାତନ ବେହେରା, ଭଟ୍ଟାରିକା ସରପଞ୍ଚ ଶତ୍ରୁଜିତ ପୁହାଣ, କରଡିବନ୍ଧ ସରପଞ୍ଚ ନିବେଦିତା ଧଳସାମନ୍ତ, ସାନବାର୍ସିଙ୍ଗ ସରପଞ୍ଚ ସଦାନନ୍ଦ ସ୍ୱାଇଁ, ମା' ଭଟ୍ଟାରିକାଙ୍କ ମୁଖ୍ୟ ପୂଜକ ଶିରୀଷ ରଣା, ଆଠଗଡ଼ ଏସ୍‌ଡିପିଓ ବିଜୟ ବିଶି, ବଡ଼ମ୍ବା ଆଇଆଇସି ନିରଞ୍ଜନ ଦାଶ, ବଡ଼ମ୍ବା ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ୩୦ ନଂ. ଜୋନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟମାନେ।

# ଘୋଷଣାରେ ରହିଛି ଜାତିଭିତ୍ତିକ ଜନଗଣନା



ଯାଦବ ମହାସଭା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ଅଫିସ,୬।୯

**ଯାଦବ ମହାସଭାର ବୈଠକ**

ଜାତିଭିତ୍ତିକ ଜନଗଣନା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଅବହେଳା କରିଆସୁଛନ୍ତି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ମଧ୍ୟ ପଛୁଆ ବର୍ଗର ଲୋକମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହୋଇଥିଲେ। ରାଜ୍ୟ ସରକାରଙ୍କର ଟାଳଟୁଳ ନୀତି ପାଇଁ ଓଡ଼ିଶାରେ ଶିକ୍ଷା, ନିଯୁକ୍ତି, ରାଜନୈତିକ ଅଧିକାରରୁ ଏହି ବର୍ଗର ଲୋକେ ବଞ୍ଚିତ ହୋଇ ଆସୁଛନ୍ତି। ଦୁଇ ବର୍ଷ ହେବ ରାଜ୍ୟ ସରକାର ଜାତିଭିତ୍ତିକ ଜନ ଗଣନା ପାଇଁ ଘୋଷଣା କରିଥିଲେ ମଧ୍ୟ ଏଯାବତ ତାହା କେବଳ ଘୋଷଣାରେ ରହିଯାଇଛି ବୋଲି କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଉତ୍କଳ ଯାଦବ ମହାସଭାର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମତପ୍ରକାଶ ପାଇଛି। ମହାସଭାର ସଭାପତି ଆଶୀର୍ବାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, ଅଖିଳ ଭାରତୀୟ ରାଷ୍ଟ୍ରୀୟ ଯୁବ ସଭାପତି ଇଂ. ପ୍ରଦୀପ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ମିତ୍ରଭାନୁ ମହାକୁଡ଼, ଚିନ୍ମୟ ଦାସ, ହୃଷୀକେଶ ଗୌଡ଼, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ମହିଳା ସଭାନେତ୍ରୀ ଗୀତାରାଣୀ ଦାସ, ଉପସଭାପତି ଗୋପାଳ ବେହେରା, ପର୍ଶୁରାମ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ୩୪ଟି ସାଙ୍ଗଠନିକ ଜିଲାକୁ ୪ ଜୋନ୍‌ରେ ବିଭକ୍ତ କରାଯାଇ ଜୋନ୍‌ପ୍ରଭାରୀ ନିଯୁକ୍ତି କରାଯାଇଥିଲା। ଏଥିସହ ପଞ୍ଚାୟତସ୍ତରରୁ ଯାଦବମାନଙ୍କ ଜନଗଣନା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ବର୍ଷ ଯାଦବ ମହାସଭା ଶତ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ଡାକ୍ତର ବେହେରା ଧନ୍ୟବାଦ ଦେଇଥିଲେ।

## ଦୀନ୍‌ଦୟାଲ ଉପାଧ୍ୟାୟ ନିଯୁକ୍ତି ମେଳା

ମାହାଙ୍ଗା,୬।୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ପକ୍ଷରୁ କୁଆଁପାଳସ୍ଥିତ ଜବାହରଲାଲ ନେହେରୁ ମହାବିଦ୍ୟାଳୟ ପରିସରରେ ଦୀନ୍‌ଦୟାଲ ଉପାଧ୍ୟାୟ କର୍ମ ନିଯୁକ୍ତି ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ବହୁ ବେକାର ଯୁବତୀ ଯୁବକ ଯୋଗଦେଇ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ବିଡିଓ ନୀହାର ରଞ୍ଜନ ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବ୍ଲକସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ସିଡିପିଓ ପ୍ରମୋଦିନୀ ଦାସ, ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ମହାପାତ୍ର, ଏପିଓ ରାମାନୁଜ ମହାରଣା, ରୋଜାଲିନ୍ ଦାସ, ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଶାନ୍ତ ରାଉଳ, କମଳାକାନ୍ତ ମହାପାତ୍ର, ଜ୍ୟୋତିରଞ୍ଜନ ସାହୁ, ଲଲାଟ କିଶୋର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୬।୯(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ ବାଆଁରା ଧୂଳିଆ ଷଣ୍ଡ ପୀଠ ପରିସରରେ ଶ୍ରୀ ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ବିଦ୍ୟୁତ୍ ବିଭାଗ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପାଦକ ଗୌରାଙ୍ଗ ଚରଣ ରାଉତ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସନ୍ତୋଷ ମୁଦୁଲି, ଚନ୍ଦନ ଦତ୍ତ ଓ ଅନ୍ତର୍ଯ୍ୟାମୀ ଜେନା ଯୋଗଦେଇ ଦେଇଥିଲେ। ଏହି ଅବସରରେ ବାଙ୍କୀ, ବାରଙ୍ଗ, କଟକ, ଭୁବନେଶ୍ୱର ବିଦ୍ୟୁତ୍ ସେକ୍ସନର ୧୫ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ କର୍ମଚାରୀ ଓ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଡିଜିପିଙ୍କ ଦ୍ୱାରସ୍ଥ ହେଲେ ପରିବାର

କଟକ ଅଫିସ,୬।୯

**ପୋଲିସଠାରୁ ମିଳିଲାନି ନ୍ୟାୟ**

ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ନୀଳକଣ୍ଠପୁରର ରଜନୀ ଜେନା(୬୨)ଙ୍କ ପରିବାରକୁ ପଡ଼ୋଶୀ ଆକ୍ରମଣ କରିଥିଲେ। ଏ ନେଇ ରଜନୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଲାନାହିଁ। ଫଳରେ ରଜନୀଙ୍କ ପରିବାର ମଙ୍ଗଳବାର ଡିଜିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜମିବାଡି ବିବାଦକୁ ନେଇ ରଜନୀ ଓ ତାଙ୍କ ପଡ଼ୋଶୀ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ପରେ ଗ୍ରାମ ମୁରବିଙ୍କ ଉପସ୍ଥିତିରେ ବିବାଦର ସମାଧାନ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ପଡ଼ୋଶୀ ପରିବାର ଏହାକୁ ମାନି ନ ଥିଲେ। ଉକ୍ତ ପରିବାରର ସଦସ୍ୟମାନେ ସଂଘବଦ୍ଧ ଭାବେ ରଜନୀଙ୍କ ପରିବାରକୁ ଆକ୍ରମଣ କରିଥିଲେ। ଏପରି କି ତାଙ୍କ ଝିଅକୁ ପୋଖରୀରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ରଜନୀ ଓ ତାଙ୍କ ସ୍ୱାମୀ ପ୍ରତିରୋଧ କରିବାରୁ ଉକ୍ତ ପରିବାରର ସଦସ୍ୟମାନେ ସେମାନଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ମଙ୍ଗଳପୁର ମେଡିକାଲକୁ ପଠାଇଥିଲା। ଏ ନେଇ ସୋମବାର ରଜନୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଫଳରେ ସେମାନଙ୍କ ପରିବାର ଡିଜିପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ମଙ୍ଗଳପୁର ଆଇଆଇସି ରୀନାରାଣୀ ସାହୁ କହିଛନ୍ତି, ଉକ୍ତ ଘଟଣାରେ ତଦନ୍ତ କରାଯିବା ପରେ ୨ ଜଣଙ୍କୁ ଗିରଫ କରାଯାଇଛି।



ଡିଜିପିଙ୍କୁ ଭେଟିବାକୁ ଆସିଥିବା ରଜନୀ ଜେନାଙ୍କ ପରିବାର ସଦସ୍ୟ।

# ନାତିଙ୍କ ମୃତ୍ୟୁ ଦୁଃଖରେ ଆଖିବୁଜିଲେ ଜେଜେ

ନିଶ୍ଚିନ୍ତକୋଇଲି,୬।୯(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଲ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ସାପ କାମୁଡ଼ାରେ ରବିବାର ରାତିରେ ପ୍ରମୋଦ ଓଝାଙ୍କ ୩ ବର୍ଷର ଶିଶୁ ଆୟୁଷ୍ମାନଙ୍କ ମୃତ୍ୟୁ ଘଟିଥିଲା। ଏଭଳି ଦୁଃଖଦ ଖବରରେ ମିୟମ୍ରାଣ ହୋଇ ସୋମବାର ରାତିରେ ଜେଜେ ବୈଦ୍ୟନାଥ(୬୪)ଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ସୂଚନାଯୋଗ୍ୟ, ରବିବାର ଆୟୁଷ୍ମାନ ମା' କୋଳରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଫଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାପରଠାରୁ ଜେଜେ ବୈଦ୍ୟନାଥ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ସୋମବାର ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୈଦ୍ୟନାଥଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ଗ୍ରାମକୁ ଅଣାଯାଇଥିଲା। ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଚାଷୀଙ୍କ ପାଇଁ କୃଷକ କଲ୍ୟାଣ ଯଜ୍ଞ

ବାଙ୍କୀ,୬।୯(ସ୍ୱ.ପ୍ର.)

ବାଙ୍କୀର ବନ୍ୟା ପ୍ରପୀଡ଼ିତ ଚାଷୀ କୁଳଙ୍କ ଉନ୍ନତି ଏବଂ କିପରି ଭଲ ଫସଲ ଅମଳ ହେବ, ସେଥିନିମନ୍ତେ ମଙ୍ଗଳବାର ଏକ କୃଷକ କଲ୍ୟାଣ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଡମପଡା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମର ପ୍ରସିଦ୍ଧ ହନୁମାନ ମନ୍ଦିର ପରିସରରେ ଉକ୍ତ ଯଜ୍ଞ ନିରାଡମ୍ବର ସହକାରେ ପାଳିତ ହୋଇଯାଇଛି। କଟକ ଜିଲା ଭାରତୀୟ କିଷାନ ସଂଘର ସଭାପତି ରବୀନ୍ଦ୍ର ସାହୁଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ ମହାପାତ୍ର ଯୋଗଦେଇ କୃଷକଙ୍କ କଲ୍ୟାଣ ଓ ଉନ୍ନତି ନିମନ୍ତେ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ପୂଜକ ଭାବେ ବଟକୃଷ୍ଣ ଦାଶଙ୍କ ସମେତ ଦୀପକ ସାମନ୍ତରା, ପ୍ରମୋଦ ମହାରଣା, ସତ୍ୟରଞ୍ଜନ ଦାଶ ଓ ନିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



# ଭୀମ ଭୋଇ ଭିନ୍ନକ୍ଷମ ଶିବିରରେ ଅବ୍ୟବସ୍ଥା

ନିଶ୍ଚିନ୍ତକୋଇଲି,୬।୯(ସ୍ୱ.ପ୍ର.)

- ବର୍ଷାରେ ହଟହଟା ହେଲେ ଦିବ୍ୟାଙ୍ଗ
- ୨ ବିଭାଗର ଡାକ୍ତର ଆସିଲେନି

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ ଭୀମଭୋଇ ଭିନ୍ନକ୍ଷମ ଶିବିରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ଶିବିରରେ ଦୁଇ ବିଭାଗର ଡାକ୍ତର ନ ଆସିବାରୁ ଦିବ୍ୟାଙ୍ଗମାନଙ୍କୁ ହଟହଟା ହେବାକୁ ପଡ଼ିଛି। ଶେଷରେ ସେମାନଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ଭିନ୍ନକ୍ଷମମାନଙ୍କୁ ସହଜରେ ଓ ବିନା ଖର୍ଚ୍ଚରେ ଅନଲାଇନ ମାଧ୍ୟମରେ ପ୍ରମାଣପତ୍ର ଯୋଗାଇ ଦେବାପାଇଁ ସରକାରଙ୍କ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। ମାତ୍ର ବ୍ଲକ ପ୍ରଶାସନର ଦୂରଦୃଷ୍ଟି ଅଭାବ ଯୋଗୁ ଦିବ୍ୟାଙ୍ଗମାନେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଶିବିରରେ ଅସ୍ଥିଶଲ୍ୟ ବିଭାଗର ୫୪୭ ,ମାନସିକ ବିଭାଗର ୨୦୫, ଶ୍ରବଣ ବିଭାଗର ୧୨୫ ଓ ଚକ୍ଷୁ ବିଭାଗର ୧୩୮ ଜଣଙ୍କ ସମେତ ମୋଟ ୧୦୧୫ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଡିଓ, ଜିପିଓ ଓ ବ୍ଲକ କର୍ମଚାରୀମାନେ ପରିଚାଳନା କରିଥିଲେ। ଅନଲାଇନ ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ ପ୍ରମାଣପତ୍ର ଦିଆଯିବ ବୋଲି ବିଡିଓ କହିଥିଲେ। ମାତ୍ର ଦୁଇ ପ୍ରମୁଖ ବିଭାଗ ଥାଲାସାମିଆ ଓ ସ୍ନାୟୁବିଭାଗର କୌଣସି ଡାକ୍ତର ଆସି ନ ଥିବାରୁ ଶିବିରକୁ ଆସିଥିବା ଏହି ବିଭାଗର ଦିବ୍ୟାଙ୍ଗମାନେ ନିରାଶ ହୋଇଛନ୍ତି। ଏହାଛଡ଼ା ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ ଲଗାଣ ବର୍ଷାର ସୂଚନା ଦିଆଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଶିବିରରେ ପାଲ ଟଣାଯାଇ ନ ଥିଲା। ଫଳରେ ବର୍ଷା ହେବାରୁ ଦିବ୍ୟାଙ୍ଗମାନେ ଭିଜିଯାଇଥିଲେ। ଅସ୍ୱାସ୍ଥ୍ୟକର ପରିବେଶରେ ଭୋଜନାଳୟ ପାଇଁ ବ୍ୟବସ୍ଥା ହୋଇଥିବାରୁ ଦିବ୍ୟାଙ୍ଗମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶିବିର ସମ୍ପର୍କରେ ବ୍ଲକର ୪୧ ପଞ୍ଚାୟତକୁ ଠିକ୍ ଭାବେ ସୂଚନା ଦିଆଯାଇନଥିବାରୁ ବହୁ ହିତାଧିକାରୀ ଏବିଷୟରେ ଅବଗତ ନ ଥିବା ଜଣାପଡ଼ିଛି। ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କୁହନ୍ତି, ସକାଳୁ ଡାକ୍ତରମାନେ ନ ଆସିବା ପାଇଁ ସୂଚନା ଦେଇଥିଲେ। ତେଣୁ ଆମେ ପଦକ୍ଷେପ ନେଇପାରିନାହୁଁ। ହଠାତ ବର୍ଷା ଆସିବାରୁ ଶିବିରରେ ପାଣି ଜମିଯାଇଥିଲା। ବର୍ଷା ଛାଡିବା ପରେ ସ୍ୱାଭାବିକ ଅବସ୍ଥା ଫେରିଥିଲା। ଏନେଇ ମାଇକ ମାଧ୍ୟମରେ ସୂଚନା ଦିଆଯାଇଥିଲା।





ଅସ୍ୱାସ୍ଥ୍ୟକର ପରିବେଶରେ ଭୋଜନ ବ୍ୟବସ୍ଥା କରାଯାଉଛି।